


# ସଂଚାର
THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 64 | ଭାଗ ୩୪ | ସଂଖ୍ୟା ୬୪ Bhubaneswar | Tuesday 27 May 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୨୭ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ଖୋର୍ଦ୍ଧା-ବଲାଙ୍ଗିର ରେଳପଥରେ ଅଘଟଣ

## ଭୁଶୁଡ଼ିଲା ନିର୍ମାଣାଧୀନ ବୃହତ ରେଳ ଟନେଲ



**ବୌଦ୍ଧ,୨୬।୫(ସଂଚାର ବ୍ୟୁରୋ):** ନିମ୍ନ ମାନର କାମ ଯୋଗୁଁ ଭୁଶୁଡି ପଡ଼ିଲା ୫ କିମି ଦୈର୍ଘ୍ୟବିଶିଷ୍ଟ ଓଡ଼ିଶାର ସର୍ବବୃହତ ରେଳ ଟନେଲ। ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ବୌଦ୍ଧ ଜିଲ୍ଲା ଆଡ଼େଣିଗଡ଼ ନିର୍ମାଣାଧୀନ ରେଳ ଟନେଲ ଆଜି ଭୁଶୁଡି ପଡିଛି। ଫଳରେ ୩୦ ଫୁଟ ଗଭୀରତାର ଏକ ଗର୍ତ୍ତ ସୃଷ୍ଟି ହୋଇଛି।

ସୂଚନାନୁସାରେ, ସୋମବାର ଆଡ଼େଣିଗଡ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଟନେଲରେ ୩୦ ଫୁଟର ଏକ ଗାତ ହୋଇଥିବା ଦେଖିବାକୁ ମିଳିଛି। ଟନେଲର ଲମ୍ବ ୫ କିମି ଥିବା ବେଳେ ନିର୍ମାଣାଧୀନ ଟନେଲରେ ୩୦ ଫୁଟର ଗାତ ସୃଷ୍ଟି ହୋଇଛି। କାମଟିକୁ ଗିଲ ଠିକା ସଂସ୍ଥା କରୁଥିବା ବେଳେ କେଉଁ ପରିସ୍ଥିତିରେ ଟନେଲ ଭୁଶୁଡିଛି, ସେନେଇ କିଛି ବି ସୂଚନା ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚିଛନ୍ତି। କିନ୍ତୁ ଟନେଲ୍ ଭୁଶୁଡ଼ି ପଡ଼ିଥିଲେ ମଧ୍ୟ ଏଥିରେ କେହି ବି ମୃତାହତ ହୋଇ ନଥିବା ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛଇ। ଟନେଲ ଭିତରେ କେହି ଫସି ନଥିବା ମଧ୍ୟ

**● ସ୍ଥିତି ଅନୁଧ୍ୟାନ କରୁଛି ଓଡ୍ରାଫ ଓ ଅଗ୍ନିଶମ ଟିମ**

ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି।

ଆଜି ବିଳମ୍ବିତ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚିଛି ଓଡ୍ରାଫ ଟିମ୍। ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ ପାଇଁ ଓଡ୍ରାଫ ଟିମ ପହଞ୍ଚିଥିଲେ ବି ସେମାନେ ଟନେଲ ଭିତରକୁ ଯାଇପାରିନାହାଁନ୍ତି। ମାଟି ଅତଡା ଖସିଥିବା ସ୍ଥାନଠାରୁ ୨୦ ଫୁଟ ଦୂରରେ ୫ ଫୁଟ ଉଚ୍ଚର ପାଣି ଜମିଥିବାରୁ ଘଟଣାସ୍ଥଳକୁ ➩ପୃଷ୍ଠା-୬

ପରିଚାଳନା କମିଟି ବଦଳରେ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକ

# ଦୀଘାରୁ ହଟୁ 'ଧାମ', ଶବ୍ଦାବଳୀର ହେବ ପ୍ୟାଟେଣ୍ଟ

- ଓଡ଼ିଶା ବିରୁଦ୍ଧରେ ପଶ୍ଚିମବଙ୍ଗ କରିଛି ଷଡ଼ଯନ୍ତ୍ର
- ସ୍ଥିର ହେଲା ରଥଯାତ୍ରା ନୀତି ନିର୍ଘଣ୍ଟ
- ରଥକୁ ମୋବାଇଲ ନେଲେ ଫୌଜଦାରୀ ମାମଲା



**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ଗତ ୯ ମାସ ହେବ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନଥିବାରୁ କମିଟିରେ ଥିବା ଏକ୍ସ-ଅଫିସିଓ ସଦସ୍ୟଙ୍କୁ ନେଇ ଶ୍ରୀମନ୍ଦିର ପ୍ରଶାସନର ଆଜି ଏକ ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ରଥଯାତ୍ରା ନୀତି ନିର୍ଘଣ୍ଟ ସ୍ଥିରୀକୃତ ହୋଇଛି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବା ସହ ରଥଯାତ୍ରାକୁ ଶୃଙ୍ଖଳିତ କରିବା ଓ ଗତବର୍ଷ ଭଳି ଚାରମାଳ ବିଭ୍ରାଟର ପୁନରାବୃତ୍ତି ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ବୈଠକରେ ଦୀଘା ଜଗନ୍ନାଥ ମନ୍ଦିର ବିବାଦ ଉପରେ ମଧ୍ୟ ସରଗରମ ଆଲୋଚନା ହୋଇଛି।

ପ୍ରଥମ ଥର ପାଇଁ ଦୀଘା 'ଜଗନ୍ନାଥ ଧାମ' ବିବାଦରେ ମୁହଁ ଖୋଲିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ସେ ସଫା ସଫା କହିଛନ୍ତି ଯେ କୌଣସି ପରିସ୍ଥିତିରେ ବି ଏହାକୁ 'ଜଗନ୍ନାଥ ଧାମ' ବୋଲି କୁହାଯାଇ ପାରିବନାହିଁ। କାରଣ ଏହା ପରମ୍ପରାବିରୋଧୀ। ଜଗନ୍ନାଥ ଧାମ, ପୁରୁଷୋତ୍ତମ କ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର କହିଲେ କେବଳ ପୁରୀକୁ ହିଁ ବୁଝାଏ। ବିଶ୍ୱରେ ଅନେକ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇଛି, ହେଲେ ଅଦ୍ୟାବଧି କେହି ବି ଉକ୍ତ ମନ୍ଦିରକୁ 'ଧାମ' ନାମ ଦେଇନାହାନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଶ୍ରୀକ୍ଷେତ୍ର ହିଁ ଜଗନ୍ନାଥ ଧାମ ବୋଲି ସ୍ପଷ୍ଟ କରିବା ସହ ଯୋଶୀ ମଠ ଶଙ୍କରାଚାର୍ଯ୍ୟଙ୍କ ସପକ୍ଷରେ ମତ ରଖିଛନ୍ତି। ଦୀଘାରେ ଯେହେତୁ ଖୋଦ୍ ପଶ୍ଚିମବଙ୍ଗ ସରକାର ମନ୍ଦିର ନିର୍ମାଣ କରିଛନ୍ତି, ତେଣୁ ଦୀଘାରୁ ଧାମ ଶବ୍ଦ ଉଚ୍ଛେଦ ନେଇ ସେଠାକାର ସରକାରଙ୍କ ସହ ଓଡ଼ିଶା ସରକାର ଆଲୋଚନା କରି ଶୀଘ୍ର ଏହି ବିବାଦର ସମାଧାନ କରିବାକୁ ମହାପ୍ରଭୁଙ୍କ ଆଦ୍ୟ ସେବକ ପରାମର୍ଶ ଦେଇଛନ୍ତି।

ଖାଲି ଏତିକି ନୁହେଁ, ଦୀଘା ଧାମ ପ୍ରସଙ୍ଗରେ ଇସ୍କନ ଭୂମିକାକୁ ନେଇ ବି କ୍ଷୋଭ ପ୍ରକାଶ କରିଛନ୍ତି ଗଜପତି ମହାରାଜା। ଦୀଘାକୁ ଧାମ ନାମ ଦିଆଯିବା ବେଳେ ସଂସ୍ଥା କିଭଳି ସବୁ ଜାଣି ଆପତ୍ତି ଉଠାଇଲାନି ଓ ପଶ୍ଚିମବଙ୍ଗ ସରକାର ଗଢ଼ିଥିବା ମନ୍ଦିର ଟ୍ରଷ୍ଟ ➩ପୃଷ୍ଠା-୬

# ମୋହନଙ୍କୁ ମୋଦିଙ୍କ ୫ ଟାସ୍କ

- ● ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେବାକୁ ନିର୍ଦ୍ଦେଶ
- ● ରାଜ୍ୟରେ ବର୍ଷ ପୂର୍ତ୍ତି ସହ ଏନଡିଏର ୧୧ ବର୍ଷର ଉପଲବ୍ଧି
- ● ଘରେ ଘରେ ପହଞ୍ଚିବ ଜରୁରୀ ପରିସ୍ଥିତିର କଳା ସତ



**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ) :** ମୋହନ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କ ପାଇଁ ଚ୍ୟାଲେଞ୍ଜିଂ ହେବାକୁ ଯାଉଛି ଜୁନ୍ ମାସ। ଲୋକଙ୍କ ପାଖରେ ରଖିବେ ନିଜ ସରକାରର ପ୍ରଥମ ବର୍ଷ ପୂର୍ତ୍ତିର ରିପୋର୍ଟ କାର୍ଡ। ଏଥିସହ ମାସେ ବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଟାସ୍କ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ 'ଅପରେସନ ସିନ୍ଦୂର'ର ସଫଳତା ସହ ଜାତିଭିତ୍ତିକ ଜନଗଣନା କଥା ଲୋକଙ୍କ ପାଖରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ପାଞ୍ଚ ବଡ଼ କାର୍ଯ୍ୟକ୍ରମ ହାତକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ମୋଦି। ସେଗୁଡିକ ହେଲା- ୫ ତାରିଖରେ ପରିବେଶ ଦିବସ ପାଇଁ ବଡ଼ ଆୟୋଜନ। ୯ ତାରିଖରେ ଏନଡିଏ ସରକାରଙ୍କ ତୃତୀୟ ପାଳିର ପ୍ରଥମ ବର୍ଷ ପୂରଣକୁ ଉତ୍ସବ ଭାବେ ପାଳନ କରାଯିବ। ୧୨ରେ ରାଜ୍ୟ ➩ପୃଷ୍ଠା-୬

# ଭାରତ ଶିକ୍ଷା ଓ କ୍ରୀଡ଼ାର ଅନ୍ତୁଡ଼ିଶାଳ



### ଭାରତ ଆସିବ ଲିଭରପୁଲ୍ ବିଶ୍ୱବିଦ୍ୟାଳୟ

### ଷ୍ଟେମ୍ ଶିକ୍ଷାରେ କ୍ୟାମ୍ପସ ଖୋଲିବାକୁ ୧୫ ବିଦେଶୀ ବିଶ୍ୱବିଦ୍ୟାଳୟ ଆଗ୍ରହୀ

**ନୂଆଦିଲ୍ଲୀ,୨୬।୫:** ଭାରତରେ ନିଜର ଏକ କ୍ୟାମ୍ପସ ସ୍ଥାପନ କରିବ ୟୁକେର ପ୍ରତିଷ୍ଠିତ ଲିଭରପୁଲ୍ ବିଶ୍ୱବିଦ୍ୟାଳୟ। ଏନେଇ ସୋମବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଠରେ ଉକ୍ତ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟକୁ ପ୍ରସ୍ତାବନା ପତ୍ର (ଏଲଓଆଇ) ହସ୍ତାନ୍ତର କରିଛନ୍ତି। ୟୁଜିସି (ଭାରତରେ ବିଦେଶୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର କ୍ୟାମ୍ପସ ସ୍ଥାପନ ଏବଂ ପରିଚାଳନା) ନିୟମାବଳୀ, ୨୦୨୩ ଅନୁଯାୟୀ ଦ୍ୱିତୀୟ ବିଦେଶୀ ବିଶ୍ୱବିଦ୍ୟାଳୟ ଭାବେ ଏହାକୁ ଏଲଓଆଇ ପ୍ରଦାନ କରାଯାଇଛି।

ଏହାକୁ ସ୍ୱାଗତ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷାରେ ଭାରତ ବିଶ୍ୱସ୍ତ ଅଂଶୀଦାର ଭାବରେ ଉଭା ହୋଇଛି। ଆଜିର ଏଲଓଆଇ ତାହାର ଏକ ପ୍ରତିଫଳନ। ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଭାରତର ଶୈକ୍ଷିକ ସହଯୋଗକୁ ଆଗେଇ ନେବା ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଥାକୁ ଦୋହରାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦିଜୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି ମହତ୍ତ୍ୱାକାଂକ୍ଷାକୁ ସାକାର କରିବା ଦିଗରେ ଜାତୀୟ ଶିକ୍ଷା ନୀତି ଏକ ଚାବିକାଠି ଭାବରେ ଅବତୀର୍ଣ୍ଣ ହୋଇଛି । ମୂଳ, ଭବିଷ୍ୟତବାଦୀ ଏବଂ ବିଶ୍ୱସ୍ତରୀୟ ଶିକ୍ଷାକୁ ପ୍ରୋତ୍ସାହନ ଦେଉଥିବା ଜାତୀୟ ଶିକ୍ଷା ନୀତିର ପ୍ରମୁଖ ପରାମର୍ଶ ହେଉଛି ବୈଶ୍ୱିକ ନାଗରିକ ସୃଷ୍ଟି କରିବା । କେନ୍ଦ୍ରମନ୍ତ୍ରୀ ଏହି ଅବସରରେ ଗବେଷଣା, ବିକାଶ ଏବଂ ନବସୃଜନ ଭଳି କ୍ଷେତ୍ର ଉପରେ ଧ୍ୟାନ ଦେବାକୁ ଆହ୍ୱାନ କରିଥିଲେ। ଲିଭରପୁଲ ➩ପୃଷ୍ଠା-୬

# ଦେଶଦ୍ରୋହୀ ଜ୍ୟୋତିଙ୍କୁ ମିଳିଲାନି ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୬।୫ :** ପାକିସ୍ତାନ ପାଇଁ ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ଗିରଫ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଆଶ୍ୱସ୍ତି ମିଳି ନାହିଁ। ହିସାର କୋର୍ଟ ସୋମବାର ତାଙ୍କୁ ୧୪ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ମେ'୨୨ରେ ଜ୍ୟୋତିଙ୍କ ଜାମିନକୁ ନେଇ କୋର୍ଟରେ ଶୁଣାଣି ହୋଇଥିଲା। ସେତେବେଳେ ହିସାରର କୋର୍ଟ ତାଙ୍କର ପୁଲିସ ହେପାଜତ ୪ଦିନ ପାଇଁ ବଢାଇ ଥିଲେ। ୩୩ ବର୍ଷିୟା ୟୁଟ୍ୟୁବରଙ୍କ ୫ଦିନିଆ ପୁଲିସ ହେପାଜତର ଅବଧି ଶେଷ ହେବା ପରେ କୋର୍ଟରେ ହାଜର କରାଯାଇ ଥିଲା। ଜ୍ୟୋତି ସେହି ୧୨ଜଣ ଲୋକଙ୍କ ସହ ସାମିଲ ଅଛନ୍ତି, ଯାହାଙ୍କୁ ଗତ ଦୁଇ ସପ୍ତାହରେ ଗୁପ୍ତଚର ସନ୍ଦେହରେ ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶରୁ ଗିରଫ କରାଯାଇଛି। ଏମାନେ ଉତ୍ତର ଭାରତରେ ପାକିସ୍ତାନ ସହ ଜଡ଼ିତ ଗୁପ୍ତଚର ନେଟୱାର୍କ ଚଲାଇବାରେ ସକ୍ରିୟ ଥିଲେ।



ହିସାରରେ ରହୁଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଚ୍ୟାନେଲର ନା 'ଟ୍ରାଭେଲ ୱିଦ୍ ଜୋ'। ନ୍ୟୁ ଅଗ୍ରସେନ ଏକ୍ସଟେନ୍ସନରୁ ଗିରଫ ହେବା ପରେ ତାଙ୍କ ବିରୋଧରେ ସରକାରୀ ଗୋପନୀୟତା ଅଧିନିୟମ ଓ ଭାରତୀୟ ➩ପୃଷ୍ଠା-୬

**୧୪ଦିନିଆ ନ୍ୟାୟିକ ହେପାଜତକୁ ଗଲେ**

## ଏନ୍ଆଇଏ ପଞ୍ଝାରେ ସିଆର୍‌ପିଏଫ୍ ଯବାନ

ଦେଶର ସୁରକ୍ଷା ଓ ସମ୍ମାନ ରଖିବା ପାଇଁ ପିନ୍ଧିଥିଲେ ବର୍ଦ୍ଦି। କିନ୍ତୁ ଦେଶକୁ ସୁରକ୍ଷା ଦେବେ କ'ଣ, ବରଂ ଦେଶର ଗୁପ୍ତ ତଥ୍ୟ ଶତ୍ରୁ ଦେଶକୁ ଦେବାରେ ଲାଗିପଡ଼ିଥିଲେ ଜଣେ ଯବାନ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦିଲ୍ଲୀରୁ ଜଣେ ଏପରି ଦେଶଦ୍ରୋହୀ ସିଆରପିଏଫ ଯବାନଙ୍କୁ ଗିରଫ କରିଛି। ଅଭିଯୋଗ ହୋଇଛି ଯେ ସେ ଦେଶ ସହ ଜଡ଼ିତ ସମ୍ବେଦନଶୀଳ ସୂଚନା ପାକିସ୍ତାନ ଗୁଇନ୍ଦା ଅଫିସରଙ୍କୁ ପଠାଉଥିଲେ। ରିପୋର୍ଟ ଅନୁସାରେ, ଯବାନ ଜଣଙ୍କ ସୂଚନା ପଠାଇବା ପାଇଁ ଟଙ୍କା ପାଉଥିଲେ। ସେ ଏହି କାମ ପାଇଁ ସୋସିଆଲ ମିଡିଆ ବ୍ୟବହାର କରୁଥିଲେ। 'ଅପରେସନ ସିନ୍ଦୂର' ପରେ ଦେଶରୁ ଅନେକ ଗୁପ୍ତଚର ଧରାପଡ଼ିଛନ୍ତି। ନିକଟରେ ଜ୍ୟୋତି ମାଲହୋତ୍ରା ନାମକ ଜନୈକା ୟୁଟ୍ୟୁବରଙ୍କୁ ମଧ୍ୟ ➩ପୃଷ୍ଠା-୬



ଟଙ୍କା ପାଇଁ ଆତଙ୍କୀଙ୍କ ଗୁଲାମ ହୋଇଛନ୍ତି ପାକିସ୍ତାନ ସରକାର ଓ ସେନା

ଭୁଜ୍‌ରୁ ପାକିସ୍ତାନୀଙ୍କୁ ଚେତାଇଦେଲେ ମୋଦି

# ରୁଟି ଖାଅ, ଶାନ୍ତିରେ ରୁହ ; ନଚେତ୍...

**ଅହମ୍ମଦାବାଦ,୨୬।୫ :** ଗୁଜରାଟର ଭୂଜ୍ ମାଟିରୁ ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦ ଏବଂ ଆତଙ୍କବାଦକୁ ଆଶ୍ରୟ ଦେଉଥିବା ପାକିସ୍ତାନୀଙ୍କୁ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ପୂର୍ବରୁ ଏକାଧିକ ବାର ପାକିସ୍ତାନ ପ୍ରଶାସନକୁ ଟାର୍ଗେଟ୍ କରିଥିବା ମୋଦି ଆଜି ପାକିସ୍ତାନୀଙ୍କୁ ପରାମର୍ଶ ଦେଇ ସୁଧୁରିଯିବାକୁ କହିଛନ୍ତି। 'ଅପରେସନ୍ ସିନ୍ଦୂର' ପରେ ପ୍ରଥମ ଥର ପାଇଁ ଆଜି ପ୍ରଧାନମନ୍ତ୍ରୀ ଗୁଜରାଟରେ ପହଞ୍ଚି ଭୂଜ୍‌ରେ ଅନୁଷ୍ଠିତ ଏକ ସଭାରେ ପୁଣିଥରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ଏଥର ସେ ପାକିସ୍ତାନର ନାଗରିକମାନଙ୍କୁ କହିଛନ୍ତି ଯେ ଭାରତ ପର୍ଯ୍ୟଟନରେ ବିଶ୍ୱାସ କରେ। କାରଣ ପର୍ଯ୍ୟଟନ ଲୋକଙ୍କୁ ଯୋଡ଼େ। କିନ୍ତୁ ପାକିସ୍ତାନ ଏପରି ଏକ ଦେଶ, ଯିଏ ଆତଙ୍କବାଦକୁ ପର୍ଯ୍ୟଟନ ଭାବରେ ବିବେଚନା କରୁଛି। କିନ୍ତୁ ଏହା ବିଶ୍ୱ ପାଇଁ ସବୁଠାରୁ ବଡ଼ ବିପଦ ବୋଲି ପାକିସ୍ତାନର ଜନସାଧାରଣ ➩ପୃଷ୍ଠା-୬



**କାନ ଡେରିଥା**

ସାବିତ୍ରୀରେ ପରା ଦରମା ଗଣ୍ଡାକ
ବଜାରରେ ସରିଗଲା
ତଥାପି ସାବିତ୍ରୀ
ମନ ଦୁଃଖେ ଅଛି
କେତେ ଅଭିଳାଷ ଥିଲା
ସୁନା ମିଳିବାର ଥିଲା....
ସ୍ୱାମୀଟିର ଆଜି ପାଦ ଛୁଇଁଦେଇ
କଳି କାଲିକୁ ରଖିଲା।

■ ଦେବାଶିଷ

# ବର୍ଷପୂର୍ତ୍ତି ପରକୁ ଆଶାୟୀଙ୍କ ଅପେକ୍ଷା




- ● ଭୁବନେଶ୍ୱରଠାରୁ ଦିଲ୍ଲୀ ଯାଏ ଲବି
- ● ସମତୁଲତା ପାଇଁ ଅବଗଣନା ଆରମ୍ଭ

**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ବିଜେପି ସରକାରକୁ ଜୁନ୍ ୧୨ ତାରିଖରେ ବର୍ଷଟିଏ ପୂରିବାକୁ ଯାଉଥିବା ବେଳେ ଧୂମ୍‌ଧାମ୍‌ରେ ବର୍ଷପୂର୍ତ୍ତି ପାଳନ ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କର୍ମୀଙ୍କଠାରୁ ଆରମ୍ଭ କରି ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଚଳଚଞ୍ଚଳ। ତେବେ ଏହାରି ଭିତରେ ମନ୍ତ୍ରୀରୁ ନିଗମ ପର୍ଯ୍ୟନ୍ତ ଆଶାୟୀମାନେ ବର୍ଷପୂର୍ତ୍ତି ପରକୁ ଧୈର୍ଯ୍ୟର ସହ ଅପେକ୍ଷା କରିଛନ୍ତି। ଏହାପରେ ନିଶ୍ଚିତ ସେମାନଙ୍କ ଭାଗ୍ୟ ଖୋଲିବ ବୋଲି ଆଶା ବି ବାନ୍ଧିଛନ୍ତି।

ରାଜ୍ୟ ମନ୍ତ୍ରିମଣ୍ଡଳରେ ୬ଟି ପଦ ଖାଲିଥିବା ବେଳେ ଗତ ପ୍ରାୟ ଚାରି ମାସ ହେଲା ସମ୍ପ୍ରସାରଣକୁ ନେଇ ଆଲୋଚନା ଚାଲିଛି। ମୁଖ୍ୟମନ୍ତ୍ରୀ ନିଜ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିବା ସହ ଖାଲି ପଡିଥିବା ସ୍ଥାନରେ ୬ ଜଣ ନୂଆ ମନ୍ତ୍ରୀଙ୍କୁ ନେବେ ବୋଲି ବିଭିନ୍ନ ମହଲରେ ଆଲୋଚନା ଜାରି ରହିଛି। ତେବେ ଆଲୋଚନା ଆରମ୍ଭ ମାତ୍ରେ ବିଭିନ୍ନ ସ୍ତରରେ ଲବି ସହ ବିଜେପି ରାଜନୀତି ଚଳଚଞ୍ଚଳ ହୋଇପଡୁଛି। ଆଶାୟୀଙ୍କ ତାଲିକା ଲମ୍ବିବା ସହ ନିଜ ମନ୍ତ୍ରୀପଦରେ ଯେଭଳି କୌଣସି ଆଞ୍ଚ ନଆସେ, ସେଥିପ୍ରତି ବି ମନ୍ତ୍ରୀମାନେ ଲାଗି ପଡୁଥିବା ଲକ୍ଷ୍ୟ କରାଯାଉଛି।

ଏଥିସହ ନୂଆ ସରକାର ଗଠନ ପରେ ରାଜ୍ୟ ଯୋଜନା ବୋର୍ଡଠାରୁ ଆରମ୍ଭ କରି ସରକାରୀ ନିଗମ ଓ ବୋର୍ଡରେ ରାଜନୈତିକ ନିଯୁକ୍ତି ହୋଇନାହିଁ। ଏଠାରେ ନିଯୁକ୍ତିର ଅଧିକ ସୁଯୋଗ ଥିବାରୁ ଆଶାୟୀଙ୍କ ସଂଖ୍ୟା ବି ବେଶ୍ ଅଧିକ। ସାଧାରଣତଃ ନୂଆ ସରକାର ଗଠନ ପରେ ପରେ ନିଗମ, ବୋର୍ଡ ଆଦିରେ ରାଜନୈତିକ ଥଇଥାନ କରାଯାଇଥାଏ। ନିର୍ବାଚନ ସମୟରେ ଦଳ ପାଇଁ ଝାଳ ବୁହାଇଥିବା ନେତାମାନେ ଏଠାରେ ନିଯୁକ୍ତି ପାଇଥାନ୍ତି। ହେଲେ ରାଜ୍ୟରେ ବିଜେପି ସରକାର ଗଠନ ପରେ ମଧ୍ୟ ସେଭଳି କିଛି ହେଲାନାହିଁ। ଅନେକ ଆଶାୟୀଙ୍କ ଆଶା ଆଶାରେ ରହିଯାଇଛି। ଏବେ ବର୍ଷପୂର୍ତ୍ତି ପରକୁ ସେମାନେ ବି ଅପେକ୍ଷା କରିଛନ୍ତି।

ସେହିଭଳି ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି କ୍ଷେତ୍ର ହେଉଛି ରାଜ୍ୟ ➩ପୃଷ୍ଠା-୬

## ଦେଶରେ ହଜାରେ ଟପିଲା କରୋନା ସଂକ୍ରମିତ ସଂଖ୍ୟା



- ● କେରଳ, ଦିଲ୍ଲୀ ଓ ମହାରାଷ୍ଟ୍ର ଆଗରେ
- ● ସପ୍ତାହକ ଭିତରେ ୭୫୨ ଚିହ୍ନଟ

**ନୂଆଦିଲ୍ଲୀ,୨୬।୫:** କରୋନା ଭାଇରସ ପୁଣି ଥରେ ସାରା ଦେଶରେ ତା'ର କାୟା ବିସ୍ତାର ଆରମ୍ଭ କରିଛି। ଯାହା ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରମାନେ ନଜର ରଖିଛନ୍ତି। ସୋମବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ, କରୋନା ସଂକ୍ରମଣ ସକ୍ରିୟ ମାମଲା ସଂଖ୍ୟା ୧୦୦୯ରେ ପହଞ୍ଚିଛି। ଯେଉଁଥିରୁ ୭୫୨ଟି ମାମଲା ସମ୍ପ୍ରତି ନିଶ୍ଚିତ ହୋଇଛି। ଗତ ଦୁଇ ସପ୍ତାହ ଧରି ଏହି ସଂଖ୍ୟା ୨୫୭ ଥିଲା। କିନ୍ତୁ ସୋମବାର ପ୍ରକାଶିତ ସଦ୍ୟତମ ସଂଖ୍ୟାରେ ମାମଲା ବୃଦ୍ଧି ପାଇଛି। ଏଥିସହ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅଦ୍ୟାବଧି କରୋନାରେ ୭ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି, ଯେଉଁଥିରେ ମହାରାଷ୍ଟ୍ରରେ ୪, କେରଳରେ ➩ପୃଷ୍ଠା-୬

### କୁମ୍ଭକର୍ଣ୍ଣ ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ

# ପଲେଇ-କଣିପଡ଼ା ରାସ୍ତା ଅବସ୍ଥା ସୁଧୁରିବ କେବେ ?

**ଡେରାବିଶ, ୨୬।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଠାରୁ ପଲେଇ ପଞ୍ଚାୟତରେ କଣିପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ବ୍ଲକ ଅଧୀନ ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ତିନି କିଲୋମିଟର ରାସ୍ତା ବ୍ୟସ୍ତବହୁଳ। ଏହି ରାସ୍ତା ଉପରେ ପ୍ରତ୍ୟହ ଚାନ୍ଦୋଳ ପଞ୍ଚାୟତ ସମେତ ପଲେଇ, ବାଳିଆ, ନରସିଂହପୁର ଓ ଏଣ୍ଡର ପଞ୍ଚାୟତ ସମେତ ମାହାଙ୍ଗା କୁଜର ହଜାର ହଜାର ଜନସାଧାରଣ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ମନମାନି ଯୋଗୁଁ ରାସ୍ତାର ଅବସ୍ଥା ସୁଧୁରି ପାରୁ ନଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି।



ପ୍ରତ୍ୟେକ ବର୍ଷ ଏହି ରାସ୍ତା ମରାମତି ହେଉଥିଲେ ମଧ ମାସେ ନ ପୁରୁଣୁ ପୁନର୍ବାର ପରିତ୍ୟକ୍ତ ଅବସ୍ଥାକୁ ଚାଲିଆସୁଛି । ଏହି ରାସ୍ତା ଦେଇ ଶତାଧିକ ରୋଗୀ ପ୍ରତିଦିନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଯିବା ଆସିବାରେ ବହୁ ଅସୁବିଧାରେ ପଡିଥାନ୍ତି । ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି। କିଛି ମାସ ପୂର୍ବେ ଏହି ରାସ୍ତାଟି ମରାମତି କରାଯାଇଥିଲେ ମଧ ରାସ୍ତାର ବହୁ ସ୍ଥାନରେ ବଡ ବଡ ଗାଡ଼ ସୃଷ୍ଟି ହୋଇ ଧନଜୀବନ ହାନିର କାରଣ ପାଲଟିଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କିଛି ସୁଫଳ ମିଳିନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି।

ପଲେଇ ପଞ୍ଚାୟତ ସରପଞ୍ଚ ଅକ୍ଷୟ ସାହୁ ରାସ୍ତା ମରାମତି ସମୟରେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଓ ମାନ ପ୍ରତି ଧ୍ୟାନ ଦିଆଯାଇ ନଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ପ୍ରକାଶ କରିଛନ୍ତି । ଏହି ରାସ୍ତାକୁ ଖୁବ୍‌ଶୀଘ୍ର ମରାମତି କରାଯାଇ ଯାତାୟାତ ଉପଯୋଗୀ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।



## ହାଇୱା ସାଜିଛି ଦୁର୍ଘଟଣାର କାରଣ

### ଅକାଳରେ ଝରିପଡୁଛି ମୂଲ୍ୟବାନ ଜୀବନ

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁ

**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** ବେଧଡକ ଭାବରେ ହାଇୱା ଚଳାଚଳ ପାଇଁ ଏବେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅକାଳରେ ମୂଲ୍ୟବାନ ଜୀବନ ଝରିପଡୁଛି। କିଛି ଦିନ ହେବ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ହାଇୱା ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ଖବର ଦେଖିବାକୁ ମିଳିଛି। ବାରମ୍ବାର ଏ ଘଟଣା ଘଟିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଦିନ ସମୟରେ ସହର ଓ ଗାଁ ମାନଙ୍କରେ ଭାରିଯାନ ଗାଡ଼ି ପ୍ରବେଶକୁ ରୋକ୍ ଲଗାଯାଇଥିଲା। ହେଲେ ସବୁ କଟକଣାକୁ ଫୁଙ୍କରି ଦିନ ସମୟରେ ଆବଶ୍ୟକତା ଠାରୁ ଅଧିକ ଲୋଡ୍ ନେଇ ହାଇୱା ଗୁଡ଼ିକ ଯାତାୟତ କରୁଛନ୍ତି। ବେଫିକର ଭାବରେ ଦ୍ରୁତ ଗତିରେ ସହର ଓ ଗାଁ ଭିତରେ ପଶି ଯାଉଥିବାରୁ ପ୍ରବଳ ରାସ୍ତା ଜାମ୍ ହେଉଛି। ଧୂଳି ଉଡ଼ି ପଥଚାରୀ ଓ ବାଇକ୍ ଆରୋହୀ ମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଅତ୍ୟଧିକ ଲୋଡ୍ ଗାଡ଼ି ଯିବାରୁ ରାସ୍ତାର ଅବସ୍ଥା ବେହାଲ ହେଉଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ କ'ଣ ପାଇଁ ହାଇୱା ଡ୍ରାଇଭର ମାନେ ବେଖାତିର କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି। ଗାଁ ମାନଙ୍କରେ ମଧ ନାନା ସମୟରେ ଦୁର୍ଘଟଣା ଘଟୁଛି। ଏଥିପାଇଁ ସମସ୍ତେ ନିରବ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏନେଇ କଠୋର ଆଭିମୁଖ୍ୟ ଗ୍ରହଣ କରି ସହର ଓ ଗାଁ ମାନଙ୍କରେ ଭାରିଯାନ ଚଳାଚଳ ନିଷେଧ କରାଇବାକୁ ଦାବି ହେଉଛି।

## ପିକଅପ୍ ଭ୍ୟାନ ଜବତ, ୬ଗୋରୁ ଉଦ୍ଧାର

**ସାଲେପୁର, ୨୬।୫ (ସଂଚାର ବ୍ୟୁରୋ):** ଆଜି ସାଲେପୁର ପୁଲିସ ପକ୍ଷରୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଜବତ କରିବା ସହ ୬ଗୋଟି ଗୋରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି। ପ୍ରକାଶ ଯେ ଆଜି ଭୋରରୁ ଏକ ପିକଅପ୍ ଭ୍ୟାନରେ ରାଇସୁଙ୍ଗୁଡାରୁ ନେମାଳ ଅଞ୍ଚଳକୁ ବେଆଇନ ଭାବେ ଗୋରୁ ଚାଲାଣ କରାଯାଉଥିବା ବେଳେ ଗୋରୁଗାଡ଼ିକୁ କଦମ୍ବକଣ୍ଠା ନିକଟରେ ସ୍ଥାନୀୟ ଲୋକମାନେ ଅଟକାଇ ସାଲେପୁର ପୁଲିସକୁ ଖବର ଦେଇଥିଲେ। ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟାଟା ଏସିକୁ ଜବତ କରିବା ସହ ୬ଟି ଗୋରୁକୁ ଉଦ୍ଧାର କରି ବିଭିନ୍ନ ଲୋକ ଜିମା ଦେଇଥିବା ଜଣାଯାଇଛି। ଟାଟା ଏସି ଚାଳକ ଗାଡ଼ି ଛାଡି ଘଟଣା ସ୍ଥଳରୁ ଚମ୍ପଟ ମାରିଛି।





## କର୍କଟ ପୀଡିତଙ୍କୁ ସହଯୋଗର ହାତ ବଢ଼ାଇଲେ ପ୍ରାଧ୍ୟାପକ

**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସ୍ଥିତ ରାଜକନିକା ବ୍ଲକର ସିଂହପୁର ଜରିକୂଳ ସାହିର ନୃସିଂହ ଚରଣ ଦାସ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ହେଲା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ଉକ୍ତ ଅଂଚଳର ଜନୈକ ମହିଳା ସମାଜସେବୀ ଗାୟତ୍ରୀ ଦାସ ଆମେରିକାରେ ପ୍ରାଧ୍ୟାପକ ଥିବା ଡଃ ଦେବେନ୍ଦ୍ର କୁମାର ଦାସ ବାଞ୍ଛାନିଧି ଦାସ, ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟଙ୍କୁ ଅବଗତ କରାଇବା ପରେ ଡଃ ଦାସ ଉକ୍ତ ପୀଡିତଙ୍କୁ ସହଯୋଗର ହାତ ବଢାଇବାକୁ ନିଷ୍ପତି ନେଇ ଜିଲ୍ଲା ପ୍ରତିଭା ପୂଜା ସଂସଦର ସଭାପତି ପ୍ରଦୀପ ମହାନ୍ତିଙ୍କ ଜରିଆରେ ନୃସିଂହ ଚରଣଙ୍କୁ ତାଙ୍କ ବାସସ୍ଥାନରେ ପହଁଚି ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ କହିଥିଲେ। ଆଜି ଶ୍ରୀ ମହାନ୍ତି ତାଙ୍କ ଘରେ ପହଁଚି ଉକ୍ତ ଅର୍ଥରାଶିକୁ ନୃସିଂହଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଡଃ ଦାସ ସୁଦୂର ଆମେରିକାରୁ ତାଙ୍କର ଆସୁ ଆରୋଗ୍ୟ କାମନା ଓ ପ୍ରାର୍ଥନା କରିଛନ୍ତି ବୋଲି ଶ୍ରୀ ମହାନ୍ତି ପୀଡିତଙ୍କୁ କହିଥିଲେ । ଏଥିରେ ସମାଜସେବୀ ଭାଗିରଥି ଜେନା, ଶ୍ରୀନିବାସ ପ୍ରଧାନ ଓ ଗାୟତ୍ରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବ ସ୍ୱାଭିମାନ ଗ୍ରୁପ୍ ପକ୍ଷରୁ ଅସହାୟ ପରିବାରକୁ ସହାୟତା



**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ 'ଯୁବ ସ୍ୱାଭିମାନ' ପକ୍ଷରୁ କଚେରୀପଡ଼ା ଗ୍ରାମର ମୃତ ମଙ୍ଗୁଳି ଚରଣ ନାୟକଙ୍କ ଅସହାୟ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି। ଖବର ମୁତାବକ ଗତ ଶନିବାର ମଙ୍ଗୁଳି ଚରଣ ନାୟକ ଜାଳେଣି ସଂଗ୍ରହ ପାଇଁ ଗୋଟେ ଚାଖୁଣ୍ଡା ଗଛ ଉପରେ ଚଢ଼ିଥିଲା ବେଳେ ହଠାତ୍ ଖସିପଡ଼ି ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲ ଆଇସିୟୁ ରେ ଭର୍ତ୍ତି ହୋଇଥିଲେ କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମଙ୍ଗୁଳି ମୃତ୍ୟୁ ବରଣ କରିଥିଲେ। ଅସହାୟ ସ୍ତ୍ରୀ ଏବେ ନିରୁପାୟ ଛୋଟ ଛୋଟ ପିଲାଙ୍କୁ ନେଇ କେମିତି ଜୀବନ ଜୀବିକା ନିର୍ବାହ କରିବେ ଭାବି ଭାବି ଆଖିରୁ ଲୁହ ଶୁଖୁନାହିଁ। ଖବର ପାଇ ଯୁବ ସ୍ୱାଭିମାନ ଗ୍ରୁପ୍ ଆର୍ଥିକ ସହାୟତାର ହାତ ବଢାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଇଂ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ଦୁର୍ଗାପ୍ରସାଦ ସ୍ୱାଇଁ, ସୁରେନ୍ଦ୍ର ପୃଷ୍ଟି, ମନୋଜ ଓଝା, ମାନସ ପ୍ରଧାନ, ଦୀପକ ଦାସ, ସନ୍ଦୀପ ବେହେରା, ସୁଶାନ୍ତ ସାହାଣୀ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସାବିତ୍ରୀ ବ୍ରତ ପାଇଁ ବିଭିନ୍ନ ମନ୍ଦିରରେ ମହିଳାଙ୍କ ଭିଡ଼

**ପଟ୍ଟାମୁଣ୍ଡାଇ, ୨୬।୫ (ସଂଚାର ବ୍ୟୁରୋ):** ଓଡ଼ିଆ ପରମ୍ପରାରେ ବାରମାସରେ ତେରପର୍ବ ମଧ୍ୟରେ ସାବିତ୍ରୀ ବ୍ରତ ଅନ୍ୟତମ । ସଧବା ନାରୀମାନେ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରି ଏହି ବ୍ରତ କରିଥାନ୍ତି । ସାବିତ୍ରୀ ନିଜ ମୃତ ସ୍ୱାମୀ ସତ୍ୟବାନଙ୍କୁ ଯମଙ୍କ ଠାରୁ ଛଡାଇ ଆଣିବା ସହିତ ଦୀର୍ଘ ଜୀବନ ପାଇଁ ବର ପ୍ରାପ୍ତ ହୋଇଥିଲେ । ଏହି ପରମ୍ପରାକୁ ବଜାୟ ରଖିବା ପାଇଁ କାହିଁ କେଉ ସ୍ମରଣାତୀତ କାଳରୁ ଏହି ବ୍ରତ ପାଳନ କରାଯାଇଆସୁଛି । ପ୍ରତ୍ୟେକ ସଧବା ନାରୀ ବିଭିନ୍ନ ଫଳ ମୂଳ ସହ ନୂଆ ଶଙ୍ଖା ଶାଢ଼ୀ ଓ ସିନ୍ଦୁର ମନ୍ଦିରରୁ ପୂଜାର୍ଚ୍ଚନା କରି ଆଣିବା ପରେ ସ୍ୱାମୀଙ୍କୁ ପୂଜା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥାଏ। ଓଡ଼ିଆ ଜାତିର ମହାନ ପରମ୍ପରାର ଝଲକ ସାବିତ୍ରୀ ବ୍ରତ ପଟ୍ଟାମୁଣ୍ଡାଇର ପୁର ପଲ୍ଲୀରେ ଧୁମଧାମରେ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ସହରର ପ୍ରମୁଖ ଶୈବ ପୀଠ ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ସାବିତ୍ରୀ ବ୍ରତ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ମୁଖ୍ୟପୂଜକ କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀଙ୍କ ନେତୃତ୍ୱରେ ପୂଜକମାନେ ପ୍ରଭୁ ହରପାର୍ବତୀ ଓ ବିଭିନ୍ନ ଦେବାଦେବୀଙ୍କର ଯଥାବିଧି ପୂଜାର୍ଚ୍ଚନା କରିବା ପରେ ସକାଳ ୭ଘଟିକା ଠାରୁ ବ୍ରତଧାରୀ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରି ସ୍ୱାମୀ ଦୀର୍ଘଜୀବନ କାମନା କରିବା ପାଇଁ ବ୍ରତଧାରୀ ମହିଳାଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା । ଏଇ ଅବସରରେ ପଟ୍ଟାମୁଣ୍ଡାଇ ଅଂଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ରାଜନେତା ଓ ପ୍ରଶାସନିକ ଅଧିକାରୀ ସସ୍ତ୍ରୀକ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହିତ ପ୍ରଭୁ ହରପାର୍ବତୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ମନ୍ଦିର ପୂଜକ ଓ କର୍ମଚାରୀମାନେ ଶାନ୍ତିଶୃଙ୍ଖଳାର ସହିତ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହିପରି ପଟ୍ଟାମୁଣ୍ଡାଇ ଉତିକଣ ଅଂଚଳର ପ୍ରସିଦ୍ଧ ଶୈବ ପୀଠ ପ୍ରଭୁ ଚନ୍ଦ୍ରମଉଳିଙ୍କ ନିକଟରେ ମଧ ବ୍ରତଧାରୀ ମହିଳାଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ଏହାଛଡା ପଟ୍ଟାମୁଣ୍ଡାଇ ସହରସ୍ଥ ଶ୍ରୀରାମ ମନ୍ଦିର,ରାଧାରମଣ ମଠ, ପୋଖରୀଆପଡା ପତିତପାବନ ମନ୍ଦିର, କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର ଆଦି ବିଭିନ୍ନ ଦେବାଦେବୀ ମନ୍ଦିରରେ ବ୍ରତଧାରୀ ମହିଳାଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା ।



## ଦେବସ୍ମିତାଙ୍କୁ ସମ୍ବର୍ଦ୍ଧନା ଜଣାଇଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଇତିହାସ ବିଭାଗରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ଦେବସ୍ମିତା ପ୍ରିୟଦର୍ଶିନୀ ବାରିକ । ଏହି ଅବସରରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାର୍ଶାଘାଇ ବ୍ଲକ ଅଧିନସ୍ଥ ଅରିମୂଳ ଗ୍ରାମର ଶ୍ରୀଯୁକ୍ତ ଦୁଷ୍ମନ୍ତ ବାରିକ ଙ୍କ ଜ୍ୟେଷ୍ଠ କନ୍ୟା ହେଉଛନ୍ତି ଦେବସ୍ମିତା। ତାଙ୍କର ସଫଳତା ପାଇଁ "ଆମ କର୍ମ ଆମ ପରିଚୟ" ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ତାଙ୍କୁ ଗୁରୁ ଶିଷ୍ୟ ପରମ୍ପରା ର ଆରୁଣି ଙ୍କ ଫଟୋ ଚିତ୍ର, ଉତ୍ତରୀୟ ଓ ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ସମୟରେ ଦେବସ୍ମିତା ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରିବା ନିମନ୍ତେ ଲକ୍ଷ୍ୟ ରଖିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଟ୍ରଷ୍ଟର ସଭାପତି ଦମନ କୁମାର ମହାନ୍ତି, ସମ୍ପାଦକ ରାଜେଶ କୁମାର ବାରିକ, ସହକାରୀ ଶିକ୍ଷକ ପବିତ୍ର କୁମାର୍ ଷଡ଼ଙ୍ଗୀ, ସାମ୍ବାଦିକ କୁଳମଣି ଲେଙ୍କା, ଟ୍ରଷ୍ଟର ବରିଷ୍ଟ ସଦସ୍ୟ ଉତ୍ପଳ ଚାଟାର୍ଜୀ ଓ ସେହି ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

### ୨୫ ବର୍ଷ ହେବ ସ୍ୱାମୀଙ୍କ ଭୋଟର କାର୍ଡ ଧରି

## ସାବିତ୍ରୀ ଓଷା କରୁଛନ୍ତି ମନୋରମା

**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** ସ୍ୱାମୀଙ୍କ ଭୋଟର୍ କାର୍ଡକୁ ଆସ୍ଥାନରେ ରଖି ସାବିତ୍ରୀ ବ୍ରତ ପାଳୁଛନ୍ତି ଜଣେ ବୃଦ୍ଧା। ଦୀର୍ଘ ୨୫ ବର୍ଷ ଧରି ସେ ଏମିତି ସାବିତ୍ରୀ ବ୍ରତ ପାଳି ଆସୁଛନ୍ତି। ସ୍ୱାମୀ ନିରୁଦ୍ଦିଷ୍ଟ ସତ୍ତ୍ୱେ ସେ ସ୍ୱାମୀଙ୍କ ଭୋଟର୍ କାର୍ଡକୁ ପୂଜା କରି ସାବିତ୍ରୀ ବ୍ରତ ପାଳୁଛନ୍ତି ଓ ସ୍ୱାମୀଙ୍କର ଫେରିବା ବାଟକୁ ଚାହିଁ ରହିଛନ୍ତି। ଯାହା ସ୍ୱାମୀ,ସ୍ତ୍ରୀ ମଧ୍ୟରେ ଥିବା ବିଶ୍ୱାସ ଓ ଭଲପାଇବାର ଜ୍ୱଳନ୍ତ ଉଦାହରଣ।

ସତ୍ୟ ଯୁଗରେ ସାବିତ୍ରୀ ଯମଙ୍କ ପାଖରୁ ନିଜ ସତ୍ୟବାନଙ୍କୁ ଫେରାଇ ଆଣିଥିଲେ କିନ୍ତୁ କଳିଯୁଗରେ ମନୋରମା ତାର ସ୍ୱାମୀ ଦୁର୍ଯ୍ୟୋଧନଙ୍କୁ ଫେରାଇ ଆଣିବା ପାଇଁ ଦୀର୍ଘ ୨୫ ବର୍ଷ ଧରି ସାବିତ୍ରୀ ବ୍ରତ କରି ଗୁହାରି କରୁଛି। ଏମିତି ଜଣେ ଭିନ୍ନ ଏକ ସାବିତ୍ରୀ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ବେରୁହାଁ ଗ୍ରାମ ପଞ୍ଚାୟତ ଭଗବାନପୁର ଗ୍ରାମରେ।



ଗ୍ରାମର ମନୋରମା ବାରିକଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ବାରିକ ଦୀର୍ଘ ୨୫ ବର୍ଷ ହେବ କେଉଁ ଆଡ଼େ ନିରୁଦ୍ଦିଷ୍ଟ ଅଛନ୍ତି। ସ୍ୱାମୀଙ୍କ ସମ୍ପର୍କରେ କୌଣସି ଖୋଜ ଖବର ପାଇ ପାରୁନାହାଁନ୍ତି ତଥାପି ତାଙ୍କର ଦୃଢ଼ ବିଶ୍ୱାସ ରହିଛି ତାଙ୍କ ସ୍ୱାମୀ ଫେରିବେ। ସେଥିପାଇଁ ମନୋରମା ସାବିତ୍ରୀ ବ୍ରତ ପାଳି ଆସୁଛନ୍ତି। ସ୍ୱାମୀଙ୍କ ସହ ବିତିଯାଇଥିବା ଅନେକ ଅଭୁଲା ସ୍ମୃତି, ଅନୁଭୂତି, ସିନ୍ଦୁର ଓ ଶଙ୍ଖାକୁ ଭରଷା କରି ସ୍ୱାମୀଙ୍କ ଫେରିବା ବାଟକୁ ସେ ଚାହିଁ ବସିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଦୁର୍ଯ୍ୟୋଧନ ପାରାଦ୍ୱୀପର ଏକ ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। କୌଣସି ଏକ ଦିନ କମ୍ପାନୀକୁ କାମ କରିବାକୁ ଯାଇ ଆଉ ଫେରି ନ ଥିଲେ । କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଜଣାଇଥିଲେ ପରିବାର। କମ୍ପାନୀ ତରଫରୁ ଥାନାରେ ଏତଲା ଦାୟର କରାଯାଇଥିଲା। ସାହି ଭାଇ, ସାଙ୍ଗସାଥି, ବନ୍ଧୁବାନ୍ଧବ ବହୁ ଖୋଜା ଖୋଜି ପରେ କୌଣସି ଖବର ମିଳି ନ ଥିଲା। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷ ଧରି ଭୋଟର ପରିଚୟ ପତ୍ର ଧରି ଶୁଭ ମନାସି ସାବିତ୍ରୀ ବ୍ରତ ପାଳି ଆସୁଛନ୍ତି ମନୋରମା।



ମନୋରମାଙ୍କ ଭକ୍ତି, ଭରଷା ଓ ବିଶ୍ୱାସ ତାଙ୍କୁ ନିଆରା ଜଣେ ସାବିତ୍ରୀ ଭାବରେ ପରିଚୟ ଦେଇଛି।

### କେନ୍ଦ୍ରାପଡ଼ା ସହରରେ ଡ୍ରେନେଜ୍ ସମସ୍ୟା

## ମାତ୍ର କିଛି ମିନିଟ୍ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି



**କେନ୍ଦ୍ରାପଡ଼ା, ୨୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ୱାର୍ଡର ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହା ଫଳରେ ବର୍ଷା ଦିନରେ ବିଭିନ୍ନ ୱାର୍ଡର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଲେଖାଏଁ ବର୍ଷାଜଳ ଛିଡାହୋଇ ରହୁଛି। ସୋମବାର ଦିନ ପ୍ରାୟ ୧୨ଟା ସମୟରେ ଘଡଘଡି ସହ ଅଧଘଣ୍ଟା ବର୍ଷା ହେବା ଦ୍ୱାରା ସହରର ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଛିଡା ହୋଇଥିବା ଦେଖିବାକୁ ମିଳିଛି । ସହରର ମୁଖ୍ୟ ରାସ୍ତା ପୌରସଂସ୍ଥା ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା କେନ୍ଦ୍ରାପଡା କୋର୍ଟ ରାସ୍ତା ଓ କୋର୍ଟ ନିକଟରେ ଥିବା ହନୁମାନ ମନ୍ଦିର ନିକଟରେ ଆଣ୍ଠୁଏ ଡ୍ରେନ ପାଣି ମୁଖ୍ୟ ରସ୍ତା ଉପରେ ଲହଡି ମାରିବାରୁ ପବିତ୍ର ସାବିତ୍ରୀ ଓଷାରେ ହନୁମାନ ମନ୍ଦିରକୁ ଯାତାୟତ କରୁଥିବା ମହିଳା ମାନେ ଡ୍ରେନ୍‌ର ପଚା ପାଣିରେ ପଶି ମନ୍ଦିରକୁ ପୂଜା କରିବୁ ଯାଉଥିବା ଦେଖିବାକୁ ମିଳିଛି ।

ବର୍ଷାଜଳ ଡ୍ରେନ୍ ଦ୍ୱାରା ନିଷ୍କାସନ ନ ହେବାରୁ କୋର୍ଟ ନିକଟରେ ପ୍ରାୟ ୨ ଘଣ୍ଟା ଧରି ବର୍ଷାଜଳ ଲହଡି ମାରୁଥିବା ଦ୍ୱାରା ବହୁ ଜନ ସାଧାରଣ କୋର୍ଟକୁ ଆସୁଥିବା ବ୍ୟକ୍ତି ଓ ମନ୍ଦିରକୁ ଯାଉଥିବା ମହିଳା ମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ତୁରନ୍ତ ବର୍ଷାଜଳ ନିଷ୍କାସନ କରିବା ପାଇଁ ଡ୍ରେନ ଗୁଡିକୁ ସଫା କରିବା ସହ ଚଉଡା କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

## ସାବିତ୍ରୀ ବ୍ରତ ଅବସରରେ ବିଭିନ୍ନ ଦେବାଦେବୀଙ୍କ ପୀଠରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼

**ସାଲେପୁର, ୨୬।୫ (ସଂଚାର ବ୍ୟୁରୋ):** ଆଜି ପବିତ୍ର ସାବିତ୍ରୀ ବ୍ରତ ଅବସରରେ ସାଲେପୁର ଅଞ୍ଚଳର ସମସ୍ତ ଦେବାଦେବୀ ପୀଠରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପରମ୍ପରା ଅନୁଯାୟୀ ଆଜିର ଦିନରେ ମା' ସାବିତ୍ରୀ ଯମରାଜଙ୍କ ସହ ଲଢ଼ି ତାଙ୍କର ସ୍ୱାମୀଙ୍କୁ ଫେରାଇ ଆଣିଥିଲେ। ତେଣୁ ଆଜିର ଦିନରେ ସଧବା ମହିଳାମାନେ ନିଜ ନିଜ ସ୍ୱାମୀର ମଙ୍ଗଳ ଓ ଦୀର୍ଘାୟୁ କାମନା କରି ଦେବାଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରି ସ୍ୱାମୀଙ୍କୁ ପୂଜା କରିଥାନ୍ତି। ଏହି ଅବସରରେ ଆଜି ସାହେଶ୍ୱରୀ ପୀଠ, କଳାଗ୍ନି ମହାଦେବ ପୀଠ, ମା'ଶାରଳା ପୀଠ, ଉତ୍ତର ବଟେଶ୍ୱର ମଙ୍ଗଳା ପୀଠ, ବିଶେଶ୍ୱର, ଚାଟେଶ୍ୱର ମହାଦେବଙ୍କ ପୀଠ, କନକଦୁର୍ଗା ପୀଠ ସମେତ ସାଲେପୁର ଅଞ୍ଚଳର ବିଭିନ୍ନ ଦେବାଦେବୀଙ୍କ ପୀଠରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



## ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା କାର୍ଯ୍ୟକ୍ରମ

**ପୁରୀ, ୨୬।୫ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ରବି ଋତୁରେ ଅଧିକ ଚାଷୀ ପଞ୍ଜିକରଣ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ସତ୍ୟବାଦୀ ବ୍ଲକ ପୁରୀ ନିମାପଡା କୋପରଟିଭ ବ୍ୟାଙ୍କ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଶାଖା ପରିଚାଳକ ସନ୍ତୋଷ ପଟନାୟକଙ୍କ ଅଧକ୍ଷିତାରେ ଆୟୋଜିତ ଉତ୍ସବରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ରିଲାନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀର ଜିଲ୍ଲା ପରିଚାଳକ ପ୍ରମୋଦ କୁମାର ନାୟକ, ପ୍ରମୁଖ ଯୋଗଦାନ କରି ଫସଲ ବୀମା ଯୋଜନାକୁ ସୁଦୂର ପ୍ରଶାରୀ କରିବାକୁ ଆହ୍ୱାନ ଦେଇ ଥିଲେ। ଏହି ଅବସରରେ ଉପସ୍ଥିତ କୋପରଟିଭ ସୋସାଇଟି କର୍ମକର୍ତ୍ତା ଓ ଶାଖା ପରିଚାଳକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବ୍ଲକ ସଂଯୋଜକ ସୁନୀଲ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱେଚ୍ଛାସେବୀ ସୌଦାମିନୀ ଦଳାଇ, ପ୍ରିୟଦର୍ଶିନୀ ମିଶ୍ର, ପ୍ରକାଶ ମିଶ୍ର, କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।



## ଗୁରୁଙ୍କ ଦୀର୍ଘାୟୁ କାମନା ପାଇଁ ମା' ଭଗବତୀଙ୍କ ପୀଠରେ କିନ୍ନର ପାଳିଲେ ସାବିତ୍ରୀ ବ୍ରତ

**କୋଣାର୍କ, ୨୬।୫ (ସଂଚାର ବ୍ୟୁରୋ):** କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ସାବିତ୍ରୀ ବ୍ରତ ପାଳନ କରାଯାଇଛି। ଆଜିର ପବିତ୍ର ଦିନରେ କିନ୍ନରମାନେ ନିଜ ଗୁରୁଙ୍କ ଆୟୁଷ ବୃଦ୍ଧି ଓ ନିରୋଗ କାମନା କରି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ବ୍ରତ ଧାରଣ କରିଥିଲେ। କୋଣାର୍କ କିନ୍ନର ସଙ୍ଘ ପକ୍ଷରୁ ସାବିତ୍ରୀ ବ୍ରତକୁ ଭକ୍ତିମୟ ପରିବେଶ ମଧ୍ୟରେ ପାଳନ କରାଯାଇଥିଲା।



କିନ୍ନରମାନେ ନିଜ ଗୁରୁଙ୍କ ଦୀର୍ଘ ଜୀବନ କାମନା କରି ଏହି ପର୍ବକୁ ପାଳନ କରିଥାନ୍ତି। ଯେତେବେଳେ କିନ୍ନରମାନେ ସମାଜରୁ ଅବହେଳିତ ହୋଇ ନିଜ ପରିବାରରୁ ବାହାରି ନିଜର ସ୍ୱତନ୍ତ୍ର ପରିବେଶକୁ ଆପଣେଇ ଥାନ୍ତି, ସେତେବେଳେ ଏହି କିନ୍ନର ସମାଜର କେହିନାକେହି ଆପଣାର କରି ନେଇଥାନ୍ତି। ଆପଣାର କରିଥିବା ସେହି ବ୍ୟକ୍ତି ହିଁ ସେମାନଙ୍କର ଗୁରୁ ଅଟନ୍ତି। ନିଜ ଗୁରୁଙ୍କ ଦୀର୍ଘ ଜୀବନ ସହ ମଙ୍ଗଳ କାମନା କରି କିନ୍ନର ମାନେ ସାବିତ୍ରୀ ବ୍ରତକୁ ଧୁମଧାମରେ ପାଳନ କରିଥାନ୍ତି। ସଧବା ସ୍ତ୍ରୀ ପରି କିନ୍ନର ମାନେ ଫଳମୂଳ ସହିତ ସିନ୍ଦୁର, ଚୁଡ଼ି ଓ ବ୍ରତ ନେଇ ମା'ଙ୍କ ପାଖରେ ସମର୍ପଣ କରିବା ପରେ ପରିଧାନ କରି ଉପବାସ ବ୍ରତ ପାଳନ କରିଥାନ୍ତି। ଗୁରୁଙ୍କ ମଙ୍ଗଳ କାମନା କରିବା ସହ ନିଜେ ପାଇଥିବା ଜନ୍ମରୁ ମୁକ୍ତି ପାଇବା ପାଇଁ ଗୁହାରୀ ମଧ କରିଥାନ୍ତି। ଏହି ଅବସରରେ କିନ୍ନର ସଙ୍ଘର ମୁଖ୍ୟ ଦିସ୍ପା ବାରିକଙ୍କ ନେତୃତ୍ୱରେ ଶାନ୍ତି, ସୁକାନ୍ତି, ସନ୍ଧ୍ୟା, କୁନି, ଶ୍ରଧା, ତୁଳସୀ, ଲକ୍ଷ୍ମୀ, ଚିନୁ, ଗଙ୍ଗା, କାଜଲ ଓ ଶିବାନୀ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ବ୍ରତ ପାଳନ କରିଥିଲେ।

# ଫେରିଲେ ୨୪ ନିର୍ଯାତିତ ଦାଦନ ଶ୍ରମିକ



**କେସିଙ୍ଗା,୨୬।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ତଥା ପଶ୍ଚିମ ଓଡ଼ିଶାରୁ ପ୍ରତିଦିନ ଟ୍ରେନ୍ ଯୋଗେ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇ ହଇରାଣ ହରକତ ହେଉଥିବା ବେଳେ ଗତକାଲି ସନ୍ଧ୍ୟାରେ କଳାହାଣ୍ଡି ଜିଲ୍ଲା ଶ୍ରମ ଅଧିକାରୀ କେସିଙ୍ଗା ରେଳ ଷ୍ଟେସନରୁ ୨୪ ଜଣ ଦାଦନଙ୍କୁ ଉଦ୍ଧାର କରିଛନ୍ତି। ଦଲାଲଙ୍କ କବଜାରେ ପଡ଼ି ସେମାନେ ଅଗ୍ରୀମ ବାବଦକୁ ସାମାନ୍ୟ ଟଙ୍କା ନେଇ ସେମାନଙ୍କ ନିକଟରେ ନିଜକୁ ଏକରକମ ବିକି ଦେଇଥାନ୍ତି ବୋଲି କହିଲେ ଚଳେ। ଦଲାଲ୍‌ମାନେ ମଧ୍ୟ ବାହାର ରାଜ୍ୟର ଠିକାଦାରଙ୍କଠାରୁ ମୋଟା ଅଙ୍କର ଅର୍ଥ ନେଇ ଓଡ଼ିଶାର ପଛୁଆ ଅଞ୍ଚଳରୁ ଶ୍ରମିକମାନଙ୍କୁ ହାତଗଣତି ଟଙ୍କା ଦେଇ ସେଠାକୁ ନେଇଯାଆନ୍ତି। ଏଠାକାର ଶ୍ରମିକମାନେ ମଧ୍ୟ କରଜ ଶୁଝିବା ପାଇଁ ସେମାନଙ୍କଠାରୁ ଟଙ୍କା ନେଉଥିବା ବେଳେ ଦଲାଲମାନେ ସେମାନଙ୍କୁ ହାଇଦ୍ରାବାଦ, ଚେନ୍ନାଇ, ମୁମ୍ବାଇ ଆଦି ଅଞ୍ଚଳକୁ ନେଇଯାଉଛନ୍ତି। କଳାହାଣ୍ଡି ଜିଲ୍ଲାର ୧୩ଟି ବ୍ଲକରୁ ହଜାର ହଜାର ସଂଖ୍ୟାରେ ଦାଦନ ଶ୍ରମିକ ଦାଦନ ଖଟିବାକୁ ସପରିବାର ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ସେହିଭଳି ବଲାଙ୍ଗୀର ଜିଲ୍ଲାରୁ ମଧ୍ୟ ଦୈନିକ ଟ୍ରେନ୍ ଯୋଗେ ଶ୍ରମିକମାନେ ବାହାର ରାଜ୍ୟକୁ ଯାଉଥିବା ଦେଖାଯାଉଛି। କିଛି ଦିନ ଭଲରେ କାମ କରିବା ପରେ ଦାଦନ ଶ୍ରମିକଙ୍କୁ ମାଲିକ ଓ ଦଲାଲମାନେ ନିର୍ଯାତନା ଦେଇ ମାଡ଼ ମାରି କାମ କରାଉଛନ୍ତି। କେହି ଏପରି ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କଲେ, ସେମାନଙ୍କୁ ଅଧିକ ନିର୍ଯାତନା ସହିବାକୁ ପଡ଼େ। ଏପରିକି ବେଳେବେଳେ ଦାଦନ ଶ୍ରମିକ ଜୀବନ ମଧ୍ୟ ଚାଲିଯାଉଥିବାର ଏକାଧିକ ନଜିର ରହିଛି। ସେହିଭଳି ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦରେ କେସିଙ୍ଗା, ଜୁନାଗଡ଼ ଓ ମ. ରାମପୁର ବ୍ଲକର ୨୪ ଜଣ ଦାଦନ ବହୁ ନିର୍ଯାତନା ଦେବା ସହ ମାଡ଼ ମାରି ହଇରାଣ ହରକତ କରି ଖାଇବା ପିଇବା ପାଇଁ ଠିକ୍ ଭାବେ ଦିଆଯାଉ ନ ଥିଲା। ଶ୍ରମିକମାନେ ବହୁ କଷ୍ଟ ସ୍ୱୀକାର କରିବା ପରେ ପରିବାର ଲୋକଙ୍କୁ ଏନେଇ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲା ଶ୍ରମ ବିଭାଗ ସେଠାକାର ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ୨୪ ଜଣ ଦାଦନ ଶ୍ରମିକଙ୍କୁ ଫେରାଇବା ଦିଗରେ ପଦକ୍ଷେପ ନେବା ସକାଶେ ଚିଠି ଲେଖିଥିଲା। ଶ୍ରମିକମାନେ ଏର୍ଣ୍ଣାକୁଲମ୍ ଏକ୍ସପ୍ରେସରେ ୨୪ ଜଣ ଦାଦନଙ୍କୁ କେସିଙ୍ଗା ରେଳ ଷ୍ଟେସନଠାରେ ଗତକାଲି ସନ୍ଧ୍ୟାରେ ପହଞ୍ଚିବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଜିତାମ ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଦାଦନ ଶ୍ରମିକଙ୍କୁ ଖାଦ୍ୟପେୟ ଯୋଗାଇଦେବା ସହ ଶ୍ରୀ ମାଝୀ ସେମାନଙ୍କ ଗ୍ରାମକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଏହି ଉଦ୍ଧାର କାର୍ଯ୍ୟକ୍ରମରେ ଶ୍ରମବାହିନୀ ସଭାପତି ଝସକେତନ ବାଗ, ବିଏସ୍‌ସିଏସ୍‌ଡବ୍ଲ୍ୟୁ ୟୁନିଅନର ସୂର୍ଯ୍ୟନାରାୟଣ ପଟ୍ଟନାୟକ ଓ ରେଳବାଇ ପୁଲିସ ସହଯୋଗ କରିଥିଲେ।

### କୋରିଆରେ ଭାରତୀୟ ସର୍ବଦଳୀୟ ଟିମ୍

# ପାକିସ୍ତାନ ସହ କୌଣସି ସମ୍ପର୍କ ସମ୍ଭବ ନୁହେଁ



**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ବିଶ୍ୱ ଆଗରେ ପାକିସ୍ତାନ ମୁଖା ଖୋଲିବା ପାଇଁ ବିଦେଶ ଗସ୍ତରେ ଭାରତର ସର୍ବଦଳୀୟ ଟିମ୍। ୭ ଜଣ ବରିଷ୍ଠ ସାଂସଦଙ୍କ ନେତୃତ୍ୱରେ ୭ଟି ପ୍ରତିନିଧି ଦଳ ବିଭିନ୍ନ ରାଷ୍ଟ୍ରରେ ପହଞ୍ଚି ପାକିସ୍ତାନ କିପରି ଆତଙ୍କବାଦକୁ ସମର୍ଥନ କରୁଛି, ସେନେଇ ସବୁ ଦେଶକୁ ସୂଚନା ଦେବାକୁ ଉଦ୍ୟମ କରୁଛନ୍ତି। ଏହି କ୍ରମରେ ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଏକ ଟିମ୍ ଦକ୍ଷିଣ କୋରିଆ ଗସ୍ତ କରିଛନ୍ତି। ଏହି ଟିମ୍‌ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ସାମିଲ୍ ଅଛନ୍ତି। ଗସ୍ତର ପଞ୍ଚମ ଦିନରେ ସିଓଲଠାରେ ଭାରତୀୟ ଦୂତାବାସରେ ଥିଙ୍କ-ଟ୍ୟାଙ୍କସ୍, ଶିଳ୍ପ ଗୋଷ୍ଠୀ, ଶିକ୍ଷାବିତ୍, ପ୍ରତିରକ୍ଷା ବିଶେଷଜ୍ଞ ଓ ରାଜନୈତିକ ବିଶ୍ଳେଷକଙ୍କ ସହ ଆତଙ୍କବାଦକୁ ନେଇ ଆଲୋଚନା ହୋଇଥିଲା । ଆଲୋଚନାର ବିଷୟ ଥିଲା ସନ୍ତ୍ରାସବାଦ ଓ ପାକିସ୍ତାନ ତାହାକୁ ଉତ୍ସାହିତ ଓ ପ୍ରସାର କରିବା ପାଇଁ କରୁଥିବା ଚେଷ୍ଟା। ଏହି ଆଲୋଚନାରେ ଉପସ୍ଥିତ ରହି ପାକିସ୍ତାନର ଆତଙ୍କୀ ମୁଖାର ପର୍ଦ୍ଦାଫାସ କରିଥିଲେ ଅପରାଜିତା। ଆତଙ୍କବାଦୀଙ୍କୁ କିଭଳି ପାକିସ୍ତାନ ପ୍ରୋତ୍ସାହିତ କରୁଛି ଏବଂ ପାକିସ୍ତାନ କିଭଳି ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସେନେଇ ସାଂସଦ ସୂଚନା ଦେଇଥିଲେ। ସେ କହିଥିଲେ ଯେ ପହଲଗାମରେ ଯାହା ଘଟିଲା, ତାହା ଭାରତୀୟଙ୍କୁ ଆଘାତ ଦେବା ସହ ସେମାନଙ୍କୁ କ୍ରୋଧିତ ମଧ୍ୟ କରିଛି। ସେ ଆଘାତ ନେଇ ବିଶ୍ୱବାସୀ କିପରି ଅବଗତ ହେବେ, ସେଥିସକାଶେ ପ୍ରତିନିଧି ମଣ୍ଡଳୀ ଉଦ୍ୟମ କରୁଥିବା ମଧ୍ୟ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ସେହିପରି ଦକ୍ଷିଣ କୋରିଆକୁ ଗସ୍ତ କରିବାର ଗୁରୁତ୍ୱ ନେଇ ଅପରାଜିତା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦକ୍ଷିଣ କୋରିଆ ୟୁଏନ୍‌ଏସସିର ଅନ୍ୟତମ ସଦସ୍ୟ ହୋଇଥିବାରୁ ଏହାର ଭାରତ ସହ ଘନିଷ୍ଠ ସମ୍ପର୍କ ରହିଛି। ସର୍ବଦଳୀୟ ଟିମ୍ ଅର୍ନ୍ତଜାତୀୟ ସ୍ତରରେ ଗୁରୁତ୍ୱ ରଖୁଥିବା ଦେଶକୁ ଗସ୍ତ କରୁଥିବା ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ସେ କହିଛନ୍ତି ଯେ ପାକିସ୍ତାନକୁ ଆତଙ୍କବାଦ ପ୍ରସଙ୍ଗରେ ଯେତେ ନିନ୍ଦା କଲେ ବି କମ୍ ହେବ। ଯେ ପର୍ଯ୍ୟନ୍ତ ପାକିସ୍ତାନ ତା'ର ଏପରି ଅଭ୍ୟାସ ପରିତ୍ୟାଗ ନ କରିଛି, ସେ ପର୍ଯ୍ୟନ୍ତ ତା' ସହ କୌଣସି ପ୍ରକାର ସମ୍ପର୍କ ନେଇ ଚିନ୍ତା ବି କରାଯାଇନପାରେ। କାରଣ ରକ୍ତ ଓ ପାଣି ଏକାସାଥୀରେ କଦାପି ବହିପାରିବ ନାହିଁ ବୋଲି ସାଂସଦ କହିଛନ୍ତି।

ବୈଠକରେ ଭୁବନେଶ୍ୱର ସାଂସଦଙ୍କ କଥାକୁ ଦୃଢ଼ ସମର୍ଥନ ମିଳିଥିଲା। ସମସ୍ତେ ସାଂସଦଙ୍କ ଆତଙ୍କବାଦବିରୋଧୀ ସ୍ୱର ସହ ସ୍ୱର ମିଶାଇଥିଲେ। ବୈଠକରେ ସର୍ବଦଳୀୟ ଟିମ୍ ସହ ପ୍ରବାସୀ ଭାରତୀୟମାନେ ମଧ୍ୟ ଉପସ୍ଥିତ ଥିଲେ। ସେମାନେ ଭାରତ ସରକାରଙ୍କ ବିଭିନ୍ନ ଦେଶକୁ ସର୍ବଦଳୀୟ ଟିମ୍ ପଠାଇବା ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ।



ପବିତ୍ର ସାବିତ୍ରୀ ଅମାବାସ୍ୟାରେ ସଧବା ମହିଳାମାନେ ଭୁବନେଶ୍ୱର ରାମ ମନ୍ଦିର ନିକଟସ୍ଥ ଏକ ବରଗଛ ମୂଳରେ ସାବିତ୍ରୀ ବ୍ରତ ପାଳୁଛନ୍ତି।

# ଖୁବ୍‌ଶୀଘ୍ର ଆରମ୍ଭ ହେବ ଜେଡ୍‌ଏଡି କାର୍ଯ୍ୟକ୍ରମ



**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପରିବହନ କମିଶନର ଅମିତାଭ ଠାକୁର ଓ ଆଇଆଇଟି ମାଡ୍ରାସର ସଡ଼କ ସୁରକ୍ଷା ପରାମର୍ଶଦାତା ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମଙ୍କ ଉପସ୍ଥିତିରେ ନିକଟରେ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପ ଉପରେ ଆଲୋଚନା ଓ ସମୀକ୍ଷା ହୋଇଛି। ଏନେଇ ଆୟୋଜିତ ବୈଠକରେ ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ଓ ସୁରକ୍ଷିତ ଗାଡ଼ିଚାଳନା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପ୍ରମୁଖ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି ଅନୁସାରେ, ଖୁବ୍‌ଶୀଘ୍ର ରାଜ୍ୟରେ ସଡ଼କ ସୁରକ୍ଷା ଲକ୍ଷ୍ୟ ହାସଲ ସକାଶେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଶୂନ ଦୁର୍ଘଟଣା ଦିବସ (ଜେଡ୍‌ଏଡି) କାର୍ଯ୍ୟକ୍ରମ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଆଇଆଇଟି ମାଡ୍ରାସ ପକ୍ଷରୁ ପ୍ରସ୍ତାବିତ ଚିନ୍ତନ ଶିବିର କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ଏହି ଅବସରରେ ଅଂଶୀଦାର ଓ ବିଶେଷଜ୍ଞଙ୍କୁ ସଡ଼କ ସୁରକ୍ଷା ରଣନୀତି ଉପରେ ଆଲୋଚନା ଓ ବିଚାରବିମର୍ଶ ପାଇଁ ଏକତ୍ରିତ କରାଯିବ। ଦକ୍ଷତା ବିକାଶ ଓ ତାଲିମ କାର୍ଯ୍ୟକ୍ରମ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଛି। ପ୍ରଫେସର ବାଲାସୁବ୍ରମଣ୍ୟନ୍ ମାଷ୍ଟର ଟ୍ରେନର, ତଦନ୍ତ ଅଧିକାରୀ, ସ୍ୱାସ୍ଥ୍ୟସେବା ବୃତ୍ତିଗତ, ଶିକ୍ଷକ ଓ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରଙ୍କ ପାଇଁ ମାନସ ମନ୍ଥନ ଅଧିବେଶନ ପ୍ରସ୍ତାବ ଦେଇଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକର ଲକ୍ଷ୍ୟ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ସହ ଦୁର୍ଘଟଣା ପରିମାଣ ହ୍ରାସ କରିବା ଦିଗରେ ଅଂଶୀଦାରଙ୍କ ଦକ୍ଷତା ଓ ଜ୍ଞାନ ପରିସୀମା ବଢ଼ାଇବା।

ବୈଠକରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ରଣନୀତି ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଏଥିରେ ବିଭାଗକୁ ସଡ଼କ ସୁରକ୍ଷା ଦିଗରେ ବ୍ୟାପକ ସାମଗ୍ରୀ ଦାଖଲ କରିବା ଉପରେ ଧ୍ୟାନ ଦିଆଯାଇଛି। ଦୈନିକ ତଥ୍ୟ ସମୀକ୍ଷା ଓ ତଦାରଖ ସକାଶେ ଓଡ଼ିଶା ପାଇଁ ଏକ ସରଳ, ଗତିଶୀଳ ଡ୍ୟାସବୋର୍ଡ ପ୍ରସ୍ତୁତି ପାଇଁ ମଧ୍ୟ ବୈଠକରେ ନିବେଦନ କରାଯାଇଛି। ଏହା ସଡ଼କ ସୁରକ୍ଷାର ଉନ୍ନତି ଟ୍ରାକ୍ କରିବା ସହ ଉପୁଜୁଥିବା ସମସ୍ୟାର କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଏବଂ ତଥ୍ୟଚାଳିତ ନିଷ୍ପତ୍ତି ଗ୍ରହଣକୁ ସୂଚିତ କରିବା ଦିଗରେ ସହଯୋଗ କରିବ। ବୈଠକରେ ଏହି ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ପଷ୍ଟ ରୋଡମ୍ୟାପ୍ ଓ ଓଡ଼ିଶାରେ ସଡ଼କ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାମ କରିବା ଉପରେ ସହମତି ପ୍ରକାଶ ପାଇଥିଲା।

## ପୁଲିସ ଭ୍ୟାନ୍‌କୁ ଢେଲା ମାରି ଜଣେ ଅଟକ

**କଟକ, ୨୬।୫ (ସଂଚାର ବ୍ୟୁରୋ) :** କଟକ ବାଙ୍କୀ ବ୍ଲକ୍ ବୈଦେଶ୍ୱର ଥାନା ଅଞ୍ଚଳରେ ପାଟ୍ରୋଲିଂ ବେଳେ ପୋଲିସ ଗାଡି ଉପରକୁ ଢେଲାମାଡ଼ରେ ଭାଙ୍ଗିଲା ପୋଲିସ ଗାଡି କାଚ। ସୂଚନାନୁସାରେ, ବୈଦେଶ୍ୱର ଥାନାର ଏକ ଟିମ୍ କାଳୀପୋଇ ପଞ୍ଚାୟତରୁ ଚଢ଼େଇବନ୍ଧ ଗାଁରେ ନାଇଟ ପାଟ୍ରୋଲିଂ କରି ଫେରୁଥିଲା। ସେହି ସମୟରେ ଦୁର୍ବୃତ୍ତମାନେ ପୋଲିସ ଭ୍ୟାନ ଉପରକୁ ଢେଲାମାଡ଼ କରିଥିବା ଜଣାପଡ଼ିଛି। ଢେଲା ମାଡ଼ରେ ଭ୍ୟାନ୍‌ର ପଛ ପଟ କାଚ ସମ୍ପୂର୍ଣ୍ଣ ଭାଙ୍ଗି ଗୁଣ୍ଡ ହୋଇଯାଇଛି। ପୁଲିସ୍ ଜଣେ ଦୁର୍ବୃତ୍ତକୁ ଧରି ପଚରାଉଚରା କରୁଥିବା ଜଣାପଡ଼ିଛି।

### 'ସାଇବର୍ ଅପରାଧର ତଦନ୍ତ ଓ ସାଇବର୍ ବୁଦ୍ଧିମତ୍ତା' ଶୀର୍ଷକ କର୍ମଶାଳା

# ପୁଲିସ୍ ଚିନ୍ତା ବଢ଼ାଉଛନ୍ତି ଅଦୃଶ୍ୟ ଅପରାଧୀ




**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ) :** ଆଜି ଭୁବନେଶ୍ୱରସ୍ଥିତ ସାଇବର କମ୍ପ୍ଲେକ୍ସଠାରେ ରାଜ୍ୟ କ୍ରାଇମବ୍ରାଞ୍ଚ ଆନୁକୂଲ୍ୟରେ 'ସାଇବର ଅପରାଧର ତଦନ୍ତ ଓ ସାଇବର ବୁଦ୍ଧିମତ୍ତା' ସମ୍ପର୍କିତ ଏକ କର୍ମଶାଳା ଉଦଘାଟିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ

- **ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ**
- **ଜିଲ୍ଲା ସ୍ତରରେ ଆୟୋଜିତ ହେବ କର୍ମଶାଳା**

ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ସାଇବର ଅପରାଧ ରୋକିବା ସକାଶେ ରାଜ୍ୟର ସମସ୍ତ ରେଞ୍ଜ ଓ ଜିଲ୍ଲା ସ୍ତରରେ 'ସାଇବର ଅପରାଧ ତଦନ୍ତ' ସମ୍ପର୍କିତ କର୍ମଶାଳାର ଆୟୋଜନ କରାଯିବ ଏବଂ ଏଥିରେ କନଷ୍ଟେବଲଠାରୁ ଆରମ୍ଭ କରି ସମସ୍ତ ବର୍ଗର ଅଧିକାରୀ ଅଂଶଗ୍ରହଣ କରିବେ। ଅଳ୍ପ ସମୟ ମଧ୍ୟରେ ଅଧିକାରୀଙ୍କୁ ସାଇବର ଅପରାଧର ସଠିକ ତଦନ୍ତ ଏବଂ ନିଜର ଦକ୍ଷତା ପ୍ରତିପାଦିନ କରିବାରେ ଏହି କର୍ମଶାଳା ସେମାନଙ୍କୁ ବିଶେଷ ସହାୟକ ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ମତ ବ୍ୟକ୍ତ କରିଛନ୍ତି।

ଭିତ୍ତିଭୂମି ଏବଂ ପ୍ରଯୁକ୍ତିବିଦ୍ୟା ର ପ୍ରୟୋଗ ଦ୍ୱାରା ଅଦୃଶ୍ୟ ଅପରାଧୀଙ୍କ ମୁକାବିଲା କରିବାକୁ ହେଲେ ପୁଲିସକୁ ନିଜର ଦକ୍ଷତା ବିକାଶ ସହ ନିରନ୍ତର ତାଲିମ ନେବା ଜରୁରୀ। ଏହାକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ କର୍ମଶାଳା ଆୟୋଜନ କରାଯିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଛନ୍ତି। ପ୍ରଯୁକ୍ତିବିଦ୍ୟାର ବିକାଶ ହେବା ସହ ଆମ ଦୈନନ୍ଦିନ ଜୀବନରେ ସାଇବର ଅପରାଧୀଙ୍କ ହସ୍ତକ୍ଷେପ କ୍ରମଶଃ ବଢ଼ିବାରେ ଲାଗିଛି। ଅନଲାଇନରେ ପୁଞ୍ଜି ନିବେଶ, ଆର୍ଥିକ ଠକେଇ, ସାଧାରଣ ଲୋକଙ୍କ ପରିଚୟ ଚୋରି, ଡିଜିଟାଲ ଗିରଫ, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଶୋଷଣ ଭଳି ସାଇବର ଅପରାଧ ଥମିବାର ନାଁ ଧରୁନାହିଁ। ଏଭଳି ଅପରାଧକୁ ରୋକିବା ସକାଶେ ରାଜ୍ୟ ପୁଲିସ ପକ୍ଷରୁ ବ୍ୟାପକ ଅଭିଯାନ ଚାଲିଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟ ସରକାର ସାରା ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ଖୋଲିବାକୁ ଅନୁମୋଦନ କରିଛନ୍ତି। ସାଇବର ଅପରାଧ ରୋକିବାକୁ ଏହି ଥାନାଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି।

ସେହିପରି ଭୁବନେଶ୍ୱରଠାରେ ଓଡ଼ିଶା ସାଇବର କମାଣ୍ଡ ସେଣ୍ଟର ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଡିଜିପି କହିଛନ୍ତି। ସାଇବର ଅପରାଧ ନିୟନ୍ତ୍ରଣ, ଚିହ୍ନଟ ଓ ଅପରାଧର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ପ୍ରଦାନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ଏହି ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ ବୋଲି ଡିଜିପି କହିଥିଲେ। ସାଇବର ଅପରାଧର ମୁକାବିଲା କରିବାକୁ ହେଲେ ଜ୍ଞାନ, ଦକ୍ଷତା ଓ ତଦନ୍ତ କୌଶଳକୁ ସଶକ୍ତ କରିବାର ଆବଶ୍ୟକତା ରହିଛି ଏବଂ ଏହାକୁ କାର୍ଯ୍ୟ କ୍ଷେତ୍ରରେ ସଠିକ ବିନିଯୋଗ କରିବା ସକାଶେ କର୍ମଶାଳାରେ ସାମିଲ ହୋଇଥିବା ଅଧିକାରୀଙ୍କୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ନୂତନ ଆତ୍ମବିଶ୍ୱାସ ଓ ଦକ୍ଷତା ସହ ସାଇବର ଅପରାଧ ବିରୋଧରେ ଲଢ଼ି ଓଡ଼ିଶାବାସୀଙ୍କ ସେବା କରିବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରାଇମ୍ ବ୍ରାଞ୍ଚ୍ ଡିଜିପି ବିନୟତୋଷ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରାଇମବ୍ରାଞ୍ଚ, ଆଇଜି ଡ. ସାର୍ଥକ ଷଡ଼ଙ୍ଗୀ କର୍ମଶାଳା ଆୟୋଜନ ଓ ପରିଚାଳନା କରିଥିବା ବେଳେ ଡିଆଇଜି (ଏସଟିଏଫ) ପିନାକ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଇବର ବିଶେଷଜ୍ଞ ଡ. ରକ୍ଷିତ ଟଣ୍ଡନ ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଧିକାରୀଙ୍କୁ ତାଲିମ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ମା'-ପୁଅ ମୃତ

**ଲାଞ୍ଜିଗଡ଼, ୨୬।୫ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା' ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଫୁଲମତି ନାଏକ (୨୯) ଓ ୭ ମାସର ପୁଅ ସବୀର ନାଏକ।ମିଳିଥିବା ସୂଚନା ମୁତାବକ, ଫୁଲମତି ସାନପୁଅ ସବୀରଙ୍କୁ କାଖେଇ ଘରକାମ କରୁଥିବା ସମୟରେ ତାଙ୍କ ଅଜାଣତରେ ଘରେ ଛିଣ୍ଡି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ୮ମାସ ତଳେ ଘର ମୁଖିଆ ତଥା ଫୁଲମତିଙ୍କ ସ୍ୱାମୀ ସନ୍ତୋଷ ନାଏକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ୮ବର୍ଷର ବଡପୁଅ ଜଗଦୀଶ ବେସାହାରା ହୋଇ ବଞ୍ଚିବାର ରାହା ଖୋଜୁଛି।ଖବର ପାଇ ବିଶ୍ୱନାଥପୁର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସନ୍ଦୀପ ଠାକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏ ନେଇ ମୃତକଙ୍କ ସମ୍ପର୍କୀୟ ଲୋକେ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଏଏସ୍‌ଆଇ ଶ୍ୟାମ କୁଲସିକା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ ପଠାଇଥିଲେ। ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେରଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି। ଶୋକାକୁଳ ପରିବେଶରେ ଗାଁ ମଶାଣିରେ ମା'ପୁଅଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏହି ଦୁଃଖ ଖବର ପାଇ ଲାଞ୍ଜିଗଡ ଜୋନ୍-୨ ଜିଲାପରିଷଦ ପରୀକ୍ଷିତ ନାଏକ, ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ଅମର ନାଏକ ପ୍ରମୁଖ ଗାଁରେ ପହଞ୍ଚି ଶୋକସନ୍ତପ୍ତ ମା'ବାପା ଛେଉଣ୍ଡ ଜଗଦୀଶଙ୍କୁ ସମବେଦନା ଜଣାଇଛନ୍ତି।

## +୩ ପରୀକ୍ଷାରେ ସଂସ୍କୃତି ମହାପାତ୍ରଙ୍କ ସଫଳତା

### ଅର୍ଥଶାସ୍ତ୍ର ସମ୍ମାନରେ ଟପ୍ପର୍



**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ବିଜେବି ସ୍ୱୟଂଶାସିତ କଲେଜରେ ଯୁକ୍ତ ୩ ପରୀକ୍ଷାରେ ଅର୍ଥଶାସ୍ତ୍ର ଅନର୍ସରେ ସଂସ୍କୃତି ମହାପାତ୍ର ଟପ୍ପର ହୋଇଛନ୍ତି। ସଂସ୍କୃତି କେନ୍ଦ୍ରାପଡ଼ା ଜିଲ୍ଲା ତେଣ୍ଡାକୁଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମ ନିବାସୀ ଭକ୍ତିକାନ୍ତ ମହାପାତ୍ର ଓ ଦୀପ୍ତି ମହାନ୍ତିଙ୍କ ସୁକନ୍ୟା। ଓଲିଉଡ ଅଭିନେତା ଓ ରାଜ୍ୟସ୍ତରୀୟ କର୍ମଚାରୀ ନେତା ମୁକ୍ତିକାନ୍ତ ମହାପାତ୍ରଙ୍କ ଝିଆରୀ ସଂସ୍କୃତି ନିଜର କଠିନ ଅଧ୍ୟବସାୟ, ବାପା-ମା' ଓ ଗୁରୁଜନଙ୍କ ପ୍ରେରଣା ସହ ଅଧ୍ୟାପକମାନଙ୍କ ତତ୍ତ୍ୱାବଧାନରେ ଏହି ସଫଳତା ପାଇଥିବା କହିଛନ୍ତି। ଭବିଷ୍ୟତରେ ସେ ଆଇଏଏସ୍ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ଓ ଏଥିସକାଶେ ନିଜକୁ ପ୍ରସ୍ତୁତ କରୁଛନ୍ତି। ସଂସ୍କୃତିଙ୍କ ସଫଳତା ନେଇ ଗ୍ରାମବାସୀ ଓ ସାଙ୍ଗସାଥୀ ତଥା ବନ୍ଧୁପରିଜନମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ



**ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ):** ଆଧ୍ୟାତ୍ମିକ ସତ୍‌ସଙ୍ଗ ଚେତନା ସମିତି ଓ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀସ୍ଥିତ ଦୁର୍ଗା ପଡ଼ିଆଠାରେ ୯ ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାବାଜୀ ରାଧାରମଣ ଦାଶ, ସମ୍ମାନିତ ଅତିଥି ଭାବେ ଡ. ନାରାୟଣ ମହାପାତ୍ର, ରବୀନ୍ଦ୍ର ପାତ୍ର, ତ୍ରିଲୋଚନ ନାୟକ, ଡ. ରୁଦ୍ର ଦାଶ ପ୍ରମୁଖ ଯୋଗଦେଇ ଆଧ୍ୟାତ୍ମିକ ପ୍ରବଚନ ଶୁଣିବା ଦ୍ୱାରା ମଣିଷର ଜୀବନଶୈଳୀରେ ପରିବର୍ତ୍ତନ ହୋଇଥାଏ ବୋଲି କହିଥିଲେ। ଏହି ନବଦିନାତ୍ମକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ହରିହର ଜେନା, ଗୁରୁପ୍ରସାଦ ମହାପାତ୍ର ଓ ସନ୍ତୋଷ ସାହୁ ପ୍ରବଚନ ଦେଇଥିଲେ। ଶେଷ ସନ୍ଧ୍ୟାରେ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବେଶ ଓ ଆଳତି କରାଯିବା ପରେ ବିଶିଷ୍ଟ ପ୍ରବଚକ ସନ୍ତୋଷ କୁମାର ସାହୁ ପ୍ରବଚନ ରଖିଥିଲେ। କାର୍ଯ୍ୟକ୍ରମକୁ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଭଗବାନ ଦାଶ, ଅକ୍ଷୟ କୁମାର ନାୟକ, ବିଜୟ କୁମାର ଦାସ, କମଳଲୋଚନ ଜେନା, ତ୍ରିଲୋଚନ ନାୟକ, ଅଶୋକ ପାତ୍ର, ସନ୍ତୋଷ ମହାନ୍ତି, ସାରଦା ପ୍ରସାଦ ମହାନ୍ତି, ଅଜୟ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ପୁରୀ ସମୁଦ୍ର କୂଳରୁ ପର୍ଯ୍ୟଟଙ୍କ ମୃତଦେହ ଉଦ୍ଧାର

**ପୁରୀ,୨୬।୫(ସଂଚାର ବ୍ୟୁରୋ):** ସମୁଦ୍ର କୂଳରୁ ଉଦ୍ଧାର ହେଲା ମୃତଦେହ। ସୋମବାର ପୁରୀ ନିଳାଦ୍ରୀ ବିଚ୍‌ଠାରେ ଜଣେ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର ହୋଇଛି। ଲାଇଫ ଗାର୍ଡଙ୍କ ଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପର୍ଯ୍ୟଟକଙ୍କ ମୁହଁରୁ ପ୍ରବଳ ରକ୍ତସ୍ରାବ ହେଉଥିବାର ଦେଖିବାକୁ ମିଳିଥିଲା। ମୃତ ପର୍ଯ୍ୟଟକଙ୍କ ପରିଚୟ ମିଳିପାରିନାହିଁ। ତେବେ ସମୁଦ୍ର ସ୍ନାନ ବେଳେ ପର୍ଯ୍ୟଟକ ଜଣକ ସମୁଦ୍ରରେ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଏମିତିରେ ପୁରୀ ସମୁଦ୍ରରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ବିଶେଷ ପ୍ରାଧାନ୍ୟ ଦେବାକୁ ସାଧାରଣରେ ଦାବି ହୋଇଛି।

# ଅମାନିଆ ବାବୁ, ଠିକଣା ସମୟରେ ଆସୁନାହାନ୍ତି ଦପ୍ତର

**ଭୁବନେଶ୍ୱର,୨୬।୫:** ସରକାରୀ ବାବୁମାନେ ଠିକଣା ସମୟରେ ଦପ୍ତରକୁ ଆସୁନଥିବାରୁ ଏବେ ଗୋଟିଏ ପରେ ଗୋଟିଏ ବିଭାଗ ସେମାନଙ୍କୁ ଚେତାବନୀ ଦେବାରେ ଲାଗିଛନ୍ତି। ହେଲେ ଅମାନିଆ ବାବୁମାନଙ୍କ ଉପରେ ଏହାର ପ୍ରଭାବ ପଡୁଥିବା ଲକ୍ଷ୍ୟ କରାଯାଉନାହିଁ । ବିଳମ୍ବରେ ଆସି ସଅଳ ଦପ୍ତର ଛାଡିବା ଏବେ ଅନେକଙ୍କ ଅଭ୍ୟାସ ହୋଇଗଲାଣି।

ରାଜ୍ୟ ସଚିବାଳୟରେ କର୍ମଚାରୀମାନେ ପୂର୍ବାହ୍ନ ସାଢ଼େ ୯ରେ ପହଞ୍ଚିବା ପାଇଁ ସମୟ ଧାର୍ଯ୍ୟ ହୋଇଛି। ମୁଖ୍ୟ ଶାସନ ସଚିବ ଧାର୍ଯ୍ୟ ସମୟରେ ଆସି ପହଞ୍ଚୁଥିବା ବେଳେ ସଂଖ୍ୟାଧିକ କର୍ମଚାରୀଙ୍କର କିନ୍ତୁ ଦେଖାଦର୍ଶନ ମିଳୁନାହିଁ। ଏନେଇ ପ୍ରଥମେ ଅର୍ଥ ବିଭାଗ ଅମାନିଆ କର୍ମଚାରୀଙ୍କୁ ଚେତାବାନୀ ଦେଇଥିବାବେଳେ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛି । କର୍ମଚାରୀମାନେ ପୂର୍ବାହ୍ନ ୧୦ଟାରେ ଆସି ଦପ୍ତରରେ ପହଞ୍ଚି ବାୟୋମେଟ୍ରିକରେ ନିଜର ଟିପ ଦେବାକୁ କୁହାଯାଇଛି । ତେବେ ବିଭାଗର ୧୦ଟା ସମୟକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି ।

କର୍ମଚାରୀମାନେ ସଠିକ ସମୟରେ ଆସି ଯେଭଳି ଦପ୍ତର କାର୍ଯ୍ୟ କରିବେ ସେଥିପାଇଁ ପ୍ରତ୍ୟେକ ବିଭାଗ ପ୍ରବେଶ ପଥରେ ବାୟୋମେଟ୍ରିକ ଚିହ୍ନଟ ଯନ୍ତ୍ର ଲଗାଇଛନ୍ତି । କର୍ମଚାରୀମାନେ ଏଥିରେ ଟିପ ଦେଇ ପ୍ରବେଶ କରିବା ସହିତ ପ୍ରସ୍ଥାନ ସମୟରେ ଟିପଚିହ୍ନ ଦେବେ । ଫଳରେ ସେମାନେ କେତେବେଳେ ଦପ୍ତରକୁ ଆସୁଛନ୍ତି ଓ କେତେବେଳେ ଦପ୍ତର ଛାଡୁଛନ୍ତି ତାହା ସହଜରେ ଜଣାପଡିବ । ହେଲେ ସଂଖ୍ୟାଧିକ କର୍ମଚାରୀ ଏହାକୁ ଖାତିର କରୁନାହାନ୍ତି । ବିଳମ୍ବରେ ଦପ୍ତର ଆସି ସଅଳ ଛାଡୁଛନ୍ତି ।

କର୍ମଚାରୀମାନେ ପୂର୍ବାହ୍ନ ୯ଟା ୩୦ରେ ଦପ୍ତର ଆସିବାପାଇଁ ସମ୍ମତି ପ୍ରକାଶ କରିବାରୁ ସେମାନଙ୍କୁ ମାସର ଚତୁର୍ଥ ଶନିବାରଟିକୁ ଅତିରିକ୍ତ ଛୁଟି ଭାବେ ମଞ୍ଜୁର କରାଯାଇଛି । ତେବେ ଚତୁର୍ଥ ଶନିବାର ଛୁଟି ନେଉଥିବା କର୍ମଚାରୀଙ୍କ ମଧ୍ୟରୁ ଅନେକ କିନ୍ତୁ ୯ଟା ୩୦ରେ ଦପ୍ତରରେ ପହଞ୍ଚିବାକୁ ରାଜି ନୁହନ୍ତି । ଲକ୍ଷାଧିକ ଟଙ୍କା ବ୍ୟୟରେ ଲଗାଯାଇଥିବା ବାୟୋମେଟ୍ରିକ ଯନ୍ତ୍ରରେ କେଉଁ କର୍ମଚାରୀ କେତେବେଳେ ଆସି ଟିପ ଦେଉଛନ୍ତି ତାହାର ସମୀକ୍ଷା ମଧ୍ୟ କେହି କରୁନାହାନ୍ତି। ଫଳରେ କର୍ମଚାରୀମାନେ ଏହି ଯନ୍ତ୍ରକୁ ଆଉ ଭୟ କରୁନାହାନ୍ତି ।

ସେହିଭଳି ବର୍ତ୍ତମାନ ସମସ୍ତ ଫାଇଲ୍ କାର୍ଯ୍ୟ ଏବେ ଓସ୍ୱାସ ମାଧ୍ୟମରେ ଅନ୍‌ଲାଇନ୍‌ରେ ହେଉଥିବାବେଳେ କେଉଁ କର୍ମଚାରୀଙ୍କ ନିକଟକୁ ଦୈନିକ କେତୋଟି ଫାଇଲ ଯାଉଛି ଓ ସେମାନେ କେତୋଟି ଫାଇଲ୍ କାମ ସାରୁଛନ୍ତି ତାହାର ମଧ୍ୟ ନିୟମିତ ସମୀକ୍ଷା ହେଉନାହିଁ । ଫଳରେ କିଛି କର୍ମଚାରୀ ମନଦେଇ କାମ କରୁଥିବାବେଳେ ଆଉ କିଛି କର୍ମଚାରୀ ଅମନିଆ ହୋଇ ଏଣେ ତେଣେ ବୁଲୁଥିବା ଲକ୍ଷ୍ୟ କରାଯାଉଛି। ଏମାନେ ଏଭଳି ଅମାନିଆ ହୋଇଛନ୍ତି ଯେ ନିଜର ଉପରିସ୍ଥ ଅଧିକାରୀ ଦପ୍ତରରେ ବସି କାମ କରୁଥିଲେ ବି ବାହାରକୁ ଯିବାପାଇଁ ସାମାନ୍ୟ ଭୟ କରୁନାହାନ୍ତି ।

ରାଜ୍ୟ ସଚିବାଳୟ, ବିଭାଗୀୟ ମୁଖ୍ୟ ଦପ୍ତର ସମେତ ରାଜଧାନୀରେ ଥିବା ଆଉ କିଛି ସରକାରୀ ବିଭାଗରେ ଦେଖାଦେଇଥିବା ବାବୁମାନଙ୍କର ଏଭଳି ଅମାନିଆ ରୋଗ ଏବେ ଜିଲ୍ଲାସ୍ତରୀୟ ଦପ୍ତରଗୁଡିକରେ ବି ପରିଲକ୍ଷିତ ହେଲାଣି। ଜିଲ୍ଲା ସ୍ତରରେ ପ୍ରାୟ ସମସ୍ତ ଦପ୍ତରରେ ବାୟୋମେଟ୍ରିକ ଯନ୍ତ୍ର ଲାଗିଥିଲେ ବି କର୍ମଚାରୀମାନେ ଏହାକୁ ସାମାନ୍ୟ ଖାତିର କରୁନାହାନ୍ତି। ବରଂ କିଛି କର୍ମଚାରୀ ସଅଳ ଆସି ଏଥିରେ ଟିପ ଦେଇ ପଳାଉଛନ୍ତି ଓ ବିଳମ୍ବରେ ଆସି ଟିପ ଦେଇଦେଉଛନ୍ତି। ଫଳରେ କୌଣସି ସମୟରେ ଯାଞ୍ଚ ହେଲେ ଏଭଳି କର୍ମଚାରୀମାନେ ଆଉ ଧରାପଡିବାର ନାହିଁ। ଏଭଳି ଅମାନିଆ ବାବୁଙ୍କୁ ସାବାଡ ପାଇଁ ଉପରିସ୍ଥ ଅଧିକାରୀମାନେ ଦପ୍ତରରେ ଅଚାନକ ଯାଞ୍ଚ ସହିତ ବାୟୋମେଟ୍ରିକ ଓ ଫାଇଲ୍ କାର୍ଯ୍ୟର ସମୀକ୍ଷା କରିବାକୁ ମତପ୍ରକାଶ ପାଉଛି । (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର




# ଅରାଜକତା ଗ୍ରହଣୀୟ ନୁହେଁ

ଦେଶର ଆର୍ଥିକ ବିକାଶ ନିମନ୍ତେ ରାଜନୈତିକ ସ୍ଥିରତା ଏବଂ ଶାନ୍ତି ବଜାୟ ରହିବା ଜରୁରୀ। ଭାରତରେ ଏବେ ରାଜନୈତିକ ସ୍ଥିରତା ରହିଛି। କିନ୍ତୁ ଅନେକ ସମୟରେ ବିଭିନ୍ନ ପ୍ରସଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଯୋଗୁ ବିକାଶ ପ୍ରକ୍ରିୟା ପ୍ରଭାବିତ ହେଉଛି ଯାହା କଦାପି ଗ୍ରହଣୀୟ ନୁହେଁ। ଏହା ଦେଶର ସ୍ୱାର୍ଥ ବିରୋଧୀ। ଗଣତନ୍ତ୍ରରେ ସରକାରଙ୍କୁ ବିରୋଧ, ଅନ୍ୟାୟର ପ୍ରତିବାଦ ଏବଂ ସମ୍ବିଧାନ ସୁରକ୍ଷା ନିମନ୍ତେ ଆନ୍ଦୋଳନ ବା ପ୍ରତିବାଦର ସ୍ୱର ଉଠାଇବାର ଅଧିକାର ସମସ୍ତଙ୍କର ରହିଛି। କିନ୍ତୁ ଅନ୍ୟାୟର ପ୍ରତିବାଦ ହିଂସା ମାଧ୍ୟମରେ କଦାପି ଗଅହଣୀୟ ନୁହେଁ। ଏହା ନାଗରିକର ମୋୖଳିକ ଅଧିକାର ନୁହେଁ। ଏହା ଏକ ଅସାମ୍ବିଧିନକଳ ଅଗଣତାନ୍ତ୍ରିକ ଏବଂ ବେଆଇନ କାର୍ଯ୍ୟ। ଆନ୍ଦୋଳନ ନାମରେ ଜାତୀୟ ସମ୍ପତ୍ତି ନଷ୍ଟ, ଅନ୍ୟର ଧନଜୀବନ ପ୍ରତି ପିବଦ ସୃଷ୍ଟି କଦାପି ଗ୍ରହଣୀୟ ନୁହେଁ। ଏହା ଏକ ଦଣ୍ଡନୀୟ ଅପରାଧ ଏବଂ ଦେଶ ବିରୋଧୀ କାର୍ଯ୍ୟ। ସଂଶୋଧିତ ୱାକଫ ଆଇନ ବିରୋଧରେ ପଶ୍ଚିମବଙ୍ଗ ଏବଂ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ମୁର୍ଶିଦାବାଦରେ ୩ଜଣ ପ୍ରାଣ ହରାଇଛନ୍ତି। ୱାକଫ ଆଇନ ନେଇ ଆଗତ ଏକାଧିକ ପିଟିସନର ଶୁଣାଣୀ ବେଳେ ସୁପ୍ରିମକୋର୍ଟ ଏଥିନେଇ ଉଦବେଗ ପ୍ରକାଶ କରିବା ସହ ଏହାକୁ ନିନ୍ଦା କରିଛନ୍ତି। କିନ୍ତୁ ଏତିକିରେ ସୁପ୍ରିମକୋର୍ଟଙ୍କ ଦାୟିତ୍ୱ ସରିଯାଉନି। ହିଂସା ସମ୍ପୂର୍ଣ୍ଣ ବନ୍ଦ ନହେବା ଯାଏ କୋୖଣସି ପିଟିସନର ଶୁଣାଣୀ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କଠୋର ସର୍ତ୍ତ ରଖିବା ଉଚିତ। ଯେଉଁମାନେ ନିଜକୁ ଗାନ୍ଧିବାଦୀ ବୋଲି ଦାବି କରୁଛନ୍ତି, ସେହିମାନେ ହିଁ ଗାନ୍ଧୀଙ୍କ ଅହିଂସା ନୀତିର ବିପରତ କାର୍ଯ୍ୟ କରୁଛନ୍ତି। କିଛି ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଦୋଳନଜୀବୀ ନାମରେ ଏକ ଶବ୍ଦ ବ୍ୟବହାର କରିଥିଲେ। ସିଏଏ ବିରୋଧୀ ଆନ୍ଦୋଳନ, କୃଷକ ଆନ୍ଦୋଳନ ଇତ୍ୟାଦିକୁ ଲକ୍ଷ୍ୟ କରି ସେ ଏହି ମନ୍ତବ୍ୟ ଦେଇଥିଲେ ଯାହାର ଯଥାର୍ଥତା ରହିଛି। ବର୍ତ୍ତମାନ ଯୁଗ ବଦଳି ଗଲାଣି। ଏବେ ଶାନ୍ତି ଏବଂ ବିକାଶର ଯୁଗ। ଆନ୍ଦୋଳନ ନାମରେ ରାସ୍ତାରୋକ, ରେଳରୋକ, ହିଂସାକାଣ୍ଡ ଏବଂ ବନ୍ଦ ଆହ୍ୱାନ ଆଉ ଗ୍ରହଣୀୟ ହେଉନାହିଁ। ଏହା କିଛି ଲୋକଙ୍କର ସମ୍ବିଧାନପ୍ରଦତ୍ତ ମୋୖଳିକ ଅଧିକାର ହୋଇପାରେ, କିନ୍ତୁ କୋଟି କୋଟି ଲୋକଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ବନ୍ଦ ପାଳନ ହେତୁ ଦେଶର ବିପୁଳ କ୍ଷତି ହେଉଛି, ଅନେକ ଉପାସରେ ଶୋଇବାକୁ ବାଧ ହେଉଛନ୍ତି। ଏହା ଦେଶର ସ୍ୱାର୍ଥ ବିରୋଧୀ ଏବଂ ଜନସ୍ୱାର୍ଥ ବିରୋଧୀ। କିଛି ଲୋକ ଆନ୍ଦୋୖଳନକୁ ଏକ ପ୍ରକାର ଜୀବୀକା କରି ବଂଚୁଛନ୍ତି। କିଛି କାମ ନକରି କେବଳ ସଙ୍ଗଠନ ଗଠନ କରିବା, ଚାନ୍ଦା ଆଦାୟ କରିବା ଏବଂ ସରକାରଙ୍କୁ ବ୍ଲାକ ମେଲ କରି କୋଟି କୋଟି ଟଙ୍କାର ମାଲିକ ହୋଇ ଅୟସରେ ଜୀବନ ବିତାଇବା ହେଉଛି ଏମାନଙ୍କ ଉଦ୍ଦେଶ୍ୟ ଏବଂ ଜୀବନ ଧାରଣର ମାଧ୍ୟମ। ତେଣୁ ପ୍ରଧାନମନ୍ତ୍ରୀ ଆନ୍ଦୋଳନଜୀବୀ ବୋଲି ଯେଉଁ ଶବ୍ଦ ବ୍ୟବହାର କରିଥିଲେ ତାହାର ଯଥାର୍ଥତା ରହିଛି। ଏବେ ପଞ୍ଜାବରେ ନିଜକୁ ଚାଷୀ ବୋଲି ଦାବି କରୁଥିବା କିଛି ବ୍ୟକ୍ତି ଆନ୍ଦୋଳନରତ ଅଛନ୍ତି। ସେମାନେ ଯେଉଁ ଦାବି କରୁଛନ୍ତି ତାହା ପୂରଣ କରିବା ଅସମ୍ଭବ। ସେମାନେ ସେକଥା ଜାଣିଛନ୍ତି। କିନ୍ତୁ କେବଳ ସରକାରଙ୍କୁ ବଦନାମ କରିବା ହେଉଛି ସେମାନଙ୍କର ଉଦ୍ଦେଶ୍ୟ। କିଛି ସପ୍ତାହ ତଳେ ଦିଲ୍ଲୀର ଶମ୍ଭୁସୀମାରେ ଧାରଣାରତ ଦୁଇଜଣ ଚାଷୀ ଆତ୍ମହତ୍ୟା କରିଥିଲେ। ଓ୍ଆତ୍ମହତ୍ୟା କରିଥିବା ଉଭୟେ କ୍ଷୁଦ୍ରଚାଷୀ ଥିଲେ। ସେମାନେ ଆତ୍ମହତ୍ୟା କରିବାର କିଛି ଯଥାର୍ଥତା ନଥିଲା। ସମ୍ଭବତଃ ସେମାନଙ୍କୁ କେହି ଆତ୍ମହତ୍ୟା କରିବାକୁ କେହି ବାଧ କରିଛି ବା ପ୍ରରୋଚିତ କରିଛନ୍ତି। ଏମଏସପିକୁ ଆଇନଗତ ସ୍ୱୀକୃତି ମିଳିଲେ ସେମାନେ କେତେଦୂର ଲାଭବାନ ହୋଇଥାଆନ୍ତେ ତାହା ଆକଳନ କରାଯାଇପାରିବନି। କିନ୍ତୁ କିଛି ଦଲାଲଙ୍କ ରାଜନୀତିରେ ସେମାନେ ବଳି ପଡ଼ିଲେ। ଭାରତରେ କୃଷକ ଆନ୍ଦୋଳନ ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହୋଇଗଲାଣି। ପ୍ରତିବର୍ଷ ରାଜଧାନୀ ଦିଲ୍ଲୀର ପ୍ରାବେଶ ପଥକୁ କୃଷକମାନେ ଅବରୋଧ କରୁଛନ୍ତି। ଏଥିରେ ପଞ୍ଜାବ ଓ ହରିୟାନର କଅଷକମାନେ ବେଶୀ ମାତ୍ରାରେ ସାମିଲ ହେଉଛନ୍ତି। ଏହି ଦୁଇ ରାଜ୍ୟ ଦିଲ୍ଲୀ ସୀମାକୁ ଲାଗିଛି। ତେଣୁ ସେମାନେ ଟ୍ରାକ୍ଟର ଧରି ଦିଲ୍ଲୀ ସୀମାରେ ଆସି ହାଜର ହୋଇଯାଉଛନ୍ତି। ଅନେକ ସମୟରେ ସେମାନେ ଚାଲିଚାଲି ମଧ ଦିଲ୍ଲୀ ସୀମାରେ ଆସି ପହଞ୍ଚି ଯାଉଛନ୍ତି। କହିବା ବାହୁଲ୍ୟ ଯେ, ଉଭୟ ପଞ୍ଜାବ ଏବଂ ହରିୟାନା ହେଉଛି କୃଷି ପ୍ରଧାନ ରାଜ୍ୟ। କେବଳ ଏହି ଦୁଇ ରାଜ୍ୟ ନୁହେଁ, ରାଜସ୍ଥାନ ଏବଂ ପଶ୍ଚିମ ୟୁପିରୁ ମଧ ଅନେକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହେଉଛନ୍ତି। ସେମାନଙ୍କର ମୁଖ୍ୟଦାବି ହେଲା ଏମଏସପି ବୃଦ୍ଧି ଏବଂ ଏହାକୁ ସାମ୍ବିଧାନିକ ସ୍ୱୀକୃତି। ଦିଲ୍ଲୀ ସୀମାରେ ପୋଲିସ ସେମାନଙ୍କୁ ଅଟକାଉଛନ୍ତି। ଫଳରେ ସେମାନେ ସେହିଠାରେ ରାସ୍ତା ଉପରେ ଧାରଣାରେ ବସି ରହୁଛନ୍ତି। ୪ ବର୍ଷ ତଳେ କୃଷକମାନେ ସାଧରଣତନ୍ତ୍ର ଦିବସରେ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହି ସମୟରେ ଦିଲ୍ଲୀରେ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାହା ସାରା ଦେଶବାସୀଙ୍କୁ ଚକିତ କରିଥିଲା। ତେଣୁ ଏହା ପରେ କୃଷକମାନଙ୍କୁ ଆଉ ଦିଲ୍ଲୀରେ ପ୍ରବେଶ କରିବାକୁ ଅନୁମତି ଦିଆଯାଉନି। କାରଣ ଗଣତାନ୍ତ୍ରିକ ଅଧିକାର ନାମରେ ଅରାଜକତା ଗ୍ରହଣୀୟ ନୁହେଁ। ଏବେ ପୁନର୍ବାର ଦିଲ୍ଲୀରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୋୖଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହ୍ମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ ହୋଇ ଏହାକୁ ପ୍ରତ୍ୟାହାର କଲେ। ଏକ ଉନ୍ନତ ଚିନ୍ତାଧାରା ନଷ୍ଟ ହୋଇଗଲା। ପଞ୍ଜାବର କୃଷକଙ୍କ ପାଇଁ ସାରା ଦେଶର କୃଷକ କ୍ଷତିଗ୍ରସ୍ତ ହେଲେ। ଯାହା ବି ହେଉ ସରକାର କୃଷକମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। କିନ୍ତୁ ଚାଷକାମ ଛାଡ଼ି କୃଷକ ମାନେ ସବୁ ବେଳେ ଆନ୍ଦୋଳନ କରିବା, ଦିଲ୍ଲୀରେ ରାସ୍ତା ଅବରୋଧ କରିବା ସ୍ପୃହଣୀୟ ଲାଗୁନାହିଁ। ଏଥିଲାଗି ସେମାନଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯିବାର ଯଥାର୍ଥତା ନାହିଁ। ଏଥିପାଇଁ ସରକାର ଏବଂ ସବୁ ରାଜନୈତିକ ଦଳ ଦାୟୀ। ସେମାନେ କୃଷକଙ୍କ ଦାବି ବା ସମସ୍ୟା ଦୂର କରିବାଲାଗି ଯେତିକି ତତ୍ପର ନୁହଁନ୍ତି, କୃଷକ ଆନ୍ଦୋଳନରୁ ରାଜନୈତିକ ପାଇଦା ହାସଲ ଲାଗି ସେତିକି ତତ୍ପର। ଆଗାକୁ ସଂସଦର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରାୟ ଅଢ଼େଇ ମାସ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ କୃଷକ ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ସେମାନଙ୍କ ସହ ସରକାର ଆଲୋଚନା କରନ୍ତୁ। ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମସ୍ୟାର ସମାଧାନ ନହେଲେ ସରକାର ଏହାକୁ ବେଆଇନ ଘୋଷଣା କରନ୍ତୁ। ସେହିପରି ୱାକଫ ଆଇନକୁ ବିରୋଧ କରି ହିଂସା କଦାପି ଗ୍ରହଣୀୟ ନୁହେଁ। ଏହାକୁ ଦୃଢ଼ ହସ୍ତରେ ଦମନ କରାଯିବା ଉଚିତ।

# ସହରାଞ୍ଚଳ ଷ୍ଟ୍ରିଟ୍ ଲାଇଟ୍: ପରିବର୍ତ୍ତନ ଏବଂ ଶକ୍ତି ସଞ୍ଚୟ



**ପ୍ରଭାକର ସାହୁ**

ସହରାଞ୍ଚଳ ଷ୍ଟ୍ରିଟ୍ ଲାଇଟିଗୁଡିକୁ ସୌର ପ୍ରଯୁକ୍ତିବିଦ୍ୟାକୁ ପରିବର୍ତ୍ତନ କରିବା ଦ୍ୱାରା ଅଧିକ ଶକ୍ତି ସଞ୍ଚୟ ଏବଂ ସ୍ଥିରତା ଆସିବ। ସହରାଞ୍ଚଳଗୁଡ଼ିକର ସମ୍ପ୍ରସାରଣ ସହିତ, ସାର୍ବଜନୀନ ଭିତ୍ତିଭୂମିର ଚାହିଦା ବୃଦ୍ଧି ପାଉଛି-ବିଶେଷକରି ଷ୍ଟ୍ରିଟ୍ ଲାଇଟ୍ ପାଇଁ, ଯାହା ସୁରକ୍ଷା, ଉପଲବ୍ଧତା ଏବଂ ସହରାଞ୍ଚଳର ସୌନ୍ଦର୍ଯ୍ୟ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ପାରମ୍ପରିକ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ଅଧିକ ଶକ୍ତି ବିନିଯୋଗ ଯୋଗୁଁ ପୌରପାଳିକାର ଆର୍ଥିକ ସ୍ଥିତି ଉପରେ ଗୁରୁତ୍ୱପୂର୍ଣ୍ଣ ବୋଝ ପକାଇଥାଏ। ପୌରସଂସ୍ଥାଗୁଡିକ ପ୍ରାୟତଃ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍, ପୁରୁଣା ପଦ୍ଧତିରେ ପରିଚାଳନା ଏବଂ ବିଦ୍ୟୁତ୍ ବିଭ୍ରାଟ କାରଣରୁ ସେବା ବ୍ୟାଘାତ ଭଳି ଆହ୍ୱାନର ସମ୍ମୁଖୀନ ହୋଇଥାନ୍ତି।

ଏହି ଆହ୍ୱାନଗୁଡିକ ଅଧିକ ସ୍ଥାୟୀ ଏବଂ ଆଲୋକ ସମାଧାନର ଜରୁରୀ ଆବଶ୍ୟକତାକୁ ରେଖାଙ୍କିତ କରେ-ସୌରଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍। ପାରମ୍ପରିକ ଷ୍ଟ୍ରିଟ୍ ଲାଇଟ୍ ସହିତ କେତେକ ପ୍ରମୁଖ ଆହ୍ୱାନ ମଧ୍ୟରେ ଅତ୍ୟଧିକ ଶକ୍ତି ବ୍ୟବହାର, କାର୍ଯ୍ୟକ୍ଷମ ଅକ୍ଷମତା, ଉଚ୍ଚ ରକ୍ଷଣାବେକ୍ଷଣ ଖର୍ଚ୍ଚ, ବିଦ୍ୟୁତ୍ ବିଭ୍ରାଟ ପ୍ରତି ଦୁର୍ବଳତା ଏବଂ ପରିବେଶ ପ୍ରଭାବ ଅନ୍ତର୍ଭୁକ୍ତ। ଗ୍ରୀଡ-ଚାଳିତ ବ୍ୟବସ୍ଥା ପ୍ରାୟତଃ ପ୍ରତି ମ୍ୟୁନିସିପାଲିଟି ପିଛା ମାସିକ ହଜାର ହଜାର ବିଦ୍ୟୁତ୍ ୟୁନିଟ୍ ବ୍ୟବହାର କରିଥାଏ, ଯାହା ବଜେଟକୁ ଚାପଗ୍ରସ୍ତ କରିଥାଏ। ସ୍ୱୟଂକ୍ରିୟ ନିୟନ୍ତ୍ରଣର ଅନୁପସ୍ଥିତିରେ, ଦିନରେ ବାରମ୍ବାର ଆଲୋକ ଜଳିଯାଏ, ଶକ୍ତି ନଷ୍ଟ ହୁଏ। ପାରମ୍ପରିକ ବ୍ୟବସ୍ଥାରେ ନିୟମିତ ଯାଞ୍ଚ, ବଲବ୍ ବଦଳାଇବା ଏବଂ ମରାମତି ଆବଶ୍ୟକ ହୋଇଥାଏ। ଗ୍ରୀଡ୍ ବିଫଳତା ଆଖପାଖର ବ୍ୟବସ୍ଥାକୁ ଅଚଳ କରିଦେଇପାରେ, ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇପାରେ ଏବଂ ଗ୍ରୀଡ୍ ବିଦ୍ୟୁତ୍ ସାଧାରଣତଃ ଜୀବାଶ୍ମ ଇନ୍ଧନରୁ ମିଳିଥାଏ, ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧି କରେ ଏବଂ ବାୟୁର ଗୁଣବତ୍ତା କ୍ଷତି ପହଞ୍ଚାଇଥାଏ।

ସୌର ଶକ୍ତି ଚାଳିତ ଷ୍ଟ୍ରିଟ୍ ଲାଇଟ୍ ଉପରୋକ୍ତ ବ୍ୟବସ୍ଥାର ଏକ ବିକଳ୍ପ ପ୍ରଦାନ କରିବ। ସୌର ଷ୍ଟ୍ରିଟ୍ ଲାଇଟ୍ ପାୱାର ଗ୍ରୀଡରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରେ, ସୂର୍ଯ୍ୟାଲୋକ ବ୍ୟବହାର କରିବା ଏବଂ ଏହାକୁ ବିଦ୍ୟୁତରେ ପରିଣତ କରିବା ପାଇଁ ଫଟୋଭୋଲ୍ଟାଇକ୍ (ପିଭି) ପ୍ୟାନେଲ୍ ବ୍ୟବହାର କରେ। ଏହି ଶକ୍ତି ବ୍ୟାଟେରୀରେ ଗଚ୍ଛିତ ରହିଥାଏ ଏବଂ ରାତିରେ ଦକ୍ଷ ଏଲ.ଇ.ଡି. ଫିକ୍ଚରକୁ ଶକ୍ତି ଯୋଗାଇବା ପାଇଁ ବ୍ୟବହୃତ ହୋଇଥାଏ। ଏହି ବ୍ୟବସ୍ଥା ସ୍ୱୟଂକ୍ରିୟ, ଆତ୍ମନିର୍ଭରଶୀଳ ଏବଂ ଉଭୟ ସହରାଞ୍ଚଳ ଏବଂ ଉପ-ସହରାଞ୍ଚଳ ପରିବେଶ ପାଇଁ ଏକ ଆଦର୍ଶ।

ସୌର ପ୍ୟାନେଲଗୁଡ଼ିକ ସୂର୍ଯ୍ୟାଲୋକ ଗ୍ରହଣ କରିବ ଏବଂ ବିଦ୍ୟୁତ ଉତ୍ପାଦନ କରିବ। ଏଲ. ଇ. ଡି. ଫିକ୍ଚର ଦ୍ୱାରା ଉଜ୍ଜ୍ୱଳ, ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରାଯିବ। ବ୍ୟାଟେରୀ ୟୁନିଟଗୁଡ଼ିକ ରାତିରେ ବ୍ୟବହାର ପାଇଁ ବିଦ୍ୟୁତ ସଞ୍ଚୟ କରିବେ। ବିଦ୍ୟୁତ୍ ପ୍ରବାହ ଏବଂ ଅଧିକ ଚାର୍ଜିଂ କିମ୍ବା ଗଭୀର ଡିସଚାର୍ଜରୁ ବ୍ୟାଟେରୀର ସୁରକ୍ଷା ଚାର୍ଜ କଣ୍ଟ୍ରୋଲରଙ୍କ ଦ୍ୱାରା ପରିଚାଳିତ ହେବ। ମାଉଣ୍ଟିଂ ସଂରଚନା ସର୍ବୋତ୍ତମ ସ୍ଥାନ ଏବଂ ଦୀର୍ଘସ୍ଥାୟୀତା ସୁନିଶ୍ଚିତ କରିବ।

ସୌର ଷ୍ଟ୍ରିଟ୍ ବ୍ୟବସ୍ଥାର ଲାଭଗୁଡ଼ିକ ହେଉଛି ଶକ୍ତି ସ୍ୱାଧୀନତା ଯାହା ଗ୍ରୀଡ୍ ବିଦ୍ୟୁତ୍ ଉପରେ ନିର୍ଭରଶୀଳତାକୁ ହ୍ରାସ କରେ, ଉପଯୋଗିତା ଖର୍ଚ୍ଚକୁ ହ୍ରାସ କରେ। ସ୍ୱୟଂଚାଳିତ ପରିଚାଳନା ଯାହା ପାରମ୍ପରିକ ସୁଇଚିଂର ଆବଶ୍ୟକତାକୁ ସମାପ୍ତ କରିବା ପାଇଁ ସନ୍ଧ୍ୟା-ରୁ-ସକାଳ ସେନ୍ସରକୁ ନିଶ୍ଚିତ କରେ, ଦୀର୍ଘସ୍ଥାୟୀ ଉପାଦାନ ସହିତ ସର୍ବନିମ୍ନ ରକ୍ଷଣାବେକ୍ଷଣ ଯାହା ସର୍ଭିସିଙ୍ଗ୍ ଫ୍ରିକ୍ୱେନ୍ସି ଏବଂ କାର୍ଯ୍ୟକ୍ଷମ ଡାଉନଟାଇମକୁ ହ୍ରାସ କରେ, ବ୍ଲାକଆଉଟ୍ ସମୟରେ ବିଶ୍ୱସନୀୟ ପରିଚାଳନା ମାଧ୍ୟମରେ ସ୍ଥିତିସ୍ଥାପକ ପ୍ରଦର୍ଶନ, ସୁରକ୍ଷା ବୃଦ୍ଧି ଏବଂ ପରିବେଶ ପରିଚାଳନା ଯାହା ଶୂନ୍ୟ ନିର୍ଗମନ ସୃଷ୍ଟି କରେ, ସ୍ଥାୟୀ ସହରାଞ୍ଚଳ ବିକାଶକୁ ସମର୍ଥନ କରେ।

ପୌରସଂସ୍ଥା ପାଇଁ କାର୍ଯ୍ୟାନ୍ୱୟନ ରଣନୀତି ମୂଲ୍ୟାଙ୍କନ ଏବଂ ଯୋଜନା ପାଇଁ ଯିବ। ସେମାନେ ବେସଲାଇନ ଶକ୍ତି ଅଡିଟ୍ କରିବେ ଏବଂ ପ୍ରାଥମିକତା ନିୟୋଜନ ପାଇଁ ଉଚ୍ଚ-ବ୍ୟବହାର କ୍ଷେତ୍ର ଚିହ୍ନଟ କରିବେ ଏବଂ ପାଇଲଟ ପଦକ୍ଷେପ ଆରମ୍ଭ କରିବେ। ପାର୍କ, ପ୍ରମୁଖ ପ୍ରମୁଖ ସ୍ଥାନ, କିମ୍ବା ସମ୍ବେଦନଶୀଳ ପଡ଼ୋଶୀ ପରି ଲକ୍ଷ୍ୟଭୁକ୍ତ ଅଞ୍ଚଳରେ ପାଇଲଟ୍ ପ୍ରକଳ୍ପ ସହିତ ପରିବର୍ତ୍ତନ ଆରମ୍ଭ ହୋଇପାରେ। ସ୍ଥାପନ, ରକ୍ଷଣାବେକ୍ଷଣ ଏବଂ ତଦାରଖ ପାଇଁ କାର୍ଯ୍ୟଦକ୍ଷତା ଆଧାରିତ ଚୁକ୍ତିନାମାକୁ ସରକାରୀ-ଘରୋଇ ଭାଗିଦାରୀ (ପିପିପି) କୁ ପ୍ରୋତ୍ସାହିତ କରାଯାଇପାରିବ। ପାଣ୍ଠି ଯୋଗାଣ ଉତ୍ସଗୁଡ଼ିକର ଲାଭ ଉଠାଇବା ପାଇଁ ପୌରସଂସ୍ଥା ଗୁଡ଼ିକ ଆର୍ଥିକ ସହାୟତା ପାଇଁ ସରକାରୀ ଯୋଜନା (ଯଥା, ସ୍ମାର୍ଟ ସିଟି ମିଶନ), କର୍ପୋରେଟ ସି.ଏସ୍.ଆର୍. ବଜେଟ୍ ଏବଂ ସବୁଜ ବଣ୍ଡଗୁଡ଼ିକୁ ବ୍ୟବହାର କରିପାରିବେ। ବାସ୍ତବ ସମୟ ତ୍ରୁଟି ଚିହ୍ନଟ, ରିମୋଟ ମନିଟରିଂ ଏବଂ କାର୍ଯ୍ୟଦକ୍ଷତା ବିଶ୍ଳେଷଣ ପାଇଁ ଆଇଓଟି ଆଧାରିତ ସମାଧାନକୁ ବିକଶିତ କରିବା ପାଇଁ ସ୍ମାର୍ଟ ଜ୍ଞାନକୌଶଳର ଏକୀକରଣ ରହିବ।

**ସଫଳତାର କାହାଣୀ ଓ ପୁଣେର ସୋଲାର ଷ୍ଟ୍ରିଟ୍ ଲାଇଟ୍ ପ୍ରୋତ୍ସାହନ:** ପୁଣେ ମହାନଗର ନିଗମ ସୌର ଶକ୍ତି ଚାଳିତ ଏଲଇଡି ସିଷ୍ଟମ ସହିତ ୮୦,୦୦୦ ରୁ ଅଧିକ ଷ୍ଟ୍ରିଟ୍ ଲାଇଟ୍ ପୁନଃ ସ୍ଥାପିତ କରିଛି। ବିଦ୍ୟୁତ୍ ବ୍ୟବହାରରେ ୫୦ ପ୍ରତିଶତ ହ୍ରାସ, ଶକ୍ତି ଖର୍ଚ୍ଚରେ ବାର୍ଷିକ ୨୦ କୋଟି ଟଙ୍କାରୁ ଅଧିକ ସଞ୍ଚୟ, ଉନ୍ନତ ଆଲୋକ ଗୁଣବତ୍ତା ଏବଂ ସର୍ବସାଧାରଣ ସୁରକ୍ଷା ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ଆଣିବାରେ ଏହାର ପ୍ରଭାବ ଯଥେଷ୍ଟ ଥିଲା। ଏହି ପରିବର୍ତ୍ତନ ପୁନେକୁ ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି ପାଇଁ ଏକ ମଡେଲ ଭାବରେ ସ୍ଥାନିତ କରିଥିଲା। ସୌର-ଚାଳିତ ଷ୍ଟ୍ରିଟ୍ ଲାଇଟ୍‌କୁ ପରିବର୍ତ୍ତନ ସହରାଞ୍ଚଳର ନମନୀୟତା, ସ୍ଥିରତା ଏବଂ ଆର୍ଥିକ ଦାୟିତ୍ୱରେ ଏକ ରଣନୈତିକ ନିବେଶର ପ୍ରତିନିଧିତ୍ୱ କରେ। ଯଦିଓ ପ୍ରାରମ୍ଭିକ ଖର୍ଚ୍ଚ ଅଧିକ ହୋଇପାରେ ତଥାପି ଖର୍ଚ୍ଚ ସଞ୍ଚୟ, ପରିଚାଳନା ଦକ୍ଷତା ଏବଂ ପରିବେଶ ପ୍ରଭାବ କ୍ଷେତ୍ରରେ ଦୀର୍ଘକାଳୀନ ଲାଭ ଅନସ୍ୱୀକାର୍ଯ୍ୟ। ଦୂରଦୃଷ୍ଟିସମ୍ପନ୍ନ ଯୋଜନା, ଆନ୍ତଃ-କ୍ଷେତ୍ର ସହଯୋଗ ଏବଂ ସ୍ମାର୍ଟ ଜ୍ଞାନକକୌଶଳର ଏକୀକରଣ ସହିତ, ସହରଗୁଡିକ ସେମାନଙ୍କ ରାସ୍ତାଗୁଡ଼ିକୁ ନିରାପଦ, ଆର୍ଥିକ ଏବଂ ସ୍ଥାୟୀ ଭାବରେ ସ୍ୱଚ୍ଛ ଶକ୍ତି ସହିତ ଆଲୋକିତ କରିପାରିବେ। ଏହି ପରିବର୍ତ୍ତନ ସହରୀ ଆଲୋକ ବ୍ୟବସ୍ଥାରେ ଅର୍ଥପୂର୍ଣ୍ଣ ଏବଂ ଦୃଶ୍ୟମାନ ପରିବର୍ତ୍ତନ ଆଣିବ ଏବଂ ଗୁଣାତ୍ମକ ନାଗରିକ ସୁବିଧାଗୁଡ଼ିକୁ ବୃଦ୍ଧି କରିବ।




**ମୋବାଇଲ୍: ୯୪୩୯୬୫୪୨୨୨**


# ସାବିତ୍ରୀ ବ୍ରତ



**ଇତିଶ୍ରୀ ଅଲିଭା ଦିପ୍ତିମୟୀ ରାଉତ**

ଜ୍ୟେଷ୍ଠମାସ ଅମାବାସ୍ୟା ଦିନ ଓଡ଼ିଶାର ଘରେ ଘରେ ସାବିତ୍ରୀ ବ୍ରତ ପାଳନ ହୋଇଥାଏ। ବ୍ରତଚାରିଣୀମାନେ ବଟବୃକ୍ଷ ମୂଳେ ନୈବେଦ୍ୟ ସମର୍ପଣ କରି ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରି ସ୍ତୁତିଗାନ କରିଥାନ୍ତି - "ଓଁ ଦେବାସୁର ମନୁଷ୍ୟାଣାଂ ପୂଜନୀୟା ବିଧାନତଃ, ପତିବ୍ରତେ ମହାଭାଗେ ବନ୍ଦିତେ ଚ ଶୁଚିସ୍ମିତେ, ଅବୈଧବ୍ୟ ସୌଭାଗ୍ୟଂ ଦେହିତ୍ୱଂମମ ସୁବ୍ରତେ, ପୁତ୍ର ପୌତ୍ରଂଚ ମୋକ୍ଷଞ୍ଚ ଦେହି ଦେବୀ ନମୋସ୍ତୁତେ'। ବ୍ରତଚାରିଣୀମାନେ ପୂଜା ସାରି ଦେବୀଙ୍କୁ ପାଞ୍ଚଥର ପୁଷ୍ପାଞ୍ଜଳୀ ପ୍ରଦାନ କରି ଘିଅ ଦୀପରେ ବନ୍ଦନା ଗାନ କରିଥାନ୍ତି। ଯମ ଦେବତାଙ୍କୁ ପୂଜା କରି ଗାନ କରିଥାନ୍ତି - "ଓଁ ଯମାୟ ପାଶହସ୍ତାୟ ମହିଷ ବାହନାୟଚ, ସର୍ବଜୀବାପହରାୟ ନମୋ ବୈବସ୍ୱତାୟଚ। "ତ୍ୱତ୍ ପ୍ରସାଦା ଜଗନ୍ନାଥ ଦୀର୍ଘୟୁସ୍ତେ ମେ ପତି' ଉଚ୍ଚାରଣ କରି ପ୍ରଣାମ କରନ୍ତି। ଶେଷରେ ସତ୍ୟବନ୍ତ ଗୁଣଶୀଳ ରାଜପୁତ୍ର ସତ୍ୟବାନଙ୍କୁ ଧୂପ, ଦୀପ, ପୁଷ୍ପ ଚନ୍ଦନ ଦେଇ ସ୍ତୁତି କରନ୍ତି। "ଓଁ ସତ୍ୟବ୍ରତଂ ରାଜପୁତ୍ରଂ ରାଜଲକ୍ଷଣ ସଂଯୁତଂ, ପୂର୍ଣ୍ଣ ଚନ୍ଦ୍ରାନନଂ ଗୌରଂ ସର୍ବାଭରଣ ଭୂଷିତଂ'। ପୂଜା କର୍ମ ପରେ ସାବିତ୍ରୀ, ଯମରାଜା, ସତ୍ୟବାନକୁ ଯଥାଶକ୍ତି ଘୃତାହୁତି ପ୍ରଦାନ କରି କଥା ଶୁଣନ୍ତି।

ପୁରୋହିତ କର୍ମକାଣ୍ଡର ଚତୁର୍ଥଭାଗରେ ଲେଖାରହିଛି ଯେ ଏହି ବ୍ରତର ପ୍ରଧାନ ଦେବାତା ଦେବୀ ହେଉଛି ସାବିତ୍ରୀ। ଯମରାଜ ଓ ସତ୍ୟବାନଙ୍କୁ ମଧ ପୂଜା କରାଯାଏ। ସାବିତ୍ରୀ ହେଉଛନ୍ତି ଅଶ୍ୱପତି ରାଜାଙ୍କ କନ୍ୟା ଓ ସତ୍ୟବାନଙ୍କ ପତ୍ନୀ ସତୀ ସାବିତ୍ରୀ। ପୌରାଣିକ କାହାଣୀ ଅନୁଯାୟୀ ସ୍ୱାମୀ ସତ୍ୟବାନଙ୍କ ଆୟୁଷ ଶେଷ ହେବାକୁ ମାତ୍ର ତିନିଦିନ ବାକି ରହିଛି ବୋଲି ଜାଣି ସାବିତ୍ରୀ



ତ୍ରିରାତ୍ର ବ୍ରତ ପାଳନ କରି ତିନିଦିନ ଲକ୍ଷ୍ମୀନାରାୟଣଙ୍କୁ ପୂଜା କରିଥିଲେ। ମହାଭାରତର ତଥ୍ୟ ଅନୁଯାୟୀ ମାର୍କଣ୍ଡେୟ ମୁନି ଧର୍ମରାଜ ଯୁଧିଷ୍ଠିରଙ୍କୁ ଏ ବ୍ରତର ନିୟମ ଓ କାହାଣୀ କହିଥିଲେ। ସାବିତ୍ରୀ ବ୍ରତ ହେଉଛି ପତିଭକ୍ତିର ସର୍ବଶ୍ରେଷ୍ଠ ସାଧନାର ତପସ୍ୟାର କାହାଣୀ। ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରାଣ ନେବା ସମୟରେ ଜମରାଜଙ୍କ ଠାରୁ ନିଜ ବୁଦ୍ଧି ଓ ସତୀତ୍ୱ ବଳରେ ନିଜର ପତିଙ୍କ ପ୍ରାଣ ଫେରି ପାଇଥିଲେ କେବଳ ସେତିକି ନୁହେଁ ଯମରାଜଙ୍କ ଠାରୁ ଆଶୀର୍ବାଦ ପାଇଥିଲେ। ଅନ୍ଧ ଶାଶୁଶ୍ୱଶୁର ଚକ୍ଷୁଲାଭ କରିବା ସହ ନିଜର ରାଜ୍ୟ ଫେରି ପାଇବାକୁ ସମର୍ଥ ହୋଇଥିଲେ। ମହାଭାରତର କାହାଣୀ ଅନୁଯାୟୀ ମାର୍କଣ୍ଡେୟ ମୁନି ବ୍ରତ କଥା କହି ଯୁଧିଷ୍ଠିରଙ୍କୁ କହିଥିଲେ ଯେ ସତୀ ସାବିତ୍ରୀଙ୍କ ପରି ପାଞ୍ଚାଳୀ ଦ୍ରୌପଦୀ ତୁମ୍ଭମାନଙ୍କୁ ବିପଦରୁ ଉଦ୍ଧାର କରିବ।

ସାବିତ୍ରୀ ବ୍ରତର ଲୋକାଚାର ଅନୁଯାୟୀ ନାରୀମାନେ ଶାଶୁ ଶ୍ୱଶୁର ପ୍ରଭୃତି ଗୁରୁଜନ ମାନଙ୍କୁ ନୂତନ ବସ୍ତ୍ର ଓ ସୁଭୋଜନ ଦ୍ୱାରା ସନ୍ତୁଷ୍ଟ କରି ନିଜର ଦେବାତ ରୂପକ ପତିଙ୍କୁ ପୂଜା କରିଥାନ୍ତି। ସ୍ୱାମୀ ହିଁ ସ୍ତ୍ରୀର ଜୀବନ ସର୍ବସ୍ୱ। ସ୍ୱାମୀ ସେବା କରିବା ନାରୀର ଶ୍ରେଷ୍ଠ ଧର୍ମ। ସ୍ୱାମୀ ଓ ସ୍ତ୍ରୀ ଏକ ମନ ହୋଇ ଚଳିଲେ ଗୃହରେ ସର୍ବଦା ଶାନ୍ତି ବିରାଜିତ ହୋଇ ସମସ୍ତ ପ୍ରଗତି ହୋଇଥାଏ। ତେଣୁ ନାରୀ ଜାତିକୁ ବହୁପୁରାଣରେ ଶାସ୍ତ୍ର ମାନଙ୍କରେ ପତି ପୂଜାର ମହତ୍ତ୍ୱ ବୁଝାଯାଇଛି। ଲକ୍ଷ୍ମୀପୁରାଣ ଅନୁଯାୟୀ - "ପତି ସେବା ବିନା ନାହିଁ ନାରୀଙ୍କ ଗତି, ପତି ପ୍ରାଣା ନାରୀ କରେ ଦେବଲୋକେ ଗତି। ଯେଉଁ ନାରୀ ସ୍ୱାମୀକୁ ଦେବତା ସମ ମଣି ସେବା କରି ତୋଷୁଥାଏ ତାର ମତ୍ତ୍ୱ ଚିହ୍ନି' ସ୍ୱାମୀ ଓ ସ୍ତ୍ରୀ ଦୁଇଜଣ ପ୍ରକୃତି ପୁରୁଷ ରୂପେ ଶକ୍ତି - କର୍ମ ରୂପେ - ଆଖ୍ୟାୟିତ। ପତିବ୍ରତା ପ୍ରସଙ୍ଗରେ ସତୀ ଅନସୂୟା, ସୀତା ଓ ସାବିତ୍ରୀ ହେଉଛନ୍ତି ଜ୍ୱଳନ୍ତ ଆଦର୍ଶର ମୂର୍ତ୍ତି। ସ୍ତ୍ରୀ ଜାତି ଏହି ମହାନ ଆଦର୍ଶରେ ଅନୁପ୍ରାଣୀତ ହେଲେ ନିଜେ ସୁଖୀ ହେବା ସହ ପରିବାରରେ ସୁଖ ଓ ଶାନ୍ତି ବିରାଜିତ ହେବ। ଏହା ସହିତ ସ୍ୱାମୀ ମଧ ଦୀର୍ଘ ନିରାମୟ ଜୀବନ ପାଇ ପାରିବେ। ସାବିତ୍ରୀ ବ୍ରତ ନିଷ୍ଠାର ସହିତ ପାଳନ କଲେ ପ୍ରତ୍ୟେକ ନାରୀ ପତିପ୍ରାଣା ଓ ପତିସ୍ୱହାଗିନୀ ହେବାକୁ ଈଶ୍ୱରଙ୍କ ପାଦତଳେ ଭକ୍ତିମନରେ ପ୍ରଣତି ବାଢ଼ିଥାନ୍ତି। ସାବିତ୍ରୀ ବ୍ରତରେ ତିନିଗୋଟି ମୁଖ୍ୟ କଥା ହେଉଛି ଯେ ସତୀ ସାବିତ୍ରୀ ତାଙ୍କ ସତୀତ୍ୱ ଓ ବୁଦ୍ଧିମତା ଦ୍ୱାରା ଦିନେ ଅଶ୍ୱପତିଙ୍କ କନ୍ୟା ଭାବେ ଜନ୍ମ ଗ୍ରହଣ କରି ସ୍ୱାମୀଙ୍କ ଜୀବନ ସ୍ୱୟଂ ଯମରାଜଙ୍କ ଠାରୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଶେଷ କଥାଟି ହେଉଛି ଏହି ବ୍ରତରେ ଜଗତର ସ୍ରଷ୍ଟା ଓ ଆଦର୍ଶ ଦମ୍ପତ୍ତି ଲକ୍ଷ୍ମୀନାରାୟଣଙ୍କ ଆଶୀର୍ବାଦ ମିଳିଥାଏ। ଓଡ଼ିଆ ଜନଜୀବନରେ ସାବିତ୍ରୀ ବ୍ରତର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।


**ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**


# ଭାରତୀୟ ସେନାର ମହିଳା



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**

ଗତ ୭ତାରିଖ ଦିନ ଯେତେବେଳେ ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେସି ଏବଂ ଭାରତୀୟ ବାୟୁସେନାର ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ପାକିସ୍ଥାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକୋ)ର ୯ଟି ସ୍ଥାନରେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ଉପରେ ଭାରତର ଏୟାର ଷ୍ଟ୍ରାଇକ୍ ନେଇ 'ଅପରେସନ ସିନ୍ଦୂର' ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବାପରେ ଦେଶବ୍ୟାପୀ କେବଳ ଖୁସିର ଲହରି ସୃଷ୍ଟି କରିନଥିଲା, ଦେଶର ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କର ବୀରତ୍ୱ, ସାହାସ ଏବଂ ଯୁଦ୍ଧ ନୈପୁଣ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। କହିବା ବାହୁଲ୍ୟ ଯେ, ଦୁଇ ବୀର ମହିଳା ଯବାନଙ୍କ ଆକାଶ ମାର୍ଗରୁ ବୋମା ଏବଂ କ୍ଷେପଣାସ୍ତ୍ର ମାଡରେ କେବଳ ଶହେରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇନଥିଲେ, ସେମାନଙ୍କ ଏକ୍ସୁଡିଶାଳ ଭାବେ ପରିଚିତ ମୁଖ୍ୟ ଆଡ୍ଡାସ୍ଥଳ ଗୁଡିକ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ପୁରାଣ ଶାସ୍ତ୍ର, ଇତିହାସ ବହୁ ବୀର ରମଣୀଙ୍କ ଯୁଦ୍ଧ ଭୂମିରେ ଯୁଦ୍ଧ କୌଶଳ ସମ୍ପର୍କରେ ସେମାନଙ୍କର ବୀରତ୍ୱ, ସାହାସ ଏବଂ ଗୌରବର ଗାଥା ବହନ କରିଛି। କିନ୍ତୁ ଲିଙ୍ଗଗତ ଭେଦଭାବ ଯୋଗୁଁ ଭାରତୀୟ ଯୁବତୀ ସେନା ବାହିନୀରେ ଯୋଗ ଦେବା ନେଇ ବାଛବିଚାରର ଶୀକାର ହୋଇ ଆସୁଥିଲେ। ପୁରୁଷ ପ୍ରଧାନ ଭାରତରେ ମହିଳାମାନେ ସେନା ବାହିନୀରେ ସାମିଲ ହେବାରୁ ବଂଚିତ ହୋଇଥିଲେ। ୨୦୨୦ ମସିହାରେ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇ ମହିଳାମାନଙ୍କୁ ସେନା ବାହିନୀରେ ସାମିଲ ହେବାର ପଥ ପରିଷ୍କାର କରିଦେଇଥିଲେ। କେବଳ ଏତିକି ନୁହେଁ, ସେନା ବାହିନୀରେ ମହିଳା ଅଫିସରମାନଙ୍କୁ ସ୍ଥାୟୀ କମିଶନଡ୍ ଏବଂ କମାଣ୍ଡ ପୋଷ୍ଟିଂ ଦେବା ଏବଂ ଜାତୀୟ ପ୍ରତିରକ୍ଷା ଏକାଡେମୀ(ଏନଡିଏ) ପ୍ରବେଶିକା ପରୀକ୍ଷା ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଯାହାକି ଦେଶ ସ୍ୱାଧୀନତା ପରବର୍ତ୍ତୀ କାଳରେ ସେନା ବାହିନୀରେ ଯୋଗଦେବାରେ ମହିଳାମାନେ ଶିକାର ହୋଇ ଆସୁଥିବା ବାଛବିଚାର ଅବସାନ ଘଟାଇଥିଲା। ଆହୁରି ମଧ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ଯୋଗୁଁ ସେନାବାହିନୀରେ ମହିଳା ଯବାନମାନେ ସେମାନଙ୍କର ସାମର୍ଥ୍ୟ ପ୍ରଦର୍ଶନ କରିବାରେ ସମର୍ଥ ହୋଇଛନ୍ତି। ନିଶାର୍ଦ୍ଧରେ ଆତଙ୍କବାଦୀଙ୍କ ମୁଖ୍ୟ ଆଡ୍ଡାସ୍ଥଳୀ ଉପରେ ଆକ୍ରମଣ ଏବଂ ଗଣମାଧ୍ୟମରେ ବିବରଣୀ ପ୍ରଦାନ କରିବା ଦକ୍ଷତା ହେଉଛି ଏକ ଜ୍ୱଳନ୍ତ ଉଦାହରଣ ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ୨୦୨୩ରେ ସରକାରଙ୍କ ଦ୍ୱାରା ପ୍ରକାଶିତ ସବିଶେଷ ରିପୋର୍ଟ ଅନୁଯୋୟୀ ଦେଶରେ ପଦାତିକ ବାହିନୀରେ ୧୮୩୩ ଜଣ ମହିଳା ଯବାନ ଥିବାବେଳେ ବିମାନ ବା ଆକାଶ ବାହିନୀରେ ୧୮୦୯ ଜଣ ଏବଂ ନୌବାହିନୀରେ ୧୩୦୬ ଜଣ ଅଛନ୍ତି। ତେବେ ମେଡିକାଲ ଓ ଦନ୍ତ ମହିଳା ଯବାନଙ୍କୁ ଏହି ରିପୋର୍ଟରେ ଅର୍ନ୍ତଭୁକ୍ତ କରାଯାଇନାହିଁ। ଏହା ସତ୍ତ୍ୱେ ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତୀୟ ସେନାବହିନୀରେ ମହିଳାଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଛି। ଯୁକ୍ତରାଷ୍ଟ୍ର ଆମେରିକାରେ ସେନା ବାହିନୀରେ ୭୪,୫୯୨ ମହିଳା ଯବାନ ଅଛନ୍ତି, ଯାହାକି କର୍ତବ୍ୟରତ ଥିବା ମୋଟ ସେନାବହିନୀରେ ୧୫.୫ ପ୍ରତିଶତ ବୋଲି କୁହାଯାଇଛି। ସେହିପରି ଇସ୍ରାଏଲ ସେନା ବାହିନୀରେ ମଧ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରାଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଭାରତ ସେନାବାହିନୀରେ ଅଧିକରୁ ଅଧିକ ମହିଳା ଯବାନଙ୍କୁ ବିନା ବାଛବିଚାରରେ ସାମିଲ କରିବାର ଆବଶ୍ୟକତା ରହିଛି, ଯାହାକି ଦୁଇ ବୀର ମହିଳା ଯବାନଙ୍କ ବୀରତ୍ୱ, ସାହାସିକତା ସନ୍ଦେଶ ଦିଏ। କିନ୍ତୁ ଦୁଃଖ ଓ କ୍ଷୋଭର ବିଷୟ କର୍ଣ୍ଣେଲ ସୋଫିଆ କୁରେସିଙ୍କ ପ୍ରତି ବିଜେପି ଶାସିତ ମଧ୍ୟପ୍ରଦେଶର ମନ୍ତ୍ରୀ ବିଜୟ ଶାହା ଦେଇଥିବା ମନ୍ତବ୍ୟ କେବଳ ତାଙ୍କ (କୁରେସି)ପାଇଁ ନୁହେଁ, ଭାରତୀୟ ମହିଳା, ଭାରତୀୟ ସେନା ବାହିନୀର ତ୍ୟାଗ ଓ ସହିଦ୍‌ଙ୍କ ପାଇଁ ଅପମାନ। କେବଳ ଏତିକି ନୁହେଁ, ତାଙ୍କର ମନ୍ତବ୍ୟ ମଧ ସାଂପ୍ରଦାୟିକ ଭେଦଭାବ ପୂର୍ଣ୍ଣ। ତାଙ୍କର ମନ୍ତବ୍ୟକୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ତାଙ୍କ ବିରୁଦ୍ଧରେ ରାଷ୍ଟ୍ରଦୋହ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସୁପ୍ରିମକୋର୍ଟ କଟୁ ଭର୍ତ୍ସନା କରିବା ସଙ୍ଗେ ସଙ୍ଗେ କ୍ଷମା ମାଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆହୁରି ଦେଶର ବହୁ ରାଜନୈତିକ ଦଳ ମନ୍ତ୍ରୀ ବିଜୟ ଶାହାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ଇସ୍ତଫା ଦାବି କରିଥିବାବେଳେ ସେ ପ୍ରତିନିଧି କରିଥିବା ରାଜନୈତିକ ଦଳର ନୀରବତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ସମଗ୍ର ଦେଶ ବୀର ଯବାନ ଏବଂ ଭାରତୀୟ ସେନାର ସମ୍ମାନାର୍ଥେ ତ୍ରିରଙ୍ଗା ଶୋଭଯାତ୍ରାମାନ ଆୟୋଜିତ କରୁଥିବାବେଳେ ସୁପ୍ରିମକୋର୍ଟ ଦ୍ୱାରା ଭର୍ତ୍ସିତ ଲଗାମଛଡା ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉ।




ଦୁଇ ବୀର ମହିଳା ଯବାନଙ୍କ ଆକାଶ ମାର୍ଗରୁ ବୋମା ଏବଂ କ୍ଷେପଣାସ୍ତ୍ର ମାଡରେ କେବଳ ଶହେରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇନଥିଲେ, ସେମାନଙ୍କ ଏକ୍ସୁଡିଶାଳ ଭାବେ ପରିଚିତ ମୁଖ୍ୟ ଆଡ୍ଡାସ୍ଥଳ ଗୁଡିକ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ପୁରାଣ ଶାସ୍ତ୍ର, ଇତିହାସ ବହୁ ବୀର ରମଣୀଙ୍କ ଯୁଦ୍ଧ ଭୂମିରେ ଯୁଦ୍ଧ କୌଶଳ ସମ୍ପର୍କରେ ସେମାନଙ୍କର ବୀରତ୍ୱ, ସାହାସ ଏବଂ ଗୌରବର ଗାଥା ବହନ କରିଛି। କିନ୍ତୁ ଲିଙ୍ଗଗତ ଭେଦଭାବ ଯୋଗୁଁ ଭାରତୀୟ ଯୁବତୀ ସେନା ବାହିନୀରେ ଯୋଗ ଦେବା ନେଇ ବାଛବିଚାରର ଶୀକାର ହୋଇ ଆସୁଥିଲେ। ପୁରୁଷ ପ୍ରଧାନ ଭାରତରେ ମହିଳାମାନେ ସେନା ବାହିନୀରେ ସାମିଲ ହେବାରୁ ବଂଚିତ ହୋଇଥିଲେ।


**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଉବୁଟୁବୁ ମାୟାନଗରୀ ମୁମ୍ବାଇ

## ୧୦୭ ବର୍ଷର ରେକର୍ଡ଼ ଭାଙ୍ଗିଲା ବର୍ଷା



- ରେଡ଼ ଆଲର୍ଟ ଜାରି
- ବିମାନ ସେବା ବାତିଲ
- ବୁଡ଼ିଗଲା ରାସ୍ତାଘାଟ



**ମୁମ୍ବାଇ,୨୬।୫:** ପାଣିରେ ଉବୁଟୁବୁ ମାୟାନଗରୀ ମୁମ୍ବାଇ। ପ୍ରବଳ ବର୍ଷା ଯୋଗୁଁ ଜଳାର୍ଣ୍ଣବ ହୋଇଯାଇଛି ମୁମ୍ବାଇ। ଅଚାନକ ବର୍ଷାରେ ବେହାଲ ମୁମ୍ବାଇ ବାସିନ୍ଦା। ମୌସୁମୀ ବାୟୁ ଶନିବାର କେରଳ ଛୁଇଁବା ପରେ ସୋମବାର ସକାଳେ ମୁମ୍ବାଇ ଆଡ଼େ ଗତି କରିବାରୁ ସହରରେ ପ୍ରବଳ ବର୍ଷା ହୋଇଛି। ଝଡ଼ବର୍ଷା ଯୋଗୁ ବ୍ୟାପକ ଅଞ୍ଚଳ ଜଳବନ୍ଦୀ ହୋଇଛି। ମୁମ୍ବାଇରେ ପରିବହନ ଏବଂ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କୁର୍ଲା, ସିଓନ, ଦାଦର ଏବଂ ପରେଲ ସମେତ ଅନେକ ତଳିଆ ଅଞ୍ଚଳ ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ସୂଚନା ରହିଛି। ସୋମବାର ଦିନ ପ୍ରତ୍ୟୁଷରେ ପାଣି ଘେରରେ ଗାଡ଼ିମଟର ଯାଉଥିବାର ଦୃଶ୍ୟ ଦେଖଇବାକୁ ମିଳିଥିଲା। ସହରରେ ପ୍ରବଳ ବର୍ଷା ଯୋଗୁ ତିନୋଟି ପ୍ରମୁଖ ଲାଇନ କେନ୍ଦ୍ରୀୟ, ପଶ୍ଚିମ ଏବଂ ହାର୍ବରରେ ଲୋକାଲ୍ ଟ୍ରେନ୍ ସେବା ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚାଲିଛି। ସୋମବାର ଦିନ ସକାଳୁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମୁମ୍ବାଇ ପାଇଁ ଏକ ସତର୍କ ସୂଚନା ଜାରି କରି କହିଛି ଯେ ଆଗାମୀ ୩ ରୁ ୪ ଘଣ୍ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ବଜ୍ରପାତ ସହିତ ବର୍ଷା ହେବ ବୋଲି ସୂଚନା ପ୍ରଦାନ କରିଛି। ସିସିଟିଭି ସର୍ଭେଲାନ୍ସ ମାଧ୍ୟମରେ ଜଳବନ୍ଦୀ ଉପରେ ନଜର ରଖାଯାଇଛି। ପ୍ରବଳ ପବନ ଏବଂ ବର୍ଷା ଯୋଗୁଁ ଗଛ ଏବଂ ଡାଳ ପଡ଼ିବା ଘଟଣା ମଧ୍ୟ ରିପୋର୍ଟ କରାଯାଇଛି। ସହରର ଚାରୋଟି ସ୍ଥାନରେ ଏବଂ ପଶ୍ଚିମ ଉପନଗରରେ ପାଞ୍ଚଟି ସ୍ଥାନରେ ଗଛ ପଡ଼ିବା ରିପୋର୍ଟ ବିଏମସି ପାଇଛି। ବିଏମସି କହିଛି ଯେ ରେଳ ସେବା ସ୍ୱାଭାବିକ ରହିଛି। ବର୍ତ୍ତମାନ ସ୍ଥାନୀୟ ଟ୍ରେନଗୁଡ଼ିକ ସମୟସୂଚୀ ଅନୁଯାୟୀ ଚାଲିଛି, କୌଣସି ବାଧାପ୍ରାପ୍ତ ସୂଚନା ନାହିଁ। ସୂଚନା ମୁତାବକ ୧୨ ଦିନ ପୂର୍ବରୁ ମହାରାଷ୍ଟ୍ରରେ ମୌସୁମୀ ପହଞ୍ଚି ସାରିଛି। ୨୫ ବର୍ଷ ପରେ ସଅଳ ମୌସୁମୀ ଆସିଛି। ଆଉ ୨୪ ଘଣ୍ଟା ଭିତରେ ଯେତିକି ପରିମାଣର ବର୍ଷା ହୋଇଛି ତାହା ୧୦୭ ବର୍ଷର ରେକର୍ଡ ଭାଙ୍ଗିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ମୁମ୍ବାଇ, ଥାନେ, ରାଇଗଡ ସମେତ ଆଖପାଖ ଅଞ୍ଚଳ ପାଇଁ ରେଡ ଆଲର୍ଟ ଜାରି କରିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ସମୁଦ୍ର ପବନ ଏବଂ ବଜ୍ରପାତ ଭଳି ଘଟଣା ଘଟିବାର ସମ୍ଭାବନା ରହିଛି, ତେଣୁ ସ୍ଥାନୀୟ ପ୍ରଶାସନ ନାଗରିକମାନଙ୍କୁ ଅଧିକ ସତର୍କ ରହିବାକୁ ନିବେଦନ କରିଛି। ବୃହାନ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ ଏବଂ ଏ ମ ଏ ଚ ଏ ଡି ଏ ସହରର ୯୬ଟି କୋଠାକୁ ଚିହ୍ନଟ କରିଛନ୍ତି ଯାହାକୁ ବର୍ଷା ଋତୁରେ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଇଛି। ଏହି ଅଞ୍ଚଳଗୁଡ଼ିକରେ ରହୁଥିବା ପ୍ରାୟ ୩୧୦୦ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଥାନେ ଜିଲ୍ଲା ଏବଂ ଅନ୍ୟାନ୍ୟ ବର୍ଷା ପ୍ରଭାବିତ ଅଞ୍ଚଳର ପରିସ୍ଥିତି ସମୀକ୍ଷା କରିଛନ୍ତି, ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ସହିତ ପ୍ରସ୍ତୁତି ଏବଂ ପରସ୍ଥିତିର ମୁକାବିଲା କରିବା ପାଇଁ ଆଲୋଚନା କରିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଯେପରି ହାନି ନହୁଏ କିମ୍ବା ଧନସମ୍ପତ୍ତିର କୌଣସି କ୍ଷତି ନ ହୁଏ ତାହା ନିଶ୍ଚିତ କରିବା ପାଇଁ ସେ ପ୍ରଶାସନକୁ ସମୟୋଚିତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିନ୍ଦେ ବିପର୍ଯ୍ୟୟ ମୁକାବିଲା ପାଇଁ ସତର୍କ ରହିବାକୁ କହିଛନ୍ତି। ଆବଶ୍ୟକତା ଅନୁଯାୟୀ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଛନ୍ତି। ବନ୍ୟା ପ୍ରଭାବିତ ରାସ୍ତା, ପୋଲ ଏବଂ ବିଦ୍ୟୁତ୍ ଲାଇନଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବାକୁ ସେ କହିଛନ୍ତି। ବିଏମସି ଏକ ୨୪ ଘଣ୍ଟିଆ ବିପର୍ଯ୍ୟୟ ନିୟନ୍ତ୍ରଣ କକ୍ଷ ଅର୍ଥାତ ଯୁଦ୍ଧ କକ୍ଷ ସକ୍ରିୟ କରିଛି, ଯେଉଁଠାରେ ନାଗରିକମାନେ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ରିପୋର୍ଟ କରିପାରିବେ ଏବଂ ସାହାଯ୍ୟ ପାଇପାରିବେ। ଏହା ସହିତ ସ୍ଥାନୀୟ ଟ୍ରେନ ସେବା ଏବଂ ବସଗୁଡ଼ିକର ପରିଚାଳନା ଉପରେ ନିରନ୍ତର ନଜର ରଖାଯାଇଛି।

## ତିନି ବିଚାରପତିଙ୍କ ନାମ ସୁପାରିଶ କଲେ କଲେଜିୟମ

**ନୂଆଦିଲ୍ଲୀ,୨୬।୫:** ସୁପ୍ରିମକୋର୍ଟ କଲେଜିୟମ ସୋମବାର କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଏନ ଭି ଅଞ୍ଜାରିଆ, ଗୌହାଟି ହାଇକୋର୍ଟର ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟର ବିଚାରପତି ଜଷ୍ଟିସ ଏ ଏସ ଚାନ୍ଦୁରକରଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତିକୁ ସୁପାରିଶ କରିଛନ୍ତି। ପୂର୍ବତନ ସିଜେଆଇ ସଞ୍ଜିବ ଖାନ୍ନା ଓ ଜଷ୍ଟିସ ଅଭୟ ଏସ ଓକା ଏବଂ ହୃଷୀକେଶ ରାୟଙ୍କ ସମ୍ପ୍ରତି ଅବସର ପରେ ସୁପ୍ରିମକୋର୍ଟରେ ଖାଲି ପଡ଼ିଥିବା ତିନୋଟି ବିଚାରପତି ପଦବୀ ପୂରଣ ପାଇଁ ମୁଖ୍ୟ ବିଚାରପତି ବି ଆର ଗବାଇଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ସଦସ୍ୟ ବିଶିଷ୍ଟ କଲେଜିୟମ ଉପରୋକ୍ତ ନାମ ସୁପାରିଶ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ପୁଙ୍ଖାନୁପୁଙ୍ଖ ବିଚାର ପରେ ନିଯୁକ୍ତି ବିଷୟରେ ବିଚାର କରିବ ଏବଂ କଲେଜିୟମକୁ ନିଷ୍ପତ୍ତି ପଠାଇବ। ମେ ୧୪ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗବାଇଙ୍କ ନେତୃତ୍ୱରେ ଏହା ଦ୍ୱିତୀୟ ସୁପାରିଶ। ସୁପ୍ରିମକୋର୍ଟ କଲେଜିୟମ ପୂର୍ବରୁ ମେ ୧୫ ତାରିଖରେ କର୍ଣ୍ଣାଟକ ହାଇକୋର୍ଟର ବିଚାରପତି କେମ୍ପୈୟା ସୋମଶେଖରଙ୍କୁ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ପାଇଁ ସୁପାରିଶ କରିଥିଲେ।

## ୱାର ରୁମର ପ୍ରଥମ ଫଟୋ ଜାରି

● ତିନି ସେନାର ମୁଖ୍ୟ ରଖିଥିଲେ କଡ଼ା ନଜର




**ନୂଆଦିଲ୍ଲୀ, ୨୬।୫ :** ଭାରତ ପହଲଗାମ ଆତଙ୍କୀ ହମଲା ବିରୋଧରେ 'ଅପରେସନ ସିନ୍ଦୂର' ଚଲାଇ ପାକିସ୍ତାନକୁ କଡ଼ା ଜବାବ ଦେଇଛି। ଏହି ଯୁଦ୍ଧରେ ଭାରତ ପୂରା ଦୁନିଆରେ ନିଜ ସେନାର ସାହସିକତାକୁ ଦେଖାଇଛି। 'ଅପରେସନ ସିନ୍ଦୂର' ବେଳେ ଭାରତ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସବିଧ୍ୱଂସ କରି ଦେଇଥିଲା ଏବଂ ଏହାପରେ ଯେମିତି ପାକିସ୍ତାନ ଜବାବୀ ହମଲା କଲା ତ ଭାରତ ପାଲଟା ଆକ୍ରମଣ କରି ପାକିସ୍ତାନର ୧୧ଟି ଏୟାରବେସ୍ ଓ ସେନା ଆଡ୍ଡାକୁ ଗୋଟିଏ ଝଟକାରେ ଧ୍ୱଂସ କରିଥିଲା, ଏହାପରେ ପାକିସ୍ତାନୀ ସେନା ଭାରତୀୟ ସେନା ପାଖରେ ଅସ୍ତ୍ରବିରତି ପାଇଁ ନେହୁରା ହୋଇଥିଲା। ଏବେ ଏକ ଫଟୋ ସାମ୍ନାକୁ ଆସୁଛି, ଯେଉଁଥିରେ 'ଅପରେସନ ସିନ୍ଦୂର' ବେଳେ ତିନି ସେନାର ଚିଫ୍ କଣ୍ଟ୍ରୋଲ ରୁମ୍‌ରେ ଅପରେସନର ପ୍ରତି ଦିଗ ଉପରେ ନଜର ରଖିଛନ୍ତି। ପାଖାପାଖି ୧୭ ଦିନ ପରେ ଏହି ଫଟୋ ସାମ୍ନାକୁ ଆସିଛି, ଯେଉଁଥିରେ ଭାରତର ତିନି ସେନାର ପ୍ରମୁଖ ଅପରେସନ ସିନ୍ଦୂର ବେଳେ କଣ୍ଟ୍ରୋଲ ରୁମ୍‌ରେ ବସି ଦେଖୁଥିଲେ। ଅପରେସନ ଉପରେ କଡ଼ା ନଜର ରଖାଯାଇ ଥିଲା ଏବଂ ଏହି ଫଟୋ ୭ ମେ' ରାତି ୧.୦୫ଟା ସମୟରେ କ୍ଲିକ୍ କରାଯାଇ ଥିଲା। ଯେଉଁଥିରେ ଭାରତୀୟ ସେନା , ଭାରତୀୟ ବାୟୁସେନା , ଭାରତୀୟ ନୌସେନା ପ୍ରମୁଖ ଅପରେସନ ହେଡ୍‌ଙ୍କ ସହ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପଶ୍ଚିମ କମାଣ୍ଡ ,ଦକ୍ଷିଣ ପଶ୍ଚିମ କମାଣ୍ଡ-ଦକ୍ଷିଣ କମାଣ୍ଡର ୪ ସେନା କମାଣ୍ଡରଙ୍କ ସହ ଯେଉଁ ବାୟୁ ସେନାର ଅଧିକାରୀଙ୍କ ସହ ପ୍ରତି ହମଲାର ସମନ୍ୱୟ କରୁଥିଲେ।

## ପାକିସ୍ତାନର ବଡ଼ ଆକ୍ରମଣ ନେଇ ଚେତାବନୀ ଦେଇଥିଲା ଆମେରିକା: ଜୟଶଙ୍କର

● ଅସ୍ତ୍ର ବିରତିରେ ଆମେରିକାର ଭୂମିକା ନାହିଁ



**ନୂଆଦିଲ୍ଲୀ,୨୬।୫:** ସଂସଦୀୟ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ପାକିସ୍ତାନ ସହ ସମ୍ପ୍ରତି ଉତ୍ତେଜନା ସମୟରେ ସରକାରଙ୍କ କୂଟନୀତିକ ଓ ସାମରିକ ଅବସ୍ଥା ବିଷୟରେ ସୋମବାର ସୂଚନା ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ଜୟଶଙ୍କର କମିଟିକୁ କହିଛନ୍ତି ଯେ ଉତ୍ତେଜନା ନେଇ ଚିନ୍ତିତ ବିଦେଶୀ ସରକାରମାନଙ୍କୁ ନୂଆଦିଲ୍ଲୀର ସ୍ଥିର ବାର୍ତ୍ତା ଥିଲା: ସେମାନେ ଗୁଳି ଚଳାନ୍ତୁ, ଆମେ ଗୁଳି ଚଳାଇବୁ। ସେମାନେ ବନ୍ଦ କରନ୍ତୁ, ଆମେ ବନ୍ଦ କରିବୁ। ଚଳିତ ମାସ ଆରମ୍ଭରେ ବଢ଼ୁଥିବା ଅନ୍ତର୍ଜାତୀୟ ଚିନ୍ତା ମଧ୍ୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଗୋଇନ୍ଦା ସୂଚନା ଦେଇ କହିଥିଲେ ଯେ ପାକିସ୍ତାନ ଭାରତରେ ଏକ ବଡ଼ ଆକ୍ରମଣ କରିପାରେ। ଆମେ ଦୃଢ଼ତାର ସହ ଉତ୍ତର ଦେଇଥିଲୁ। ଯଦି ପାକିସ୍ତାନ ଏକ ବଡ଼ ଆକ୍ରମଣ କରିବାକୁ ଚେଷ୍ଟା କରେ, ତାହେଲେ ସେ ସମାନ ଶକ୍ତିଶାଳୀ ପ୍ରତିଆକ୍ରମଣର ସାମ୍ନା କରିବାକୁ ପ୍ରସ୍ତୁତ ରହିବା ଉଚିତ ବୋଲି ଜୟଶଙ୍କର ସଂସଦୀୟ ପ୍ୟାନେଲକୁ କହିଥିବା ଜଣାଯାଇଛି। ଯୁଦ୍ଧବିରତି ଘୋଷଣା ସମ୍ପର୍କରେ ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ ଏହା ଉଭୟ ପକ୍ଷ ମଧ୍ୟରେ ସାମରିକ ସ୍ତରରେ ଆଲୋଚନାର ପ୍ରତ୍ୟକ୍ଷ ଫଳାଫଳ ଥିଲା, କୌଣସି ବିଦେଶୀ ମଧ୍ୟସ୍ଥତା ନୁହେଁ। ଯୁଦ୍ଧବିରତି ପାକିସ୍ତାନୀ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରୀ ଅପରେସନ୍ସ (ଡିଜିଏମଓ) ସ୍ତରରେ ଆଲୋଚନାର ଫଳାଫଳ ଥିଲା। ପାକିସ୍ତାନୀ ଡିଜିଏମଓ ଭାରତୀୟ ସଶସ୍ତ୍ର ବାହିନୀ ସହ ଯୋଗାଯୋଗ ଆରମ୍ଭ କରିଥିଲେ। ଜୟଶଙ୍କରଙ୍କ ଏହି ମନ୍ତବ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିଛି। ଟ୍ରମ୍ପ କହିଥିଲେ ଯେ ଉତ୍ତେଜନା ହ୍ରାସ ପାଇଁ ଆମେରିକା ଦ୍ୱାରା ମଧ୍ୟସ୍ଥତା କରାଯାଇଥିଲା। କେବଳ ତୁର୍କୀ ଓ ଆଜେରବୈଜାନ ପାକିସ୍ତାନ ସହ ଖୋଲାଖୋଲି ଠିଆ ହୋଇଥିଲେ। ସେ କମିଟିକୁ କହିଛନ୍ତି, ଅନେକ ଦେଶ ଖୋଲାଖୋଲି ଭାରତକୁ ସମର୍ଥନ କରିଥିଲେ ଅଥବା ଅତି କମରେ ସୀମାପାର ଆତଙ୍କବାଦ ପ୍ରସଙ୍ଗରେ ଆମକୁ ସମର୍ଥନ କରିଥିଲେ।

## ଆସାମ କଂଗ୍ରେସ ମୁଖ୍ୟ ହେଲେ ଗୌରବ ଗୋଗୋଇ

**ଗୌହାଟି, ୨୬।୫:** ଆସନ୍ତା ବର୍ଷ ହେବାକୁ ଥିବା ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ସୋମବାର ଦିନ ବୁପେନ କୁମାର ବୋରାହଙ୍କ ସ୍ଥାନରେ ଲୋକସଭା ସାଂସଦ ଗୌରବ ଗୋଗୋଇଙ୍କୁ ରାଜ୍ୟ ୟୁନିଟର ନୂତନ ସଭାପତି ଭାବରେ ନିଯୁକ୍ତ କରିଛି। କଂଗ୍ରେସ ଏହାର ଆସାମ ୟୁନିଟରେ ତିନି ଜଣ ନୂତନ କାର୍ଯ୍ୟକାରୀ ସଭାପତି ଜାକିର ହୁସେନ ସିକଦାର, ରୋଜେଲିନା ତିର୍କୀ ଏବଂ ପ୍ରଦୀପ ସରକାରଙ୍କୁ ମଧ୍ୟ ନିଯୁକ୍ତ କରିଛି। ଆସାମରେ ବର୍ତ୍ତମାନର ବିଧାନସଭାର କାର୍ଯ୍ୟକାଳ ୨୦୨୬ ମେ ୨୦ ତାରିଖ ପର୍ଯ୍ୟନ୍ତ ରହିଛି ।

## ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦ ଶେଷ

### ଭାରତକୁ ଅସୁବିଧାରେ ପକାଇଲେ ପରିଣାମ ଗମ୍ଭୀର ହେବ



**ମୁମ୍ବାଇ, ୨୬।୫:** ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦ ସଂପୂର୍ଣ୍ଣ ଶେଷ ହେବ। ଭାରତର ସେନା, ଲୋକ ଓ ସୀମାରେ ଯିଏ ଅସୁବିଧା ସୃଷ୍ଟି କରିବ ପରିଣାମ ଗମ୍ଭୀର ହେବ ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ସୋମବାର ଦିନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମହାରାଷ୍ଟ୍ରରେ ବହୁ ପ୍ରତୀକ୍ଷିତ ସ୍ଥାନୀୟ ନିର୍ବାଚନ ପାଇଁ ପ୍ରଚାର ଆରମ୍ଭ କରି କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେଳ 'ଅପରେସନ୍ ସିନ୍ଦୂର' କେବଳ ପାକିସ୍ତାନକୁ ନୁହେଁ ବରଂ ସମଗ୍ର ବିଶ୍ୱକୁ ଏକ ଦୃଢ଼ ବାର୍ତ୍ତା ଦେଇଛି। ଶାହ ଗୁରୁତ୍ୱାରୋପ କରିଥିଲେ ଯେ କେହି ଭାରତୀୟ ସେନା, ଏହାର ଜନତା କିମ୍ବା ଏହାର ସୀମାକୁ ଅସୁବିଧାରେ ପକାଇବା ଉଚିତ୍ ନୁହେଁ। ନଚେତ୍ ସେମାନେ ଗମ୍ଭୀର ପରିଣାମର ସମ୍ମୁଖୀନ ହେବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହ୍ୱାନଙ୍କ ଜନ୍ମସ୍ଥାନ ନାନ୍ଦେଡରେ ଏକ ରାଲିକୁ ସମ୍ବୋଧିତ କରି ଶାହ ଆହୁରି କହିଛନ୍ତି, ଆମେ ଭାରତର ସୀମା ରକ୍ଷା କରିବା ଏବଂ ଏହାର ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିବଦ୍ଧ। ଦେଶର ସୁରକ୍ଷା ସହିତ କୌଣସି ସାଲିସ କରାଯିବ ନାହିଁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଉଭା ହୋଇଛି। ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ସ୍ଥିର ଭାବରେ ଅଗ୍ରସର ହେଉଛୁ। ଆମକୁ ଅସ୍ଥିର କରିବା ପାଇଁ ଯେକୌଣସି ପ୍ରୟାସର ଆମେ କଡ଼ା ଜବାବ ଦେବୁ। ଭାରତର ସୁଦୃଢ଼ ପ୍ରତିରକ୍ଷା କ୍ଷମତା ଉପରେ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ଦେଶର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏତେ ଦୃଢ଼ ଯେ ସେମାନେ ଶତ୍ରୁପକ୍ଷର ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ରକୁ ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାକୁ ଦେଇନାହାନ୍ତି। ଶାହ ଅପରେସନ୍ ବ୍ଲାକ୍ ଫରେଷ୍ଟ ବିଷୟରେ ମଧ୍ୟ କହିଥିଲେ, ଯାହାର ଲକ୍ଷ୍ୟ ନକ୍ସଲ ଏବଂ ମାଓବାଦୀ ନେଟୱାର୍କକୁ ଧ୍ୱଂସ କରିବା। ଛତିଶଗଡର ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଶାହ କହିଛନ୍ତି ଯେ ସିଆରପିଏଫ, ଛତିଶଗଡ଼ ପୁଲିସ ଏବଂ ବିଏସଏଫ ବାହିନୀ ୫ ହଜାର ଫୁଟ ଉଚ୍ଚତାରେ ଅବସ୍ଥିତ ନକ୍ସଲ ହବ୍ ଗୁଡ଼ିକୁ ନଷ୍ଟ କରିଛନ୍ତି, ଯାହା ଫଳରେ ୩୧ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଛି। ଏପର୍ଯ୍ୟନ୍ତ ୩୬ ଜଣ ନକ୍ସଲ ନିହତ ହୋଇଛନ୍ତି। ଅନେକ ଆତ୍ମସମର୍ପଣ କରିଛନ୍ତି କିମ୍ବା ଗିରଫ ହୋଇଛନ୍ତି ବୋଲି ସେ କହିଛନ୍ତି। ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକରେଙ୍କୁ ସ୍ମରଣ କରି ଶାହ କହିଛନ୍ତି, ଯଦି ବାଲାସାହେବ ଆଜି ବଞ୍ଚି ଥାଆନ୍ତେ, ତେବେ ସେ ଅପରେସନ ସିନ୍ଦୂର ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଲିଙ୍ଗନ କରିଥାଆନ୍ତେ।

## ମାଓ କମାଣ୍ଡର ମନୀଷ ଯାଦବ ନିପାତ

● ଧରାପଡିଲା ଦୁର୍ଦ୍ଧାନ୍ତ ମାଓବାଦୀ କୁନ୍ଦର ଖେରୱାର



**ରାୟପୁର,୨୬।୫:** ଏନକାଉଣ୍ଟରରେ ଟଳିଲା ଦୁର୍ଦ୍ଧାନ୍ତ ମାଓବାଦୀ। ଝାଡଖଣ୍ଡର ଲାତେହାରରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ନିପାତ ହୋଇଛି ମାଓ କମାଣ୍ଡର ମନୀଷ ଯାଦବ। ରବିବାର ବିଳମ୍ବିତ ରାତିରେ ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ଚାଲୁଥିବା ବେଳେ ମନୀଷ ଯାଦବ ନିପାତ ହୋଇଛି। ନିହତ ମନୀଷ ଉପରେ ଥିଲା ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି । ସେହିପରି ଆଉ ଜଣେ ମାଓବାଦୀ କୁନ୍ଦର ଖେରୱାରକୁ ଗିରଫ କରାଯାଇଛ । କୁନ୍ଦର ଉପରେ ଥିଲା ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି । ସୂଚନାଥାଉକି, ଲାତେହାରର ମହୁଆନ୍ଦାର ଥାନା ଅନ୍ତର୍ଗତ କରମଖାଡ ଏବଂ ଦାଉନା ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ଜଙ୍ଗଲ ମଧ୍ୟରେ କିଛି ମାଓବାଦୀ ଲୁଚି ରହିଥିବାର ଜଣା ପଡିବା ପରେ ସୁରକ୍ଷାବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ ହୋଇଥିଲା। ରବିବାର ରାତିରୁ ଆରମ୍ଭ ହୋଇଥିବା ଏହି ଅପରେସନ ସୋମବାର ସକାଳ ପର୍ଯ୍ୟନ୍ତ ଚାଲିଥିଲା। ସୋମବାର ସକାଳେ ଜଣେ ମାଓବାଦୀର ମୃତଦେହ ମିଳିଥିଲା । ପରେ ତାହା ମନୀଷ ଯାଦବର ବୋଲି ଜଣା ପଡିଥିଲା । ପାଲାମୁ ଡିଆଇଜି ୱାଇ.ଏସ ରମେଶ କହିଛନ୍ତି ଯେ, ଦୁର୍ଦ୍ଧାନ୍ତ ମାଓବାଦୀ ମନୀଷ ଯାଦବ ତା'ର ସ୍କ୍ୱାଡର୍ ସହ ଜଙ୍ଗଲରେ ଲୁଚିଥିବାର ଖବର ମିଳିବା ପରେ ଏକ ପୁଲିସ ଟିମ୍ ଗଠନ ହୋଇ ସର୍ଚ୍ଚ ଅପରେସନ କରାଯାଇଥିଲା । ତେବେ ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ସୁରକ୍ଷାବାହିନୀ ପକ୍ଷରୁ ଏହାର କଡା ଜବାବ ଦିଆଯାଇଥିଲା। ପ୍ରତି ଜବାବରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିଲା ମନୀଷ ଯାଦବ। ଘଟଣାସ୍ଥଳରୁ ଦୁଇଟି ରାଇଫଲ ସହ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି । ମନୀଷ ଯାଦବଙ୍କ ନିପାତ ସହିତ ବୁଢ଼ା ପାହାଡ଼ ତାଲିମ କେନ୍ଦ୍ରରେ ବିହାର ସ୍ଥିତ ମାଓବାଦୀ ୟୁନିଟ୍‌ଗୁଡ଼ିକର ନେତୃତ୍ୱ ପ୍ରଭାବଶାଳୀ ଭାବରେ ଶେଷ ହୋଇଛି। ଗୟା ଜିଲ୍ଲାର ଚକରବନ୍ଧାର ବାସିନ୍ଦା ଯାଦବଙ୍କୁ ବୁଢ଼ା ପାହାଡ଼ ଅଞ୍ଚଳରେ ସକ୍ରିୟ ବିହାରର ଶେଷ ଶୀର୍ଷ ମାଓବାଦୀ କମାଣ୍ଡର ଭାବରେ ବିବେଚନା କରାଯାଉଥିଲା। ସେ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏହି ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ଜାରି ରଖିଥିଲେ।

## କୋଟାରେ ପୁଣି ଜଣେ ନିଟ ଆଶାୟୀଙ୍କ ଆତ୍ମହତ୍ୟା

**ଜୟପୁର,୨୬।୫:** କୋଟାରେ ପୁଣି ଜଣେ ନିଟ ଆଶାୟୀ ଆତ୍ମହତ୍ୟା କରିଛନ୍ତି। କୋଟା ସହରରେ ଛାତ୍ର ଆତ୍ମହତ୍ୟା ବୃଦ୍ଧି ନେଇ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ ପ୍ରଶ୍ନ କରିବାର ମାତ୍ର ତିନି ଦିନ ପରେ ଜମ୍ମୁ ଓ କାଶ୍ମୀରର ଜଣେ ୧୮ ବର୍ଷୀୟ ଛାତ୍ର ତାଙ୍କ ହଷ୍ଟେଲ ରୁମରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ଏହା ୧୫ତମ ଘଟଣା ହୋଇଥିବା ବେଳେ କେବଳ ଏହି ମାସରେ ଦ୍ୱିତୀୟ ଘଟଣା। ପୁଲିସ ଅନୁଯାୟୀ, ମୃତ ଜୀଶାନ ପ୍ରତାପ ଚୌରାହାର ଏକ ପେଇଂ ଗେଷ୍ଟ ରୁମରେ ରହୁଥିଲେ। ଘଟଣା ପୂର୍ବରୁ ଜୀଶାନ ତାଙ୍କ ସମ୍ପର୍କୀୟଙ୍କ ସହ ଫୋନରେ କଥା ହୋଇଥିଲେ ଏବଂ ତାଙ୍କୁ କହିଥିଲେ ଯେ ସେ ଫାଶୀ ଦେଇ ଆତ୍ମହତ୍ୟା କରିପାରନ୍ତି। ସମ୍ପର୍କୀୟ ବୁରହାନ ତୁରନ୍ତ ସେହି କୋଠାର ଉପର ମହଲାରେ ରହୁଥିବା ଅନ୍ୟ ଜଣେ ଛାତ୍ରଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ତାଙ୍କୁ ଜୀଶାନଙ୍କ ବିଷୟରେ ଜାଣିବାକୁ ଅନୁରୋଧ କରିଥିଲେ। ଛାତ୍ର ଜଣକ ଜୀଶାନର କୋଠରୀ ଭିତର ପାର୍ଶ୍ୱରୁ ବନ୍ଦ ଥିବା ଦେଖିଥିଲେ। ଏହାପରେ ଜୀଶାନଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ପୁଲିସ କହିଛି ଯେ କୋଠରୀରେ 'ଆଣ୍ଟି-ହ୍ୟାଙ୍ଗି ଡିଭାଇସ୍' ନଥିଲା। ଯାହା ଫାଶୀ ରୋକିବା ପାଇଁ ସିଲିଂ ଫ୍ୟାନ୍ ଚାରିପାଖରେ ଲଗାଯାଇଥିବା ଏକ ଧାତୁ ପିଞ୍ଜରା ଭଳି କଣ୍ଟ୍ରାପସନ୍। ଉଲ୍ଲେଖଯୋଗ୍ୟ ଯେ ମେ ୩ ତାରିଖରେ ମଧ୍ୟପ୍ରଦେଶର ଆଉ ଜଣେ ନିଟ ଆଶାୟୀ କୋଟାରେ ତାଙ୍କ ରୁମରେ ଆତ୍ମହତ୍ୟା କରିଥିଲେ।

## ୮ ରାଜ୍ୟସଭା ଆସନ ନିମନ୍ତେ ୧୯ରେ ନିର୍ବାଚନ




**ନୂଆଦିଲ୍ଲୀ ୨୬।୫:** ରାଜ୍ୟସଭା (ଉଚ୍ଚ ସଦନ)ର ୮ଟି ଆସନ ନିମନ୍ତେ ଦ୍ୱିବାର୍ଷିକ ନିର୍ବାଚନର ତାରିଖ ଘୋଷଣା ହୋଇଛି। ଆସାମର ୨ ଓ ତାମିଲନାଡୁର ୬ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଜୁନ ଓ ଜୁଲାଇରେ ସମାପ୍ତ ହେଉଥିବାରୁ ଏହି ନିର୍ବାଚନ କରାଯାଉଛି। ଭାରତ ନିର୍ବାଚନ ଆୟୋଗ( ଇସିଆଇ) ଏଥି ପାଇଁ ସୋମବାର ତାରିଖ ଘୋଷଣା କରିଛନ୍ତି। ଇସିଆଇଙ୍କ ସୂଚନା ଅନୁସାରେ ଏହି ନିର୍ବାଚନ ଜୁନ ୧୯ ତାରିଖରେ ଅନୁଷ୍ଠିତ ହେବ। ଦ୍ୱିବାର୍ଷିକ ନିର୍ବାଚନ ନିମନ୍ତେ ଅଧିସୂଚନା ଜୁନ ୨ ତାରିଖରେ ଘୋଷଣା ହେବ। ଆସାମର ବୀରେନ୍ଦ୍ର ପ୍ରସାଦ ବୈଶ୍ୟ (ବିଜେପି) ଓ ରଞ୍ଜନ ଦାସ (ବିଜେପି)ଙ୍କ କାର୍ଯ୍ୟକାଳ ଜୁନ ୧୪ ତାରିଖରେ ସମାପ୍ତ ହେବ। ସେହିପରି ତାମିଲନାଡୁରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ୬ ସଦସ୍ୟ ଅମ୍ବୁ ମଣି ରାମଦାସ (ପିଏମକେ), ଏନ.ଚନ୍ଦ୍ରଶେଘାରାନ (ଏଆଇଡିଏମକେ), ଏମ.ଶାନମୁଗମ (ଡିଏମକେ), ପି.ୱିଲସନ (ଡିଏମକେ) ଓ ଥିରୁ ଭାଇକୋ (ଏମଡିଏମକେ)ଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ସମାପ୍ତ ହେବ। ଏହି ନିର୍ବାଚନ ନିମନ୍ତେ ଜୁନ ୨ରେ ଅଧିସୂଚନା ଜାରି ହେବାକୁ ଥିବା ବେଳେ ଜୁନ ୯ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ। ଜୁନ ୧୦ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ ହେବାକୁ ଥିବା ବେଳେ ଜୁନ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଜୁନ ୧୯ରେ ମତଦାନ ହେବ। ଜୁନ ୧୯ ଅପରାହ୍ନ ୫ଟା ବେଳେ ଭୋଟ ଗଣନା ହେବାକୁ ଥିବା ବେଳେ ପ୍ରକ୍ରିୟା ପୂରା ହେବାର ଶେଷ ତାରିଖ ଜୁନ ୨୩ ତାରିଖ। ଗତ ଦିନରେ ନିର୍ବାଚନ ଆୟୋଗ ୪ ରାଜ୍ୟର ୫ ବିଧାନସଭା ଆସନ ନିମନ୍ତେ ଉପ ନିର୍ବାଚନ ଘୋଷଣା କରିଥିଲେ।

**ଦାହୋଦରେ ୨୪ ହଜାର କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦେଲେ ମୋଦି**

## ଭାରତୀୟଙ୍କ ମୂଲ୍ୟବୋଧ ଓ ଭାବନାର ପରିପ୍ରକାଶ ଅପରେସନ ସିନ୍ଦୂର



**ଅହମ୍ମଦାବାଦ, ୨୬।୫:** ଆତ୍ମବିଶ୍ୱାସର ଆଲୋକରେ ତ୍ରିରଙ୍ଗା ଉତ୍ତୋଳନ କରୁଛି। ଯିଏ ଆମର ମା' ଏବଂ ଭଉଣୀଙ୍କ ସିନ୍ଦୁର ପୋଛିବାକୁ ଚେଷ୍ଟା କରିବ, ସେ ନିଶ୍ଚିତ ଭାବରେ ଧ୍ୱଂସ ହେବ। ଅପରେସନ ସିନ୍ଦୁର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ। ଏହା ଆମର ଭାରତୀୟ ମୂଲ୍ୟବୋଧ ଏବଂ ଆମ ଭାବନାର ପ୍ରକାଶ। ଦୁଇ ଦିନିଆ ଗୁଜରାଟ ଗସ୍ତ ଅବସରରେ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ଭଦୋଦରାରେ ରୋଡ୍ ଶୋ କରିଛନ୍ତି ମୋଦି। ଅପରେସନ ସିନ୍ଦୂର ପରେ ଏହା ତାଙ୍କର ପ୍ରଥମ ଗୁଜରାଟ ଗସ୍ତ। ରୋଡ୍ ଶୋ ସମୟରେ ଲୋକମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଫୁଲ ବର୍ଷା କରିଥିଲେ। ସବୁଠୁ ବଡ଼ କଥା ହେଲା ଏହି ରୋଡ୍ ଶୋ'ରେ ଅପରେସନ୍ ସିନ୍ଦୂରର ଅଂଶ ଥିବା କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ପରିବାର ମଧ୍ୟ ପହଞ୍ଚିଥିଲେ। ଲୋକଙ୍କ ହାତରେ ଥିଲା ତ୍ରିରଙ୍ଗା। ମହିଳାମାନେ ପିନ୍ଧିଥିଲେ ନାଲି ଶାଢି। ଯାହା ସିନ୍ଦୂରର ପ୍ରତୀକ ଥିଲା। ଏହି ଅବସରରେ ମୋଦି ଗୁଜରାଟର ଦାହୋଦରେ ୨୪ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ କରିଛନ୍ତି। ଏଠାରେ ଆୟୋଜିତ ସମାବେଶକୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ ମେ ୨୬ ତାରିଖର ବିଶେଷ ଗୁରୁତ୍ୱ ରହିଛି କାରଣ ଏହା ୨୦୧୪ରେ ସେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ସେ ଗୁଜରାଟର ଲୋକମାନଙ୍କର ଅତୁଟ ସମର୍ଥନ ଏବଂ ଆଶୀର୍ବାଦକୁ ସ୍ୱୀକାର କରିଥିଲେ, ଯେଉଁମାନେ ତାଙ୍କୁ ରାଷ୍ଟ୍ରର ନେତୃତ୍ୱ ନେବାର ଦାୟିତ୍ୱ ଦେଇଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ ଏହି ବିଶ୍ୱାସ ଏବଂ ଉତ୍ସାହ ଦିନରାତି ଦେଶ ସେବା କରିବା ପାଇଁ ତାଙ୍କର ସମର୍ପଣକୁ ପ୍ରୋତ୍ସାହିତ କରିଛି। ବର୍ଷ ବର୍ଷ ଧରି ଭାରତ ଏପରି ନିଷ୍ପତ୍ତି ନେଇଛି ଯାହା ଅଭୂତପୂର୍ବ ଏବଂ ଅକଳ୍ପନୀୟ ଥିଲା। ଦଶନ୍ଧି ଧରି ରହିଥିବା ପ୍ରତିବନ୍ଧକରୁ ମୁକ୍ତ ହୋଇ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଆଜି ଅଗ୍ରଗତି କରିଛି। ଆଜି ଦେଶ ହତାଶ ଏବଂ ଅନ୍ଧାରର ଯୁଗରୁ ଆତ୍ମବିଶ୍ୱାସ ଏବଂ ଆଶାବାଦର ଏକ ନୂତନ ଯୁଗକୁ ଉଭା ହୋଇଛି। ବୋଲି ସେ କହିଛନ୍ତି। ୧୪୦ କୋଟି ଭାରତୀୟ ଏକ ବିକଶିତ ଭାରତ ଗଠନରେ ଏକଜୁଟ ବୋଲି ମୋଦି କହିଥିଲେ। ଭାରତ ଭିତରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ଉତ୍ପାଦନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଆତ୍ମନିର୍ଭରଶୀଳତା ହେଉଛି ସମୟର ଆବଶ୍ୟକତା। ଭାରତ ବିଶ୍ୱ ଉତ୍ପାଦନ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି, ଘରୋଇ ଉତ୍ପାଦନ ଏବଂ ରପ୍ତାନୀ ଉଭୟ ନିରନ୍ତର ବୃଦ୍ଧି ପାଉଛି। ଭାରତ ଏବେ ସ୍ମାର୍ଟଫୋନ୍, ଅଟୋମୋବାଇଲ୍, ଖେଳଣା, ପ୍ରତିରକ୍ଷା ଉପକରଣ ଏବଂ ଔଷଧ ସମେତ ବିଭିନ୍ନ ପ୍ରକାରର ଉତ୍ପାଦ ରପ୍ତାନୀ କରୁଛି। ମୋଦି ଦାହୋଦ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍ କାରଖାନାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବରେ ଉଲ୍ଲେଖ କରିଥିଲେ। ସେ ତିନି ବର୍ଷ ପୂର୍ବେ ଏହାର ଶିଳାନ୍ୟାସକୁ ମନେ ପକାଇଥିଲେ ଏବଂ ପ୍ରଥମ ବୈଦ୍ୟୁତିକ ଲୋକୋମୋଟିଭ୍ ଏବେ ସଫଳତାର ସହିତ ନିର୍ମାଣ ହୋଇଥିବା ନେଇ ଗର୍ବ ପ୍ରକାଶ କରିଥିଲେ। ସେ ଲୋକୋମୋଟିଭ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ଯାହା ଗୁଜରାଟ ଏବଂ ସମଗ୍ର ଦେଶ ପାଇଁ ଗର୍ବର ମୁହୂର୍ତ୍ତ ଥିଲା। ଏହା ସହିତ ସେ ଘୋଷଣା କରିଥିଲେ ଯେ ଗୁଜରାଟ ତାର ରେଳ ନେଟୱାର୍କର ୧୦୦% ବିଦ୍ୟୁତୀକରଣ ହାସଲ କରିଛି ଯାହାକି ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ଏହି ସଫଳତା ପାଇଁ ସେ ଗୁଜରାଟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।।

# ସାବାଲେଙ୍କା, ସ୍ୱିତୋଲିନା, ମୁସେଟ୍ଟିଙ୍କ ବିଜୟ ଅଭିଯାନ





**ଫ୍ରେଞ୍ଚ୍ ଓପନ**

**ପ୍ୟାରିସ୍,୨୬।୫:** ରବିବାରଠୁ ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କୌଣସି ବିପର୍ଯ୍ୟୟ ଘଟିନଥିବାବେଳେ ତାରକା ଖେଳାଳିମାନେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବିଶ୍ୱର ଏକ ନମ୍ବର ଖେଳାଳି ବେଲାରୁଷର ଅର୍ନ୍ୟା ସାବାଲେଙ୍କା ସିଧାସଳଖ ୬-୧, ୬-୦ ସେଟ୍‌ରେ ରୁଷିଆର କାମିଲା ରଖିମୋଭାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୧ଘଣ୍ଟା ଲାଗିଥିଲା। ଅନ୍ୟ ମ୍ୟାଚ୍‌ରେ ୧୩ତମ ସିଡ୍ ୟୁକ୍ରେନର ଏଲେନା ସ୍ୱିତୋଲିନା ୬-୧, ୬-୧ରେ ତୁର୍କୀର ଜିନେପ ସୋନମେଜଙ୍କୁ ହରାଇଥିବାବେଳେ ଅଷ୍ଟମ ସିଡ୍ ଚୀନର କ୍ୱିନୱେନ ଝେଙ୍ଗ୍ ୬-୪, ୬-୩ରେ ଆନାସ୍ତାସିଆ ପାବ୍ଲ୍ୟୁଚେନକୋଭାଙ୍କୁ, ୧୧ତମ ସିଡ୍ ଡାଏନା ସ୍ନାଇଡର ୭-୬ (୭-୩), ୬-୨ରେ ୟୁକ୍ରେନର ଆନାସ୍ତାସିଆ ସୋବୋଲିଭାଙ୍କୁ, ୟୁକ୍ରେନର ଡାଏନା ୟେସ୍ତ୍ରମସ୍କା ୭-୫, ୬-୧ରେ ଅଷ୍ଟ୍ରେଲିଆର ଡି. ଆଇଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବର୍ଗରେ ଅଷ୍ଟମ ସିଡ୍ ଇଟାଲୀର ଲରେଞ୍ଜୋ ମୁସେଟ୍ଟି ୭-୫, ୬-୨, ୬-୦ରେ ଜର୍ମାନୀର ୟାନିକ ହଫ୍‌ମାନଙ୍କୁ ହରାଇଥିଲେ। ଅନ୍ୟ ମ୍ୟାଚ୍‌ରେ ୧୨ତମ ସିଡ୍ ଟମି ପଲ ୬-୭ (୫-୭), ୬-୨, ୬-୩, ୬-୧ରେ ଡେନମାର୍କର ଏଲ୍ମର ମୋଲରଙ୍କୁ, ସ୍ପେନର ପାବ୍‌ଲୋ କାରେନୋ-ବୁଷ୍ଟା ୬-୩, ୭-୬ (୭-୩), ୭-୫ରେ ଆର୍ଜେଣ୍ଟିନାର ଫ୍ରାନ୍ସିସ୍କୋ କମେସାନାଙ୍କୁ ପରାଜିତ କରି ଅଭିଯାନ ଆରମ୍ଭ କରିଛନ୍ତି।

## ଏସୀୟ ଦୌଡ଼କୁଦରେ ଭାଗନେବେ ଶ୍ରାବଣୀ, ଅନିମେଷ



ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ): ଓଡ଼ିଶା ଦୌଡ଼କୁଦ ଜଗତର ଉଜ୍ଜ୍ୱଳ ତାରକା ଶ୍ରାବଣୀ ନନ୍ଦ ଏବଂ ଉଦୀୟମାନ ପ୍ରତିଭା ଅନିମେଶ କୁଜୁର ଦକ୍ଷିଣ କୋରିଆର ଗୁମିଠାରେ ଆୟୋଜିତ ହେବାକୁ ଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବେ। ଉଭୟ ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଅଲିମ୍ପିଆନ୍ ଶ୍ରାବଣୀ ନନ୍ଦ ମହିଳା ଏବଂ ଅନିମେଷ ପୁରୁଷ ୪ଗୁଣା ୧୦୦ ରିଲେରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନିମେଷ ମଧ ବ୍ୟକ୍ତିଗତ ଭାବେ ୨୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ନିକଟରେ ଅନୁଷ୍ଠିତ ଇଣ୍ଡିଆନ୍ ଗ୍ରାଁପ୍ରିର ଦ୍ୱିତୀୟ ଲେଗ୍‌ର ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ ଜିତି ଅନିମେଷ ସଂପ୍ରତି ଚମତ୍କାର ଫର୍ମରେ ରହିଛନ୍ତି। କୋରିଆରେ ମଧ ସେ ଏହି ସଫଳତା ଦୋହରାଇବା ଆଶାରେ ଅଛନ୍ତି।

## ଭୁବନେଶ୍ୱର ସ୍କୁଲ୍ ଚେସ୍

# ସତ୍ୟମ ବିଜେତା, ପ୍ରୀତମ ଉପବିଜେତା



**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ):** ୩୮ତମ ଭୁବନେଶ୍ୱର ସ୍କୁଲ୍ ଚେସ୍ ପ୍ରତିଯୋଗିତାରେ ସତ୍ୟମ ସ୍ୱରୂପ ସାହୁ (୪.୫) ବିଜେତା ଏବଂ ପ୍ରୀତମ ହୋତା (୪) ଉପବିଜେତା ହୋଇଛନ୍ତି। ଆରିସ ନନ୍ଦ ଗୋସ୍ୱାମୀ (୪), ନିରେକ ପରିଡ଼ା (୪) ଓ ସ୍ୱସ୍ତିକ ତ୍ରିପାଠୀ (୪) ତୃତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସବର୍ଗରେ ପ୍ରୀତମ ହୋତା, ଶ୍ରୀୟାନ ବଳ, ସୋମାଂଶ ସୁପ୍ରବୀର, ଓମ୍ ପ୍ରସାଦ ବାତ୍ରା ଏବଂ ବାଳିକାରେ ସ୍ଥିତପ୍ରଜ୍ଞା ପଟ୍ଟନାୟକ ପୁରସ୍କୃତ ହୋଇଛନ୍ତି। ଓମ୍ ଶତପଥୀ, ସାଇକୃଷ୍ଣ ସାମଲ, ଆନଭିକ ମନୋହର ପଣ୍ଡା, ଆୟୁଷ୍ମାନ ଆତ୍ରେୟ, ଅର୍ପଣ ସାହୁ, ସ୍ୱୟମ ସ୍ୱରୂପ ମହାନ୍ତି ଓ ଦିବ୍ୟାଂଶୁ ପଲେଇ ସ୍ୱତନ୍ତ୍ର ପୁରସ୍କାର ଜିତିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ୍, କେଶୁରାର ଅଧକ୍ଷ ସର୍ବେଶ୍ୱର ସାମଲ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଟାଟା ଷ୍ଟିଲ୍‌ର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ସୁଶାନ୍ତ ରଥ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

## ଆସାମ ଚେସ୍ ପ୍ରିମିୟର୍ ଲିଗ୍

# କଳିଙ୍ଗ ୱାରିୟର୍ସ ବିଜେତା



**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ):** ଆସାମର ଗୁଆହାଟୀଠାରେ ଆୟୋଜିତ ଆସାମ ଚେସ୍ ପ୍ରିମିୟର୍ ଲିଗ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ଓଡ଼ିଶା ଦଳ 'କଳିଙ୍ଗ ୱାରିୟର୍ସ' ବିଜେତା ହୋଇଛି। ଏହି ୮ ଦଳିଆ ପ୍ରତିଯୋଗିତାରେ କଳିଙ୍ଗ ୱାରିୟର୍ସ ୫ଟି ବିଜୟ ଏବଂ ଗୋଟିଏ ଲେଖାଏଁ ପରାଜୟ ଓ ଅମୀମାଂସିତ ମ୍ୟାଚ୍ ସହ ସର୍ବାଧିକ ୧୧ ପଏଣ୍ଟ୍ ଅର୍ଜନ କରି ଏହି ସଫଳତା ଲାଭ କରିଛି। ଆକ୍ସୋମ ରାଇନୋଜ୍ ଚେକ୍‌ମେଟ୍ସ (୧୦) ଦ୍ୱିତୀୟ ସ୍ଥାନରେ ଥିଲା ବେଳେ ରାଞ୍ଚି କ୍ୟାପିଟାଲ୍‌ସ ତୃତୀୟ ସ୍ଥାନରେ ରହିଛି। ଆସାମ ସରକାରଙ୍କ ସହଯୋଗରେ ଅଲ୍ ଆସାମ ଚେସ୍ ସଂଘ ଆନୁକୂଲ୍ୟରେ ଆଇପିଏଲ୍ ମଡେଲ୍‌ରେ ଆୟୋଜିତ ଏହି ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଏଥିରେ କଳିଙ୍ଗ ୱାରିୟର୍ସ ସହ ରାଞ୍ଚି କ୍ୟାପିଟାଲ, ନାଇଟ୍ ମୁଭର୍ସ, ୯୧ ୟାର୍ଡ୍ସ କ୍ଲବ୍, ଏଡୁ ହବ୍ ଚେକ୍‌ମେଟ୍ସ, ଆକ୍ସୋମ ରିଙ୍ଗ ଚେକ୍‌ମେଟ୍ସ, ସେଭେ ଚେକ୍‌ମେଟ୍ସ ଓ ବିଟିଆର୍ ୱାରିୟର୍ସ ଭାଗନେବେ। କଳିଙ୍ଗ ୱାରିୟର୍ସ ଦଳରେ ଥିବା ଖେଳାଳିମାନେ ହେଲେ ଗ୍ରାଣ୍ଡ ମାଷ୍ଟର ଅଙ୍କିତ ରାଜପରା, ରାଜେଶ କୁମାର ନାୟକ, ମୃଣ୍ମୟ ରାଜ ଖୋୱା, ହର୍ଷିତ ରଞ୍ଜନ ସାହୁ, ଆମିୟ ଗୁପ୍ତା, ଅମ୍ଳାନ ମହାନ୍ତ, ରିତିଶା ଏମ୍ ରାଜଭୋଗୀ। ଏହି ଦଳକୁ ଅଲ୍ ଓଡ଼ିଶା ଚେସ୍ ସଂଘ ନିଲାମରେ ୧.୩୨ ଲକ୍ଷ ଟଙ୍କାରେ କିଣିଥିଲା। ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବାଦ୍ୱାରା ଅନ୍ତଃରାଜ୍ୟ ସମ୍ପର୍କ ଦୃଢ଼ ହେବା ସହ ଖେଳାଳିଙ୍କୁ ଏକ୍ସପୋଜର୍ ମିଳିବ ଏବଂ କାର୍ପୋରେଟ୍ ସଂସ୍ଥା ଚେସକୁ ପ୍ରାୟୋଜିତ କରିବାକୁ ଆକର୍ଷିତ ହେବେ। ଏଭଳି ଏକ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଏଓସିଏର ରାଜସ୍ୱ ବୃଦ୍ଧିରେ ବି ସହାୟକ ହେବ ବୋଲି ଏହାର ସମ୍ପାଦକ ଦେବବ୍ରତ ଭଞ୍ଜ ଆଶା ପ୍ରକଟ କରିଛନ୍ତି।

## ମାଲେସିଆ ମାଷ୍ଟର୍ସ

# ଶ୍ରୀକାନ୍ତ ଉପବିଜେତା



କୁଆଲାଲମ୍ପୁର, ୨୬।୫: ମାଲେସିଆ ମାଷ୍ଟର୍ସ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଉପବିଜେତାରେ ସନ୍ତୁଷ୍ଟ ହୋଇଛନ୍ତି ଭାରତୀୟ ତାରକା କିଦାମ୍ବି ଶ୍ରୀକାନ୍ତ। ଦୀର୍ଘ ୬ ବର୍ଷ ପରେ ଏକ ବିଡବ୍ଲ୍ୟୁଏଫ୍ ଇଭେଣ୍ଟ୍‌ର ଫାଇନାଲ୍‌କୁ ଉଠିଥିବା ଶ୍ରୀକାନ୍ତଙ୍କୁ ରବିବାର ବିଶ୍ୱର ୪ ନମ୍ବର ଖେଳାଳି ଚୀନର ଲି ସି ଫେଙ୍ଗ୍ ଏକତରଫା ଭାବେ ୧୧-୨୧, ୯-୨୧ରେ ମାତ୍ ଦେଇ ବିଜେତା ଟ୍ରଫି ହାସଲ କରିଛନ୍ତି। ପୂର୍ବତନ ଏକ ନମ୍ବର ଶ୍ରୀକାନ୍ତଙ୍କ ଦୟନୀୟ ପ୍ରଦର୍ଶନ ବି ପ୍ରଶଂସକଙ୍କୁ ନିରାଶ କରିଛି। ଏକାଧିକ ସୁଯୋଗକୁ ସେ ହାତଛଡ଼ା କରି ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଫେଙ୍ଗ୍‌ଙ୍କଠାରୁ ହାରିଯାଇଥିଲେ। ସେମିଫାଇନାଲ୍‌ରେ ଶନିବାର ଶ୍ରୀକାନ୍ତ ଜାପାନର ୟୁସି ତାନାକାଙ୍କୁ ୨୧-୧୮, ୨୪-୨୨ରେ ହରାଇ ଫାଇନାଲ୍ ଆସିଥିଲେ। ବିଗତ କିଛି ଋତୁରେ ଫର୍ମ ଓ ଫିଟନେସ୍‌କୁ ନେଇ ସଂଘର୍ଷ କରିଥିବାରୁ ଏହି ପ୍ରଦର୍ଶନରେ କିନ୍ତୁ ସନ୍ତୁଷ୍ଟ ହୋଇଛନ୍ତି ୩୨ ବର୍ଷୀୟ ଶ୍ରୀକାନ୍ତ। ୨୦୧୯ ମସିହାର ଇଣ୍ଡିଆନ୍ ଓପନ୍‌ରେ ରନର୍ସ ଅପ୍ ହେବା ପରଠାରୁ ସେ କୌଣସି ବିଡବ୍ଲ୍ୟୁଏଫ୍ ଇଭେଣ୍ଟ୍‌ର ଫାଇନାଲ୍‌କୁ ଉଠି ପାରିନଥିଲେ। ୬ ବର୍ଷ ପରେ ସେହି ଉପ ବିଜେତାରେ ସନ୍ତୁଷ୍ଟ ହୋଇଛନ୍ତି।

# ଖେଲୋ ଇଣ୍ଡିଆ ବିଚ୍ ପେନ୍‌ଚାକ୍ ସିଲାଟ୍: ଓଡ଼ିଶାକୁ ୮ ପଦକ



**ଭୁବନେଶ୍ୱର, ୨୬।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶାସିତ ଅଞ୍ଚଳ ଡାମନ-ଡିୟୁରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ାର ପେନ୍‌ଚାକ୍ ସିଲାଟ୍‌ରେ ଓଡ଼ିଶା ଖେଳାଳିମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି। ପ୍ରଶିକ୍ଷକ ଶ୍ରୀଧର ସାହୁ ଓ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୨୦ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩ ରୌପ୍ୟ ଓ ୫ କାଂସ୍ୟ ସହ ୮ ପଦକ ଜିତିଛି। ସଫଳତମ ତାରକା ଭାବେ ସୋହିଲ ଗୁରୁଙ୍ଗ ସୋଲୋ ଓ ଟେଣ୍ଡି ଇଭେଣ୍ଟ୍‌ରେ ଏକାକୀ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟ ରୌପ୍ୟ ପଦକଟି ଅନନ୍ଦିତ ପାତ୍ର ଟେଣ୍ଡି ଇଭେଣ୍ଟ୍‌ରେ ହାସଲ କରିଛନ୍ତି। ପୁରୁଷ ଗାଣ୍ଡା, ପୁରୁଷ ଓ ମହିଳା ରେଗୁ ଏବଂ ଟେଣ୍ଡି ଇଭେଣ୍ଟ୍‌ର ବ୍ୟକ୍ତିଗତ ବର୍ଗରେ ରୁଦ୍ର ପ୍ରତାପ ଷଡ଼ଙ୍ଗୀ, ରିତୁ ଗିଲ୍ ଦୁଇଟି କାଂସ୍ୟ ପଦକ ହାସଲ କରି ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଓଡ଼ିଶା ଖେଳାଳିମାନେ ଶନିବାର ରାଜ୍ୟକୁ ଫେରିବା ପରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସେମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପେନ୍‌ଚାକ୍ ସିଲାଟ୍ ଆସୋସିଏସନ୍ ଓଡ଼ିଶାର ସଂପାଦକ ପ୍ରେମ୍ ସିଂହ ଥାପା ରେଫରି ଦାୟିତ୍ୱ ତୁଲାଇ ସମ୍ବର୍ଦ୍ଧିତ ହୋଇଥିଲା। ଏହି ସଫଳତା ଲାଗି କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ଓଏସ୍‌ଡି ଧୀରଜ ପଟ୍ଟନାୟକଙ୍କ ସମେତ ଯୁବ ସମାଜସେବୀ ତଥା ପେନଚାକ୍ ସିଲାଟ୍ ଆସୋସିଏସନ୍ ଖୋର୍ଦ୍ଧାର ସଂପାଦକ ଜିତେନ୍ଦ୍ର କୁମାର ରାଉତ, ପେନ୍‌ଚାକ୍ ସିଲାଟ ଆସୋସିଏସନ୍ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୋହନଙ୍କୁ...

ସରକାରଙ୍କ ବର୍ଷ ପୂର୍ତ୍ତି। ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ସେହିପରି ୨୬ ଓ ୨୭ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାକୁ ୫୦ ବର୍ଷ ପୂରୁଥିବାରୁ ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ କରି ଲୋକଙ୍କ ପାଖରେ ଜରୁରୀକାଳୀନ ପରିସ୍ଥିତିର କଳା ସତ ପହଞ୍ଚାଇବାକୁ ମୋହନ ସରକାରଙ୍କୁ କୁହାଯାଇଛି।

ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଏନଡିଏ ବୈଠକରେ ବିଜେପିଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ମୋହନ ସରକାରକୁ ଏମିତି ଟାସ୍କ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଯଦିଓ ମୋହନ ସରକାର ପ୍ରଥମ ବର୍ଷର ସଫଳତାକୁ ନେଇ ରାଜ୍ୟବାସୀଙ୍କୁ ରିପୋର୍ଟ କାର୍ଡ ଦେବାକୁ ପ୍ରସ୍ତୁତ ହେଉଛନ୍ତି, କିନ୍ତୁ ତା ସହ ମୋଦି ସରକାରଙ୍କୁ ୧୧ ବର୍ଷ ପୂରଣ ଅବସରରେ ଡବଲ୍ ଇଞ୍ଜିନ ସରକାରଙ୍କ ଉପଲବ୍ଧିକୁ ଗ୍ରାଉଣ୍ଡରେ ସଫଳତାର ସହ ପହଞ୍ଚାଇବାକୁ ଜୋର୍ ଦେଇଛନ୍ତି ମୋଦି। ଏହି ଅବସରରେ ଏକାଧିକ କେନ୍ଦ୍ରମନ୍ତ୍ରୀ ଏବଂ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଆସି ୧୧ ବର୍ଷର ସଫଳତା କଥା ରଖିବାର କାର୍ଯ୍ୟକ୍ରମ ବି ରହିଛି।

### ଦୀଘାରୁ...

ବୋର୍ଡରେ ରହିଲା, ତାକୁ ନେଇ ମଧ୍ୟ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ସେହିପରି ଇସ୍କନ ରଥଯାତ୍ରା ପ୍ରସଙ୍ଗରେ ମଧ୍ୟ ମତ ରଖିଛନ୍ତି ଗଜପତି ମହାରାଜା। ସେ କହିଛନ୍ତି ଯେ ସାରା ବିଶ୍ୱରେ ଗୋଟିଏ ଦିନରେ ରଥଯାତ୍ରା ହେବା ଆବଶ୍ୟକ। ଇସ୍କନ ଭାରତ ଭିତରେ ଗୋଟିଏ ଦିନରେ ରଥଯାତ୍ରା ପାଇଁ ରାଜି ଅଛି। ଏନେଇ ଆମେ ଇସ୍କନ ମୁଖ୍ୟାଳୟ ମାୟାପୁରୀକୁ ଅବଗତ ମଧ୍ୟ କରାଇସାରିଛୁ। ଦୁଇ ଧର୍ମୀୟ ସଂଗଠନ ମଧ୍ୟରେ ଆଲୋଚନା ଜାରି ରହିଛି। ଆପୋଷ ଆଲୋଚନା ଜରିଆରେ ଦ୍ୱନ୍ଦ୍ୱ ଦୂର ହେବା ନେଇ ଆଶାବାଦୀ ଅଛୁ। କୋର୍ଟକୁ ଗଲେ କେବେ ସମାଧାନ ହେବ ତା' ଜଣାନାହିଁ। ତେଣୁ ବିବାଦର ଆପୋଷ ସମାଧାନ ହେବା ଉଚିତ ବୋଲି ଗଜପତି କହିଛନ୍ତି।

ଶ୍ରୀକ୍ଷେତ୍ର ହେଉ କି ଶ୍ରୀମନ୍ଦିର, ଏହାର ରହିଛି ସ୍ୱତନ୍ତ୍ର ପରିଚୟ। ହେଲେ ଅନେକ ସମୟରେ ଯେଉଁଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ସଂଶ୍ଲିଷ୍ଟ ଶବ୍ଦ ସବୁକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଉଛି, ତାକୁ ନେଇ ଚିନ୍ତା ପ୍ରକଟ କରିଛି ଶ୍ରୀମନ୍ଦିର ପ୍ରଶାସନ। କିଭଳି ଆଗକୁ ଦୀଘା ପରି ସମସ୍ୟା ସୃଷ୍ଟି ନହେବ, ସେଥିପାଇଁ ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଶବ୍ଦାବଳୀର 'ପ୍ୟାଟେଣ୍ଟ' କରିବାକୁ ଆବେଦନ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ।

ଏଥିସହ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିକାନ୍ତି ଆଜି ପାରିତ ହୋଇଥିବା ସହ ବୈଠକରେ ଶ୍ରୀମନ୍ଦିରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ପହଣ୍ଡିକୁ ଶୃଙ୍ଖଳିତ ଭାବେ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିବା ବେଳେ ସ୍ୱତନ୍ତ୍ର ଅଧିକାରୀଙ୍କ ବ୍ୟତୀତ ବରିଷ୍ଠ ଦଇତାପତିମାନେ ମଧ୍ୟ ରହିବେ। ସେହିପରି ନୀତିକୁ ଧାର୍ଯ୍ୟ ସମୟରେ ସାରିବା ସହ ରଥ ଉପରକୁ ମୋବାଇଲ ନେବା ଉପରେ ବି କଟକଣା କରାଯାଇଛି। ଏଥର ରଥ ଉପରକୁ କୌଣସି ସେବାୟତ ମୋବାଇଲ ଫୋନ୍ ନେଇପାରିବେନାହିଁ। ଯଦି କେହି ସେବାୟତ ଏହାର ଉଲ୍ଲଂଘନ କରନ୍ତି, ତା'ହେଲେ ତାଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### ଭାରତ...

ବିଶ୍ୱବିଦ୍ୟାଳୟ ନବସୃଜନ ସହ ଷ୍ଟେମ ସମ୍ବନ୍ଧୀୟ ଗବେଷଣା ଉପରେ ଧ୍ୟାନ ଦେବା ଉପରେ ପ୍ରାଥମିକତା ଦେଉଥିବାରୁ ଖୁସି ପ୍ରକାଶ କରିଥିଲେ। ସେ କହିଥିଲେ ଯେ ବିଶ୍ୱ ନାଗରିକରୁ ନୂଆପିଢ଼ି ତିଆରି କରିବା ଗୁରୁତ୍ୱପୂର୍ଣ୍ଣ। ଭାରତରେ 'ଇନୋଭେସନ ସେଣ୍ଟର' ବିଶ୍ୱବିଦ୍ୟାଳୟ ଏବଂ ସମାଜ ଉଭୟ ପାଇଁ ପାରସ୍ପରିକ ଭାବରେ ଲାଭଦାୟକ ହେବ। ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ ଲିଭରପୁଲ ବିଶ୍ୱବିଦ୍ୟାଳୟ ହେଉଛି ଭାରତରେ ନିଜର ଉପସ୍ଥିତି ଘୋଷଣା କରିବାରେ ଚତୁର୍ଥ ବିଦେଶୀ ବିଶ୍ୱବିଦ୍ୟାଳୟ। ଚଳିତ ଶିକ୍ଷାବର୍ଷ ସୁଦ୍ଧା ବିଶେଷକରି ଷ୍ଟେମ୍ସ (ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ, ମେଡିସିନ୍ ଏବଂ ବିଜନେସ) ଶିକ୍ଷାରେ ୧୫ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଭାରତକୁ ଆସିବେ। ବେଙ୍ଗାଲୁରୁରେ ଲିଭରପୁଲ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ବିଶ୍ୱସ୍ତରୀୟ ହେବ। 'ବସୁଧୈବ କୁଟୁମ୍ବକମ୍' ନୀତି ସହ ଭାରତ ବିଶ୍ୱସ୍ତରୀୟ ଏଜେଣ୍ଡାକୁ ଆଗେଇ ନେବା ଓ ବିଶ୍ୱ ଦାୟିତ୍ୱ ପୂରଣ କରିବା ସକାଶେ ଉପଯୁକ୍ତ ସ୍ଥାନ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ସମାରୋହ ଅବସରରେ ରୟାଲ୍ କଲେଜ୍ ଅଫ୍ ଅବେଷ୍ଟ୍ରିସିଆନ୍ସ ଆଣ୍ଡ ଗାଇନାକୋଲୋଜିଷ୍ଟସ୍ (ଆରସିଓଜି), ଆଷ୍ଟ୍ରାଜେନେକା ଫାର୍ମା ଇଣ୍ଡିଆ ଲିମିଟେଡ୍, ୟୁ ଉଇ କ୍ୟାନ୍ ଏବଂ ଡ୍ରିମ୍ ଇଲେଭେନ ସମେତ କମ୍ପାନୀ ଓ ସଂଗଠନ ସହ ଭବିଷ୍ୟତର ସହଯୋଗୀ ସୁଯୋଗ ଅନୁସନ୍ଧାନ ପାଇଁ ୩ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

### ଦେଶଦ୍ରୋହୀ...

ନ୍ୟାୟ ସଂହିତାର ପ୍ରାବଧାନ ଅନୁସାରେ ମାମଲା ରୁଜୁ କରାଯାଇ ଥିଲା। ହିସାର ପୁଲିସ କହିଥିଲା ଯେ, ଏମିତି କୌଣସି ପ୍ରମାଣ ସାମ୍ନାକୁ ଆସି ନାହିଁ, ଯେଉଁଥିରେ ଏହା ଜଣାପଡ଼ିବ ଯେ, ଜ୍ୟୋତିଙ୍କ ପାଖରେ କିଛି ସେନା ବା ପ୍ରତିରକ୍ଷା ସମ୍ବନ୍ଧୀୟ ସୂଚନା ପହଞ୍ଚୁ ଥିଲା। କିନ୍ତୁ ନିଶ୍ଚିତ ରୂପେ କିଛି ଲୋକଙ୍କ ସଂପର୍କରେ ଥିଲେ ଏବଂ ଜାଣିଥିଲେ ଯେ ସେ ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟ। ପୁଲିସ ସୂତ୍ରାନୁସାରେ ସେ ପାକିସ୍ତାନୀ ଉଚ୍ଚାୟୁକ୍ତ କାର୍ଯ୍ୟରତ କର୍ମଚାରୀ ଏହସାନ-ଉର-ରହିମ ଓରଫ ଦାନିଶଙ୍କ ସଂପର୍କରେ ନଭେମ୍ବର ୨୦୨୩ରୁ ଥିଲେ। ଦାନିଶଙ୍କୁ ଗୁପ୍ତଚର କାର୍ଯ୍ୟରେ ସାମିଲ ହେବା କାରଣରୁ ମେ'୧୩ରେ ଭାରତ ବହିଷ୍କାର କରି ଦେଇ ଥିଲା।

ପୁଲିସ ଜ୍ୟୋତି ମାଲହୋତ୍ରାଙ୍କ ୩ଟି ମୋବାଇଲ ଫୋନ୍ ଓ ଗୋଟିଏ ଲ୍ୟାପଟପ୍‌କୁ ଫରେନ୍ସିକ୍ ଯାଞ୍ଚ ପାଇଁ ପଠାଇଛି ଏବଂ ତାଙ୍କର ୪ଟି ବ୍ୟାଙ୍କ ଆକାଉଣ୍ଟର ମଧ୍ୟ ଯାଞ୍ଚ କରାଯାଉ ଥିବା ପୁଲିସ କହିଛି। ରାଷ୍ଟ୍ରୀୟ ଯାଞ୍ଚ ଏଜେନ୍ସି , ଗୁଇନ୍ଦା ବ୍ୟୁରୋ ଓ ସେନା ଗୁଇନ୍ଦା ଅଧିକାରୀ ମାନେ ଜ୍ୟୋତିଙ୍କୁ ପଚାରଉଚରା କରିଥିଲେ। ଏବେସୁଦ୍ଧା ଯାଞ୍ଚରୁ ଜଣାପଡ଼ିଛି ଯେ , ସେ ପାକିସ୍ତାନ , ଚୀନ , ବାଂଲାଦେଶ ଓ କିଛି ଅନ୍ୟ ଦେଶକୁ ଯାତ୍ରା କରି ସାରିଛନ୍ତି। ପୁଲିସ କହିଛି ଯେ, ଅପ୍ରେଲ ୨୨ରେ ପହଲଗାମ ଆତଙ୍କବାଦୀ ହମଲା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୪ଦିନ ଯାଏ ଜାରି ରହିଥିବା ସେନା ସଂଘର୍ଷ ବେଳେ ମଧ୍ୟ ମାଲହୋତ୍ରା ଦାନିଶଙ୍କ ସଂପର୍କରେ ଥିଲେ। ଏହାକୁ ନେଇ ମଧ୍ୟ ଯାଞ୍ଚ ପ୍ରକ୍ରିୟା ଚାଲୁ ରହିଛି।

### ଏନ୍‌ଆଇଏ ...

ଗୁଇନ୍ଦାଗିରି ଅଭିଯୋଗରେ ଗିରଫ କରାଯାଇଛି। ଏନଆଇଏ ଗିରଫ ସିଆରପିଏଫ ଯବାନ ମୋତିରାମ ଜାଟଙ୍କୁ ପଚରାଉଚରା ଆରମ୍ଭ କରିଛି। ସେ ସୋସିଆଲ ମିଡିଆ ମାଧ୍ୟମରେ ଜଣେ ପାକିସ୍ତାନୀ ଗୁପ୍ତଚର ଅଧିକାରୀଙ୍କ ସମ୍ପର୍କରେ ଆସିଥିଲେ। ରିପୋର୍ଟ ଅନୁଯାୟୀ ଯବାନ ଜଣକ ସୋସିଆଲ ମିଡିଆ ମାଧ୍ୟମରେ ଦେଶ ସହ ଜଡିତ ଗୁପ୍ତ ସୂଚନା ପଠାଇବା ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କୁ ଟଙ୍କା ମଧ୍ୟ ମିଳୁଥିଲା। ୨୦୨୩ ମସିହାରୁ ସେ ଏପରି କାର୍ଯ୍ୟ କରୁଥିବା ଜଣାପଡିଛି। ଗିରଫ ହେବା ପରେ ସିଆରପିଏଫ ନିୟମ ଅନୁଯାୟୀ ଯବାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଅଭିଯୁକ୍ତ ପାକିସ୍ତାନରେ ବସିଥିବା ତାଙ୍କ ହ୍ୟାଣ୍ଡଲରମାନଙ୍କୁ ଅନେକ ସମ୍ବେଦନଶୀଳ ସୂଚନା ପଠାଇଥିଲା। ଅପରେସନ ସିନ୍ଦୂର ପରେ ଭାରତରେ ଅନେକ ଗୁପ୍ତଚର ଧରାପଡ଼ିଛନ୍ତି। ତେବେ ଯବାନ ଜଣକ କେଉଁ ସବୁ ତଥ୍ୟ ପାକିସ୍ତାନକୁ ପଠାଇଛନ୍ତି ସେନେଇ ପଚରାଉଚରା ଆରମ୍ଭ ହୋଇଛି। ଏହି ଯବାନଙ୍କ ବାବଦରେ ଅନ୍ୟ କୌଣସି ତଥ୍ୟ ମିଳିନଥିଲେ ବି ସେ ଟଙ୍କା କେମିତି ପାଉଥିଲେ, ସେଥିପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ମଧ୍ୟ ଯାଞ୍ଚ ହେଉଛି। ଏଥିସହ ତାଙ୍କୁ ସ୍ୱତନ୍ତ୍ର କୋର୍ଟ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଇଛନ୍ତି।

### ବର୍ଷପୂର୍ତ୍ତି...

ଯୋଜନା ବୋର୍ଡ। ବୋର୍ଡର ଉପାଧ୍ୟକ୍ଷଠାରୁ ସଦସ୍ୟ ପର୍ଯ୍ୟନ୍ତ ପଦପଦବୀରେ ରାଜନୈତିକ ନିଯୁକ୍ତି ହେବା କଥା। ଏହି ପଦବୀରେ ନିଯୁକ୍ତି ପାଉଥିବା ବ୍ୟକ୍ତିମାନେ କ୍ୟାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଥାନ୍ତି। ମନ୍ତ୍ରୀଙ୍କ ଭଳି ସବୁ ସୁବିଧା ମଧ୍ୟ ସେମାନଙ୍କୁ ମିଳିଥାଏ। ତେଣୁ ଏହି ପଦବୀରେ ବି ନିଯୁକ୍ତି ଲାଗି ଅନେକ ବରିଷ୍ଠ ବିଜେପି ନେତା ଆଶାୟୀ। କିନ୍ତୁ ସରକାରଙ୍କୁ ବର୍ଷଟିଏ ପୂରିବାକୁ ଯାଉଥିବା ସତ୍ତ୍ୱେ ଏହି ପଦବୀସବୁ ପୂରଣ ହୋଇପାରିନାହିଁ। ତେଣୁ ବର୍ଷପୂର୍ତ୍ତି ପରେ ପରେ ଯୋଜନା ବୋର୍ଡର ନବକଳେବର ହେବା ନେଇ ଚର୍ଚ୍ଚା ଜୋର ଧରିଥିବାରୁ ଆଶାୟୀମାନେ ଏବେ ବିଭିନ୍ନ ସ୍ତରରେ ଲବି ଆରମ୍ଭ କରିଦେଇଛନ୍ତି।

### ରୁଟି ଖାଅ...

ହୃଦୟଙ୍ଗମ କରିବା ଉଚିତ। ଭାରତ ସବୁବେଳେ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଆପଣାଇଆସିଛି। 'ଅପରେସନ ସିନ୍ଦୂର' ଏହି ନୀତିକୁ ଅଧିକ ସ୍ପଷ୍ଟ କରିଛି। ଏଥିସହ ଯିଏ ଭାରତୀୟଙ୍କ ରକ୍ତ ବୁହାଇବାକୁ ଚେଷ୍ଟା କରିବ, ତାକୁ ତା' ନିଜ ଭାଷାରେ ଜବାବ ଦିଆଯିବ, ଏହା ଭାରତୀୟ ସେନା ସମଗ୍ର ବିଶ୍ୱକୁ ଦେଖାଇସାରିଛି ବୋଲି ମୋଦି କହିବା ସହ ପାକିସ୍ତାନ ସରକାର ଦେଶର ନାଗରିକମାନଙ୍କୁ କ'ଣ ସୁବିଧା ଦେଇଛି ବୋଲି ପ୍ରଶ୍ନ କରିଛନ୍ତି।

ପାକିସ୍ତାନୀମାନେ ହୃଦ୍‌ବୋଧ କରିବା ଉଚିତ ଯେ ସେମାନଙ୍କ ସରକାର ସରକାର ଓ ସେନା ଆତଙ୍କବାଦକୁ କେବଳ ନିଜସ୍ୱ ଫାଇଦା ପାଇଁ ସମର୍ଥନ କରୁଛନ୍ତି। କିନ୍ତୁ ଏହାର ପରାଭବରେ ପାକିସ୍ତାନ ନାଗରିକ ସେମାନଙ୍କ ମୂଲ୍ୟବାନ ଜୀବନ ହରାଇବେ, ଏହା ସୁନିଶ୍ଚିତ। ତେଣୁ ଯମ ଦର୍ଶନ କରିବା ଅପେକ୍ଷା ନିଜକୁ ସୁଧାରିବା ସହ ସରକାରକୁ ସୁଧୁରିବାକୁ ପାକିସ୍ତାନ ନାଗରିକମାନେ ଉଦ୍ୟମ କରିବା ଉଚିତ ବୋଲି ମୋଦି କହିଛନ୍ତି। ଏହି ଅବସରରେ ସେ ପାକିସ୍ତାନ ନାଗରିକଙ୍କୁ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଭାବେ ହାସଲ କରିଥିବା ଉପଲବ୍‌ଧିର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଶାନ୍ତିର ପଥିକ ହୋଇ ଆଜି ଜାପାନ ଭଳି ଶକ୍ତିଶାଳୀ ଦେଶକୁ ଅର୍ଥନୈତିକ କ୍ଷେତ୍ରରେ ପଛରେ ପକାଇ ଦେଇପାରିଛି। କିନ୍ତୁ ପାକିସ୍ତାନ ସରକାର ଦେଶବାସୀଙ୍କୁ ଦେଇଛନ୍ତି କ'ଣ ? ଆତଙ୍କବାଦକୁ ବରାବର ସମର୍ଥନ ଦେଇ କେବଳ ଦେଶବାସୀଙ୍କ ଜୀବନକୁ ବିପନ୍ନ କରିବା ସାର ହୋଇଛି ବୋଲି ମୋଦି କହିଛନ୍ତି।ସେ ଆହୁରି କହିଛନ୍ତି ଯେ ପାକିସ୍ତାନୀମାନେ ତୁରନ୍ତ ନିଜ ସରକାରର ଅସଲ ସ୍ୱରୂପକୁ ଚିହ୍ନିବା ସହ ସେମାନଙ୍କୁ ଆତଙ୍କବାଦଠାରୁ ଦୂରେଇ ରହିବାକୁ ବାଧ୍ୟ କରନ୍ତୁ। ଏହାଦ୍ୱାରା ସେମାନେ ଶାନ୍ତିରେ ରହିପାରିବେ। ରୁଟି ଖାଇ ଶାନ୍ତିରେ ଶୋଇବାର ବାଟ ନ ବାହାର କଲେ, ଆଗାମୀ ଦିନରେ ପାକିସ୍ତାନ ବାସୀ କେବଳ ଭାରତୀୟ ସେନାର ଗୁଳି ଖାଇବେ, ଏହା ସୁନିଶ୍ଚିତ ବୋଲି ମୋଦି କହିଛନ୍ତି।

ରାଜ୍ୟର ନୂଆ ସରକାର ବର୍ଷପୂର୍ତ୍ତିକୁ ବଡ଼ ଧୂମ୍‌ଧାମ୍‌ରେ ପାଳନ ପାଇଁ ପ୍ରସ୍ତୁତି ଚଳାଇଥିବାରୁ କେନ୍ଦ୍ର ବିଜେପିର ସର୍ବୋଚ୍ଚ ନେତାମାନେ ଏଥିରେ ଯୋଗଦେବାର ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀ ଯୋଗଦେବାର ଖବର ପ୍ରସାରଣ ହେଉଥିଲେ ମଧ୍ୟ ଏନେଇ କିଛି ଚୂଡାନ୍ତ ହୋଇନାହିଁ। ତେବେ ଖାଲି ପଡ଼ିଥିବା ମନ୍ତ୍ରୀ ପଦ ସହ ସରକାରୀ ନିଗମ, ବୋର୍ଡ ଆଦିରେ ନିଯୁକ୍ତି ପାଇଁ ଆଶାୟୀମାନେ ଏବେଠାରୁ ଜୋରଦାର ଲବି ଆରମ୍ଭ କରିଦେଲେଣି। ସେମାନଙ୍କ ସପକ୍ଷରେ ପଦୁଟିଏ କହିବା ପାଇଁ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଲବି ଚାଲିଥିବା ଲକ୍ଷ୍ୟ କରାଯାଉଛି।

ତେବେ ଏହିସବୁ ନିଯୁକ୍ତି ସହ ରାଜ୍ୟ ବିଜେପି ସଭାପତି ପଦରେ ନୂଆ ମୁଖିଆ ବସିବାକୁ ଥିବାରୁ ତା' ଉପରେ ମଧ୍ୟ ଦଳର ନେତା ଓ କର୍ମୀମାନଙ୍କ ନଜର ରହିଛି। ଏହି ପଦବୀ ପାଇଁ ଦିଲ୍ଲୀର ସବୁଜ ସଙ୍କେତ ନିଶ୍ଚିତ ଥିବାରୁ ଓ ସମୟ ଗଡୁଥିବାରୁ ଏହି ପଦବୀ ପାଇଁ ପୂର୍ବରୁ ଆଗ୍ରହୀ ଥିବା ନେତାମାନେ ଆଉ ସେତେଟା ଉତ୍ସାହିତ ନାହାନ୍ତି। ଶାସନ କାଳରୁ ବର୍ଷଟିଏ ବିତିଥିବା ବେଳେ ଅବଶିଷ୍ଟ ସମୟ ପାଇଁ କିଏ କେଉଁ ପଦବୀରେ କିଭଳି ଥଇଥାନ ହେବେ, ସେହି ଚିନ୍ତାରେ ଅଛନ୍ତି। ତେବେ ହେଉଥିବା ଆଲୋଚନା ଅନୁଯାୟୀ ବର୍ଷପୂର୍ତ୍ତି ପାଳନର ସଫଳତା ଓ ନେତାଙ୍କ ଯୋଗଦାନ ଦେଖି ପରବର୍ତ୍ତୀ ନିଷ୍ପତ୍ତି ଗ୍ରହଣ କରାଯିବ।

### ଦେଶରେ...

୨ ଓ କର୍ଣ୍ଣାଟକର ଜଣେ ଲେଖାଏଁ ଅଛନ୍ତି। ଯଦି ଆମେ କୋଭିଡ-୧୯ର ସଦ୍ୟତମ ମାମଲା ବିଷୟରେ ଜାଣିବା ତେବେ ଏହି ସମୟରେ ସର୍ବାଧିକ ସଂଖ୍ୟକ କରୋନା ମାମଲା ଥିବା ରାଜ୍ୟ ହେଉଛି କେରଳ। କେରଳରେ ସର୍ବାଧିକ ୪୩୦ଟି ସକ୍ରିୟ ମାମଲା ରିପୋର୍ଟ ହୋଇଛି, ଏହା ପରେ ମହାରାଷ୍ଟ୍ରରେ ୨୦୯ଟି ସକ୍ରିୟ ମାମଲା, ଦିଲ୍ଲୀରେ ୧୦୪ଟି, ଗୁଜରାଟରେ ୮୩ଟି, ତାମିଲନାଡୁରେ ୬୯ଟି ଏବଂ କର୍ଣ୍ଣାଟକରେ ୪୭ଟି ମାମଲା ରହିଛି। ଉତ୍ତର ପ୍ରଦେଶରେ ୧୫ଟି, ରାଜସ୍ଥାନରେ ୧୩ଟି, ପଶ୍ଚିମବଙ୍ଗରେ ୧୨ଟି, ପୁଡୁଚେରୀରେ ୯ଟି, ହରିୟାଣାରେ ୯ଟି, ପଞ୍ଜାବରେ ୬, ଆନ୍ଧ୍ର ପ୍ରଦେଶରେ ୪ଟି, ମଧ୍ୟ ପ୍ରଦେଶରେ ୨ଟି, ଛତିଶଗଡ଼ରେ, ଗୋଆ ଏବଂ ତେଲଙ୍ଗାନାରେ ଜଣେ ଲେଖାଁଏ ସକ୍ରିୟ ମାମଲା ରହିଛି। ଭାରତରେ ମୋଟ ମାମଲା ୧୦୦୯। ଆଣ୍ଡାମାନ ଏବଂ ନିକୋବର, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ହିମାଚଳ ପ୍ରଦେଶ, ଜମ୍ମୁ ଏବଂ କଶ୍ମୀର ଇତ୍ୟାଦି କିଛି ରାଜ୍ୟରେ ବର୍ତ୍ତମାନ କୌଣସି ସକ୍ରିୟ ମାମଲା ପଞ୍ଜିକୃତ ହୋଇନାହିଁ। ଭାରତରେ ପ୍ରମୁଖ ଭାରିୟାଣ୍ଟ ହେଉଛି ଜେଏନ.୧, ଯାହା ପରୀକ୍ଷିତ ନମୁନାର ୫୩ପ୍ରତିଶତ, ଯେତେବେଳେ ବିଏ.୨ ୨୬ ପ୍ରତିଶତ ସହିତ ପରବର୍ତ୍ତୀ ସ୍ଥାନରେ ଅଛି, ଏବଂ ଅନ୍ୟାନ୍ୟ ଓମିକ୍ରନ ଉପ-ବର୍ଗ ୨୦ ପ୍ରତିଶତ ଅଟେ। ତଥାପି ବିଶେଷଜ୍ଞମାନେ କହିଛନ୍ତି ଯେ ଭୟଭୀତ ହେବାର କୌଣସି କାରଣ ନାହିଁ। ଏହି ଷ୍ଟ୍ରେନ୍ ଗମ୍ଭୀର ନୁହେଁ, ଏବଂ ଅଧିକାଂଶ ରୋଗୀଙ୍କ କେବଳ ମୃଦୁ ଲକ୍ଷଣ ରିପୋର୍ଟ ହୋଇଛି।

### ଭୁଶୁଡ଼ିଲା...

ଯିବା ସମ୍ଭବପର ହୋଇପାରୁନାହିଁ ବୋଲି ଅଗ୍ନିଶମ ଅଧିକାରୀ ଏସକେ ଜେନା କହିଛନ୍ତି।। ସେପଟେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ଠିକା ସଂସ୍ଥା କର୍ମଚାରୀ ମନା କରିଦେବା ସହ କେବଳ ମାଟି ଖସିଛି ଆଉ କିଛି ଅସୁବିଧା ହୋଇନାହିଁ ଏବଂ ସବୁ ଠିକ୍ ଅଛି ବୋଲି କହିଛନ୍ତି।



### ୧୯ବର୍ଷ ହେଲା ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ବାସନ୍ତୀ

# ଶୁଭମନାସି ପାଳୁଛନ୍ତି ସାବିତ୍ରୀ ବ୍ରତ

**କାକଟପୁର/ଅସ୍ତରଙ୍ଗ, ୨୬।୫ (ସଂଚାର ବ୍ୟୁରୋ):** ସ୍ୱାମୀ ନିଖୋଜ ହେବାକୁ ୧୯ବର୍ଷ ବିତିଗଲାଣି। ସ୍ୱାମୀଙ୍କ ସମ୍ପର୍କରେ କୌଣସି ଖୋଜ ଖବର ନାହିଁ। ତଥାପି ତାଙ୍କର ଦୃଢ଼ ବିଶ୍ୱାସ ଯେ, ସ୍ୱାମୀ ନିଶ୍ଚିତ ଫେରିବେ। ତାଙ୍କ ପ୍ରତି ଯେତେ ବାଧାବିଘ୍ନ ଘୋଟି ଆସୁ ତାହା ଟଳିଯିବ। ଆଉ ଏହି ଆଶା ନେଇ ପ୍ରତିବର୍ଷ ସାବିତ୍ରୀ ବ୍ରତ ପାଳନ କରିଆସୁଛନ୍ତି ସ୍ୱାମୀଙ୍କ ଶୁଭ ମନାସି। ଓଷା ପାଳନ କରୁଛନ୍ତି ଉପବାସ ରଖୁଛନ୍ତି।

## ସ୍ୱାମୀ ବଞ୍ଚିଛନ୍ତି, ନିଶ୍ଚୟ ମୋ ପାଖକୁ ଫେରିବେ

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ପଂଚାୟତ ଅଧୀନ କୁହୁଡି ଗ୍ରାମର ବାସନ୍ତୀ ନାୟକ ବୟସ ୬୦ବର୍ଷ। ସ୍ୱାମୀଙ୍କ ନିଖୋଜ ହେବାର ୧୯ବର୍ଷରୁ ଉର୍ଦ୍ଧ୍ୱ ହେଲାଣି କିନ୍ତୁ ନିଷ୍ଠାର ସହ ଅନ୍ୟ ସଧବା ମହିଳାଙ୍କ ଭଳି ସାବିତ୍ରୀ ଓଷା ପାଳନ କରିଆସୁଛନ୍ତି ବାସନ୍ତୀ। ୧୯ବର୍ଷ ଧରି ନିଖୋଜ ରହିବା ପରେ ସ୍ୱାମୀ ପ୍ରଫୁଲ୍ଲ ନାୟକ ଏବେ କେଉଁଠି ଅଛନ୍ତି ଓ କିପରି ଅଛନ୍ତି ସେ ବିଷୟରେ ତାଙ୍କ ପାଖରେ କୌଣସି ଖବର ନାହିଁ। ହେଲେ ସ୍ୱାମୀଙ୍କ ସହ ବିତିଯାଇଥିବା ଅଭୁଲା ସ୍ମୃତି, ଅନୁଭୂତି ଓ ସିନ୍ଦୁରକୁ ଆଶ୍ରା କରି ତାଙ୍କ ଫେରିବା ବାଟକୁ ସେ ଚାହିଁ ବସିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ପ୍ରଫୁଲ ନାୟକ ନିଜ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହ ବାଙ୍ଗାଲୋର ୨୦୦୬ ମସିହାରେ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। କିନ୍ତୁ ଅଚାନକ ପତ୍ନୀଙ୍କୁ ସୂଚନା ଆସିଥିଲା ପ୍ରଫୁଲ୍ଲ ବାବୁଙ୍କୁ ଆମେ ଖୋଜି ପାଉନୁ, ଦୀର୍ଘ ଦିନ ଚେଷ୍ଟା ପରେ ସ୍ୱାମୀ ଠିକଣା ନ ପାଇବାରୁ ବାସନ୍ତୀ ଏ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ସ୍ୱାମୀକୁ ନେଇ ଯାଇଥିବା ବ୍ୟକ୍ତିଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ କିନ୍ତୁ ପୁଲିସ କାର୍ଯ୍ୟକଳାପ ଉପରେ ବିଶ୍ୱାସ ନ ହେବାରୁ ଅଦାଲତର ମଧ ଆଶ୍ରୟ ନେଇଛନ୍ତି। ଏଥିସହିତ ସ୍ୱାମୀଙ୍କୁ ଖୋଜିବାରେ ପତ୍ନୀ ବାସନ୍ତୀ ନାୟକ କୌଣସି ପ୍ରକାର ପ୍ରଚେଷ୍ଟା ଛାଡି ନାହାନ୍ତି। ଦାୟିତ୍ୱ, ବୋଝ ଓ ପରିବାରର ଜଞ୍ଜାଳ ମଧ୍ୟରେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। କମ୍ପାନୀରୁ ସ୍ୱାମୀଙ୍କ ଫେରିବା ସମୟ ହୋଇଗଲେ ସବୁଦିନ ପରି ଦାଣ୍ଡ ଦୁଆରେ ଆସି ବସି ପଡନ୍ତି। ଏହା ପୂର୍ବରୁ ତାଙ୍କ ପାଇଁ ପାଣି ଲୋଟା ଭରି ରଖିଥାନ୍ତି। ସଞ୍ଜ ଗଡି ରାତି ଆସେ। ହେଲେ ପ୍ରଫୁଲ୍ଲ ନାୟକ ଘରକୁ ଫେରନ୍ତି ନାହିଁ। ଅପେକ୍ଷା କରି କରି ଆଖିରୁ ପାଣି ମରେ ସିନା; ଅପେକ୍ଷାର ଅନ୍ତ ଆଜି ମଧ ସରିନାହିଁ। ଦିନେ ଅବା ଦୁଇ ଦିନ ନୁହେଁ ୧୯ବର୍ଷ ହେବ ଏମିତି ସ୍ୱାମୀଙ୍କ ଫେରିବା ବାଟକୁ ଅନାଇବସିଛନ୍ତି। ସେଥିପାଇଁ ସେ ମଥାରେ ସିନ୍ଦୁର ଓ ହାତରେ ଶଙ୍ଖା ପିନ୍ଧିଛନ୍ତି। ଏବେ ବି ତାଙ୍କର ବିଶ୍ୱାସ ରହିଛି କି ସ୍ୱାମୀ ବଞ୍ଚିଛନ୍ତି ଓ ପୁଣି ତାଙ୍କ ପାଖକୁ ଫେରି ଆସିବେ।

### ରାସ୍ତାକୁ ନଷ୍ଟ କରୁଛି ଜେଏମସି କମ୍ପାନୀ ପ୍ରସଙ୍ଗ

# ଖବର ପ୍ରକାଶ ପରେ ସିମେଣ୍ଟ କଂକ୍ରିଟ କଲା




**ବୋରିଗୁମ୍ମା, ୨୬।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ପାଇଲୁ ସାହି ସମ୍ମୁଖରେ ଯାଇଥିବା ମୁଖ୍ୟ ୨୬ ନଂ ରାଜପଥ ରାସ୍ତା କଡରେ କଂକ୍ରିଟ ଫେବରବ୍ଲକ ରାସ୍ତାରେ ଜେଏମସି କମ୍ପାନୀ ପକ୍ଷରୁ ରାସ୍ତା ଖୋଳି ମାଟି ପକେଇ ଛାଡିଦେଇଥିଲା। ଖୋଳା ହେବାର ୧ମାସ ବିତିଯାଇଥିଲେ ସୁଦ୍ଧା ଏହା ଉପରେ ସିମେଣ୍ଟ କି ଫେବରବ୍ଲକ ନ ପଡ଼ି ମୁକୁଳା ରହିବାରୁ ବୋରିଗୁମ୍ମା ଦୋକାନୀ ଓ ଗ୍ରାମବସୀଙ୍କ ଅଭିଯୋଗକୁ ନେଇ ଦୈନିକ 'ସଂଚାର'ରେ ଏକ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ପରେ ରାଜପଥ ବିଭାଗର ନିର୍ଦ୍ଦେଶକ୍ରମେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଥିବା ଜେଏମସି ଠିକା ସଂସ୍ଥା ବର୍ତ୍ତମାନ ରାସ୍ତା କଡରେ ଖୋଳାଯାଇଥିବା ସ୍ଥାନ ଉପରେ ମାଟି ବାହାର କରି ସିମେଣ୍ଟ କଂକ୍ରିଟ କାର୍ଯ୍ୟ ଆରମ୍ଭ କରିଛି। ଏଥିପାଇଁ "ସଂଚାର"କୁ ବୋରିଗୁମ୍ମା ରାଜପଥ ପାର୍ଶ୍ୱ ଦୋକାନୀ, ସାହି ବାସିନ୍ଦା ଓ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି। ଖବର ପ୍ରକାଶ ପରେ ହିଁ କାର୍ଯ୍ୟ ଆରମ୍ଭ କଲା ଠିକାସଂସ୍ଥା। ତା ପୂର୍ବରୁ ବାରମ୍ବାର କହିଲେ ମଧ କେହି କର୍ଣ୍ଣପାତ କରୁନଥିଲେ ବୋଲି ଦୋକାନୀମାନେ କହିଛନ୍ତି ।

# ଏଲିନା ଜେନା ଯୁକ୍ତ୨ କଳାରେ କଲେଜ ଟପର



**ଗୋପ, ୨୬।୫ (ସଂଚାର ବ୍ୟୁରୋ):** ନିମାପଡ଼ା ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ଚଳିତଯୁକ୍ତ ଦୁଇ କଳା ପରୀକ୍ଷାରେ ଏଲିନା ଜେନା କଲେଜ ଟପର ହୋଇ କଲେଜ ପାଇଁ ସୁନାମ ଆଣିଛନ୍ତି। ଉଚ୍ଚ ମାଧମିକ ବିଦ୍ୟାଳୟ କଳା ପରୀକ୍ଷାରେ ସର୍ବାଧିକ ୪୯୭ ନମ୍ବର ରଖି କଲେଜ ଟପର ହୋଇ ଥିବାରୁ ଏଲିନାକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। କୃଷକ ପରିବାରରୁ ଆସିଥିବା ଏଲିନା ଅନେକ କଷ୍ଟ କରି ପାଠ ପଢ଼ିଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ପରିବାର ସହିତ ଶିକ୍ଷକ ମାନଙ୍କୁ ଶ୍ରେୟ ଦେଇଛନ୍ତି। ଆଗକୁ ଆହୁରି ଭଲ ପଢିବା ସହିତ ଓଡିଶା ପ୍ରଶାସନିକ ପରୀକ୍ଷା ଦେବାପାଇଁ ଏଲିନା ଲକ୍ଷ୍ୟ ରଖିଛନ୍ତି। ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ୩୩ ଓ କଳାରେ ୩୬ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧକ୍ଷା ସ୍ୱର୍ଣ୍ଣଲତା ସେନାପତି ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

# ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ):** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ଜୟପୁରସ୍ଥିତ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ଆନୁଷ୍ଠାନିକ ଭାବରେ ପ୍ରଦାନ କରିଥିଲେ। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୬ତମ ସମ୍ମାନଜନକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ନିରଞ୍ଜନ ଆଖଡାର ଆଚାର୍ଯ୍ୟ ମହାମଣ୍ଡଳଶ୍ୱର ସ୍ୱାମୀ କୈଳାସନନ୍ଦ ଗିରିଙ୍କୁ ମଧ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ଆପେକ୍ସ ବିଶ୍ୱବିଦ୍ୟାଳୟର ଅଧକ୍ଷ ତଥା କୁଳାଧିପତି ଡ ରବି ଜୁନିୱାଲ, କୁଳପତି ପ୍ରଫେସର ସୋମଦେବ ଶତାଂଶୁ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### 'ଅବ୍ୟକ୍ତ' ଏକ ଭାସ୍କର୍ଯ୍ୟ କଳା ଶିବିର ଉଦଯାପିତ

# ଶିଳ୍ପୀଙ୍କ କାରୁକାର୍ଯ୍ୟ ଦେଖି ଲୋକ ପ୍ରଶଂସା କଲେ ତାହା ଶିଳ୍ପୀଙ୍କ ପାଇଁ ପ୍ରକୃତ ମୂଲ୍ୟ



**ନୟାଗଡ଼,୨୬।୫ (ସଂଚାର ବ୍ୟୁରୋ):** କଳିଙ୍ଗ ଚାରୁକଳା ମହାବିଦ୍ୟାଳୟ ଓ ଦି ଷ୍ଟୋନ ୱାଲ ଆନୁକୁଲ୍ୟରେ 'ଅବ୍ୟକ୍ତ' ଏକ ଭାସ୍କର୍ଯ୍ୟ କଳା ଶିବିର ନୟାଗଡ ମୁକ୍ତାପୁର ସ୍ଥିତ ଦି ଷ୍ଟୋନ ୱାଲ ଷ୍ଟୁଡିଓରେ ଉଦଯାପିତ ହୋଇଯାଇଛି। ଉଦଯାପିତ ଉତ୍ସବର ପ୍ରଥମ ସୋପାନରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଛାତ୍ରଛାତ୍ରୀମାନେ ପଥରରେ ନିର୍ମିତ କରିଥିବା ବିଭିନ୍ନ ପ୍ରକାରର କାରୁକାର୍ଯ୍ୟ ଦେଖି ବିମୋହିତ ହେବା ସହ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ନୟାଗଡ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ସାହୁ, ଓଡଗାଁ ବ୍ଲକ ଅଧକ୍ଷ ଲୋକନାଥ ସାହୁ ଏବଂ ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ଉପସ୍ଥିତ ରହି ଶିବିରରେ ଭାଗ ନେଇଥିବା କଳିଙ୍ଗ ଚାରୁକଳା ମହାବିଦ୍ୟାଳୟର ଅଧାପକ ବିଶ୍ୱ ରଞ୍ଜନ କର, ମନୋରଞ୍ଜନ ଦାସ, ପ୍ରଶାନ୍ତ କୁମାର ମିଶ୍ର ଓ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ ।

## ସଂଗୀତ ସୁଧାକରଙ୍କ ଜନ୍ମଜୟନ୍ତୀ ପାଳିତ

**ବାଲିଅନ୍ତା,୨୬।୫ (ସଂଚାର ବ୍ୟୁରୋ):** ପ୍ରବାଦ ପୁରୁଷ ସଂଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କର ୧୦୩ତମ ଜନ୍ମଜୟନ୍ତୀ ତାଙ୍କ ଜନ୍ମମାଟି ବାଲକାଟୀ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ନିଜ ଜନ୍ମମାଟିରୁ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ବାଲକାଟୀ ଛକରେ ପହଂଚିଥିଲା । ସଂଗୀତ ସୁଧାକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ବିଶାଳ ଶୋଭାଯାତ୍ରା କଲେଜ ପଡ଼ିଆ ସ୍ମୃତି ସଂସଦ ପରିସରରେ ପହଂଚି ଥିଲା । ସଂସଦର ସଭାପତି ଡ. ରାଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ସାଧାରଣ ସଭାରେ ବିଶିଷ୍ଟ ଲେଖକ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲାବେଳେ ବିଶିଷ୍ଟ କଥାକାର ଅଜୟ ସ୍ୱାଇଁ ମୁଖ୍ୟବକ୍ତା, ଉତ୍କଳ ସମ୍ମିଳନୀର ସଭ୍ୟ ରାଧାମୋହନ ପ୍ରହାରାଜ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂଗୀତ୍ ସୁଧାକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରକାଶକ ପକ୍ଷୀଘର ପ୍ରକାଶନୀର ବନୋଜ ତ୍ରିପାଠୀଙ୍କ ରଚିତ ମରମ ତଳେ ଅତୀତ ଯେ ମରେନା ଓ ପୂଜାରାଣୀ ପାଣିଙ୍କ ଭାର୍ଗବୀ ତୀରର ଗନ୍ଧର୍ବ ନିମନ୍ତେ ଚଳିତ ବର୍ଷର ସମ୍ମାନ ଜନକ ବାଳକୃଷ୍ଣ ସ୍ମୃତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

### ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ

# ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ






**ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗ ପକ୍ଷରୁ ଶନିବାର ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଜୋଫ୍ରେନିଆ ରୋଗର ସମ୍ପୂର୍ଣ୍ଣ ଚିକିତ୍ସା ତଥା ନୂତନ କୌଶଳ ଓ ଚିକିତ୍ସା ପଦ୍ଧତି ଦ୍ୱାରା ଏହି ରୋଗ ସହିତ ଜଡିତ ଅନେକ ଭ୍ରାନ୍ତ ଧାରଣାକୁ କିପରି ଲୋକଙ୍କ ମନରୁ ଦୂର କରି ହେବ ସେ ବିଷୟରେ ଆଲୋକପାତ କରିଥିଲେ।

ସେହିପରି ଅନ୍ୟତମ ମୁଖ୍ୟ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସିଜୋଫ୍ରେନିଆର ସାମାଜିକ ତଥା ବ୍ୟକ୍ତିଗତ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନସିକ ରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରଜିତ ସାହୁ ଅଧକ୍ଷତା କରିଥିବା ବେଳେ ଏହି ବର୍ଷର ଶୀର୍ଷକ 'ରିଥିଙ୍କ୍ ଲେବଲ୍, ରିକ୍ଲେମ୍ ଦ ଷ୍ଟୋରୀ'ର ମହତ୍ୱକୁ ବୁଝାଇଥିଲେ। ସେହିପରି ସମ୍ମାନନୀୟ ଅତିଥି ଭାବେ ପ୍ରସିଦ୍ଧ ହାସ୍ୟ କଳାକାର ଦୀପକ ତ୍ରିପାଠୀ (ଟୁକୁନା ଷ୍ଟାଇଲିଷ୍ଟ) ଯୋଗ ଦେଇ ନିଜର ମଜାଦାର ତଥା ନିଆରା ଢଙ୍ଗରେ ସିଜୋଫ୍ରେନିଆ ଭଳି ରୋଗର ସାଧାରଣ ଜନତାଙ୍କ ମନରେ ଥିବା ଭୁଲ ଧାରଣା ଗୁଡିକୁ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ମିନତି ମିଶ୍ର ମଧ ନିଜ ବକ୍ତବ୍ୟ ରଖିଥିବା ବେଳେ ଡାକ୍ତର ଜିତେନ୍ଦ୍ରୀୟ ବିଶ୍ୱାଳ, ଡାକ୍ତର ସୋମ୍ୟରଞ୍ଜନ ଦାଶ ଓ ଡାକ୍ତର ସ୍ନେହାଂଶୁ ଦେ ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିବା ସହ ବକ୍ତବ୍ୟ ରଖିଥିଲେ। ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି ନିମନ୍ତେ ଏହି କାର୍ଯ୍ୟକ୍ରମରେ ପରିବେଷିତ ଏକ ନାଟକ ବେଶ ଆଦୃତ ହୋଇଥିଲା।

# ଲାଇଫ୍ ଗାର୍ଡ ପ୍ରଶିକ୍ଷଣ ଶିବିର

● ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନେବେ ୫୦ଜଣ ତାଲିମ୍

**କାକଟପୁର/ଅସ୍ତରଙ୍ଗ, ୨୬।୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ପୀରଜାହାନିଆ ନିକଟସ୍ଥ କଲ୍ୟାଣୀ ମଣ୍ଡପରେ ପର୍ଯ୍ୟଟନ ବିଭାଗ ଓ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟୁରିଜମ୍ ଆଣ୍ଡ ଟ୍ରାଭେଲ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ୍) ପକ୍ଷରୁ ଜୀବନ ରକ୍ଷାକାରୀ (ଲାଇଫ ଗାର୍ଡ) ପ୍ରଶିକ୍ଷଣ ଶିବିର ଉଦଘାଟନ ହୋଇଯାଇଛି। ଅତିଥି ଭାବେ କୋଣାର୍କ ପର୍ଯ୍ୟଟନ ବିଭାଗ ଅଧିକାରୀ ଅମୀୟ କୁମାର ସେଠୀ, ଆଇଆଇଟିଟିଏମ୍ ପ୍ରଫେସର ଡ଼ଃ. ସ୍ୱଜନ ଶ୍ରୀୟନ, ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି, ବରିଷ୍ଠ ସାମ୍ବାଦିକ ଧୁଶାସନ ନାୟକ ଓ ମାନସ ଖଣ୍ଡୁଆଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରଟି ଚଳିତ ମାସ ୨୬ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶିବିରରେ ସ୍ଥାନୀୟ ଅଞ୍ଚଳର ୫୦ଜଣ ଲାଇଫ ଗାର୍ଡ ଅଂଶ ଗ୍ରହଣ କରିଥିଲେ। ପୀରଜାହାନିଆ ବେଳାଭୂମି ସମେତ ବିଭିନ୍ନ ବେଳାଭୂମିରେ ପର୍ଯ୍ୟଟକ ଙ୍କ ସୁରକ୍ଷା, ବୁଡି ଯାଉଥିବା ପର୍ଯ୍ୟଟକଙ୍କୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜେ ସଚେତନ ରହି ଅନ୍ୟକୁ ସାହାଯ୍ୟ କରିବା, ବିଭିନ୍ନ କୌଶଳ ସମ୍ପର୍କ ରେ ପ୍ରଶିକ୍ଷଣ ଦିଆଯିବ। ତାଲିମ୍ ଦିନଗୁଡିକ କୁ ପ୍ରଶିକ୍ଷକ ଭାବେ ଗଣେଶ ବାରିକି ପ୍ରଶିକ୍ଷଣ ଦେବେ। ଏହି ଶିବିର ୫ଦିନ ଧରି ଚାଲିବ।ଶେଷରେ ପ୍ରଶିକ୍ଷଣ ଶିବିର ରେ ସମସ୍ତ କାର୍ଯ୍ୟକର୍ତା ଙ୍କ ସହ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷ ମାନଙ୍କୁ ବାବୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




# ମୋବାଇଲ ଟାୱାର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

● ଜିଲ୍ଲାପାଳଙ୍କୁ ଅଭିଯୋଗ

**ନାଉଗାଁ, ୨୬।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତ ଗଙ୍ଗଦା ଗ୍ରାମର ଏକ ମୋବାଇଲ ଟାୱାର ନିର୍ମାଣଙ୍କୁ ନେଇ ଗ୍ରାମବାସୀ ବିରୋଧ କରିବା ସହ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ସୁଶାନ୍ତ ଜେନାଙ୍କ ଅଭିଯୋଗ ମୁତାବକ ଉକ୍ତ ଗ୍ରାମର ପ୍ରତାପ ଦାସଙ୍କ ଜମିରେ ଏକ ମୋବାଇଲ ଟାୱାର ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନରେ ଟାୱାର ନିର୍ମାଣ ହେଲେ ତାଙ୍କ ପରିବାର ପ୍ରତି ବିପଦ ସୃଷ୍ଟି ହେବ। ତତ୍ ସହିତ ଗ୍ରାମର ଅନ୍ୟ କିଛି ବ୍ୟକ୍ତିଙ୍କର ସମସ୍ୟା ସୃଷ୍ଟି ହେବ। ତେଣୁ ଉକ୍ତ ସ୍ଥାନରେ ଟାୱାର ନିର୍ମାଣ ନ କରିବାକୁ ଅଭିଯୋଗରେ ଦର୍ଶାଯାଇଛନ୍ତି। ଏସମ୍ପର୍କରେ ପ୍ରତାପ ଦାସଙ୍କ ମତାମତ ନେବା ପାଇଁ ଯୋଗଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରିନାହିଁ।



# ଅସହାୟ ବୃଦ୍ଧାଙ୍କୁ ଭେଟିଲେ ବ୍ଲକ ପ୍ରଶାସନ

### ବିଡ଼ିଓଙ୍କ 'ଆସ ଖୋଜିବା' କାର୍ଯ୍ୟକ୍ରମ ପ୍ରୟାସ ପାଇଁ ଦେଲେ ଆଶୀର୍ବାଦ

**ବୋରିଗୁମ୍ମା, ୨୬।୫ (ସଂଚାର ବ୍ୟୁରୋ):** ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଲାଟିନ ଗୃହରେ ରହୁଥିା ଅକ୍ଷମ ତଥା ଅସହାୟ ୭୮ ବର୍ଷ ବୟସ୍କ ବୃଦ୍ଧା ଦନେଇ ଜାନିଙ୍କୁ ଭେଟିଛନ୍ତି ବ୍ଲକ ପ୍ରଶାସନ ଓ ବୋରିଗୁମ୍ମା ମେଡିକାଲ ଟିମ ।

ବୃଦ୍ଧାଙ୍କ ଆଖିକି ଦେଖା ଯାଏ ନାହିଁ। ଆଖିରେ ସଂକ୍ରମଣ ଯୋଗୁଁ ମାଛି ଭଣ ଭଣ। ବୃଦ୍ଧାଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ହେଲେ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡୁଛି ଏବଂ ବୃଦ୍ଧାଙ୍କ ବାସସ୍ଥଳୀ କହିଲେ ଖଣ୍ଡିଏ ଲାଟିନ ଗୃହ। ସରକାରଙ୍କ ଯୋଜନା ବିଷୟରେ କିଛି ଜାଣନ୍ତି ନାହିଁ। ଆମ ଗଣପ୍ରତିନିଧିମାନେ ବୃଦ୍ଧାଙ୍କୁ ଭେଟି ତାଙ୍କ ଦୁଃଖ ବିଷୟରେ ଆଲୋଚନା କରିବାବେଳେ ବୃଦ୍ଧା ଜଣକ କୋହ ସମ୍ଭାଳି ନପାରି ଯମ ନେଉଛି ନା ବଞ୍ଚିବାକୁ ଦେଉଛି ବୋଲି କୋହ ଭରା କଣ୍ଠରେ କାନ୍ଦି କାନ୍ଦି କହିଥିଲେ। ଏନେଇ ଗଣମାଧମ ପ୍ରତିନିଧିମାନେ ବୋରିଗୁମ୍ମା ବିଡ଼ିଓ ସୁକାନ୍ତ ପଟନାୟକଙ୍କ 'ଆସ ଖୋଜିବା' କାର୍ଯ୍ୟକ୍ରମରେ ସମ୍ପର୍କ କରି ସାମିଲ କରିଥିଲେ। ତୁରନ୍ତ ରଣସପୁର ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ରାଉତ ଓ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଡାକ୍ତର ଦିଲିପ କୁମାର ନାଥଙ୍କ ନେତୃତ୍ୱରେ ଏକ ଟିମ ସଂପ୍ରତି ରହୁଥିବା ଗୃହରେ ପହଞ୍ଚି ବୃଦ୍ଧାଙ୍କୁ ପରିଷ୍କାର ରୂପେ ଗାଧୋଇ ଦେଇ ଅଶୁଚିକିତ୍ସା କରିଥିଲେ । ଏଥି ସାଙ୍ଗକୁ ବସ୍ତ୍ର ଆଉ କେତୋଟି ଆବଶ୍ୟକୀୟ ଜିନିଷ ଯୋଗାଇ ଦେବାକୁ ମଧ ନିଷ୍ପତି ହୋଇଛି ବୋଲି ଡାକ୍ତର ଶ୍ରୀ ନାଥ ପ୍ରକାଶ କରିଛନ୍ତି । ପିଇଓ



ଶ୍ରୀ ରାଉତ ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ସରକାରୀ ନିର୍ଦ୍ଦେଶନାମାନୁସାରେ ମାସିକ ଭତ୍ତା ସହ ରାସନ କାର୍ଡ ଜରିଆରେ ଚାଉଳ ଓ ପ୍ରଧାନମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଏଥିପାଇଁ ବୃଦ୍ଧା ଦନେଇ ଜାନି ପଞ୍ଚାୟତ ସରପଞ୍ଚ, ବ୍ଲକ ପ୍ରଶାସନ ଓ ମୋ ଦୁଃଖକୁ ପ୍ରଶାସନ ନିକଟରେ ପହଞ୍ଚାଇଥିବା ଗଣପ୍ରତିନିଧିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ନାଉଗାଁ, ୨୬।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ବାଂଶ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁରା ଗ୍ରାମର ସମାଜସେବୀ ସୁରେନ୍ଦ୍ର ଗୋଛାୟତଙ୍କ ଧର୍ମପତ୍ନୀ ସତ୍ୟଭାମାଙ୍କର ୬୨ବର୍ଷ ବୟସରେ ଅସୁସ୍ଥତା ହେତୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁଅ ଦେବଦତ, ବୋହୁ ଦୀପା, ଝିଅ ସ୍ମିତା, ଜ୍ୱାଇଁ ସଂଗ୍ରାମ ଆଦି ଉପସ୍ଥିତ ଥିଲେ। ସତ୍ୟଭାମା ଜଣେ ଅତ୍ୟନ୍ତ ସରଳ, ଧର୍ମପରାୟାଣା ଓ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନାଉଗାଁ ଶାଖାର ବରିଷ୍ଠ ସଦସ୍ୟା ଥିଲେ। ପରଲୋକ ଖବର ପାଇ ତାଙ୍କ ଆତ୍ମୀୟ ସଜନ ଓ ପ୍ରଜାପିତା ବ୍ରହ୍ମକୁମାରୀ ନାଉଗାଁ ଶାଖାର ସଦସ୍ୟମାନେ ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ବିୟୋଗରେ ଅଲ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ରାଜ୍ୟ ସଭାପତି ଅଶୋକ କୁମାର ନାୟକ, ଜଗତସିଂହପୁର ଶାଖାର ସଭାପତି ମନୋଜ କୁମାର ଗୋଛାୟତ, କାର୍ଯ୍ୟକାରୀ ସଭାପତି ଭ୍ରମରବର ଗୋଛାୟତ, ସାଧାରଣ ସମ୍ପାଦକ ପ୍ରଫୁଲ କୁମାର ଗୋଛାୟତ ଆଦି ଶୋକବ୍ୟକ୍ତ କରିଛନ୍ତି।

# ଖବର କାଗଜ ବିତରଣ, ପେସା ନୁହେଁ ନିଶା

### ଅନ୍ତର୍ଜାତୀୟ ଖବରକାଗଜ ବିତରକ ଦିବସ

**କାକଟପୁର/ଅସ୍ତରଙ୍ଗ,୨୬।୫ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ମେ ମାସ ୨୬ ତାରିଖକୁ ବିଶ୍ୱ ଖବର କାଗଜ ବିତରକ ଦିବସ ଭାବେ ପାଳନ କରାଯାଉଛି। ସିନ୍ଦୁରା ଫାଟିବା ବେଳକୁ ଯିଏ ଆମକୁ ଦେଶ ଦୁନିଆର ଖବର ବାଣ୍ଟି ଦେଇଯାଏ, ଶୀତ ହେଉ ଅବା ବର୍ଷା ଯେ କୌଣସି ପାଗରେ ଯିଏ ଆମକୁ ସକାଳୁ ସକାଳୁ ନୂଆ ସୂର୍ଯ୍ୟୋଦୟ ସହ ନୂଆ ଦୁନିଆ ପାଇଁ ପ୍ରସ୍ତୁତ ହେବାକୁ ଚେତାଇଦିଏ ତାକୁ ଆମେ କହୁ 'ଖବରକାଗଜ ବାଲା' ବା ଖବରବିତରକ। ସେମାନେ ପାଠକ ଏବଂ ସମ୍ବାଦପତ୍ର ପ୍ରକାଶନ ସଂସ୍ଥା ମଧ୍ୟରେ ସେତୁ, ସମୟାନୁବର୍ତ୍ତିତାର ବାହକ। ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଞ୍ଚଳରେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ହେବ ପାଟପୁର ଗ୍ରାମର କାହ୍ନୁ ଚରଣ ଦାଶ (୫୩) ଓ ବାଜପୁର ଗ୍ରାମର ପ୍ରଫୁଲ୍ଲ କିଶୋର ଦାସ (୬୧) ଦୀର୍ଘ ୨୪ବର୍ଷ ହେବ ଖବର କାଗଜ ବିତରକ ଭାବେ କାମ କରୁଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ଖବର କାଗଜ ବିକ୍ରିକୁ ପେଶା କରିଛନ୍ତି ମାନସ ବିଶ୍ୱାଳ ଓ ସୂର୍ଯ୍ୟ ନାରାୟଣ କର (ସୂର୍ଯ୍ୟ ଭାଇନା)। ଖରା, ବର୍ଷା, ଶୀତକୁ ଖାତିରି ନକରି ବର୍ଷ ସାରା ନିଜର କର୍ତ୍ତବ୍ୟ ନିର୍ବାହ କରିଚାଲିଛନ୍ତି। ଗୋଟିଏ ଖବର କାଗଜକୁ ଲୋକପ୍ରିୟ ଏବଂ ପାଠକଙ୍କ ଆଦୃତ କରିବାରେ ଏମାନଙ୍କ ପ୍ରମୁଖ ଭୂମିକା ରହି ଆସିଛି।





ଦୀର୍ଘ ବର୍ଷ ହେବ କାକଟପୁର ଅଞ୍ଚଳରେ ବିତରକ ଭାବେ କାହ୍ନୁ ଚରଣ ଦାଶ ଓ ପ୍ରଫୁଲ୍ଲ କିଶୋର ଦାସ, ଅସ୍ତରଙ୍ଗ ଅଂଚଳରେ ମାନସ ଓ ସୂର୍ଯ୍ୟ ବହୁ ବାଧା ବିଘ୍ନ ସହି ନିୟମିତ ଭାବେ ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। ସେମାନେ ଆର୍ଥିକ ଅନଟନ ଓ ବିଭିନ୍ନ ସମସ୍ୟାରେ ରହିଥିଲେ ମଧ ଏହାକୁ ଖାତିରି ନକରି ଜନସାଧାରଣଙ୍କ ନିକଟରେ ଖବର ପହଂଚାଇବାରେ ପ୍ରମୁଖ ଭୂମିକା ନିଭାଉଛନ୍ତି। ସେମାନଙ୍କ ପାଇଁ କୌଣସି ସରକାରୀ ଯୋଜନା କିମ୍ବା ପ୍ରୋତ୍ସାହନ ନାହିଁ। ଆଗ ଭଳି ଏବେ କିଛି ଲୋକ ଖବର କାଗଜ ମଗାଇବା ବନ୍ଦ କରିବାକୁ ବସିଲେଣି। ବାଧା ବିଘ୍ନ ଆସିଲେ ବି ଏହି ପେଶା ଖବର କାଗଜ ବିକ୍ରି ନିଶାରେ ପରିଣତ ହୋଇସାରିଛି। ନୂଆ ସରକାର ସେମାନଙ୍କୁ ସାହାଯ୍ୟ ସହଯୋଗ କରନ୍ତୁ।

# ୨୯ରୁ 'ବିକଶିତ କୃଷି ସଂକଳ୍ପ ଅଭିଯାନ'



- ଉଦ୍ଘାଟନ କରିବେ ପ୍ରଧାନମନ୍ତ୍ରୀ
- ଐତିହ୍ୟ ସହର ପୁରୀରୁ ଶୁଭାରମ୍ଭ
- ଆସିବେ କେନ୍ଦ୍ର କୃଷିମନ୍ତ୍ରୀ

ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଯୁଗାନ୍ତକାରୀ କୃଷି ପଦକ୍ଷେପଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇ କୃଷିରେ ନବଯୁଗର ସୃଷ୍ଟି କରିବା ଲକ୍ଷ୍ୟରେ ଆରମ୍ଭ ହେବାକୁ ଯାଉଛି ବିକଶିତ କୃଷି ସଂକଳ୍ପ ଅଭିଯାନ। ଆସନ୍ତା ୨୯ରୁ ଆରମ୍ଭ ହୋଇ ଏହା ଜୁନ ୧୨ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଚାଲିବ। ଏହି ବିକଶିତ କୃଷି ସଂକଳ୍ପ ଅଭିଯାନ ଐତିହ୍ୟ ସହର ପୁରୀରୁ ଆରମ୍ଭ ହେବାକୁ ଥିବା ବେଳେ ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧ୍ୟମରେ ଯୋଗଦେବେ। ସେହିପରି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏଥିସକାଶେ ପ୍ରସ୍ତୁତି ପାଇଁ ଆଜି କୃଷି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ ଅଭିଯାନ ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କହିଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀଙ୍କ ସମେତ ଅତିଥି ପ୍ରଥମେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ ଓ ପରେ ପରେ ତ୍ରିରଙ୍ଗାଯାତ୍ରାରେ ସାମିଲ ହେବେ ବୋଲି ଡ. ପାଢ଼ୀ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ସାକ୍ଷୀଗୋପାଳସ୍ଥିତ ବୀରଗୋବିନ୍ଦପୁର କୃଷି ବିଜ୍ଞାନ କେନ୍ଦ୍ରରେ ଏହି ଅଭିଯାନର ଶୁଭାରମ୍ଭ କରାଯିବ। ଏହି ସମୟରେ କୃଷି ରଥର ମଧ୍ୟ ଶୁଭାରମ୍ଭ ହେବା ପରେ ପରେ 'ସିଫା' କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ମନ୍ତ୍ରୀ ଯୋଗଦାନ କରିବେ। ଏହାଛଡ଼ା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର (ସିଏଚ୍ଇଏସ୍)ରେ ଆୟୋଜିତ ହେବାକୁ ଥିବା ଆମ୍ବ ମହୋତ୍ସବ ଓ ପରେ ଓୟୁଏଟିରେ କାର୍ଯ୍ୟକ୍ରମରେ ସେ ଯୋଗଦାନ କରିବେ। ସମସ୍ତ କାର୍ଯ୍ୟକ୍ରମରେ 'ମା' ନାମରେ ଗଛଟିଏ' ଯୋଜନାରେ ଚାରା ରୋପଣ କରାଯିବ।

ପ୍ରସ୍ତୁତି ବୈଠକରେ କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା, ଓୟୁଏଟି କୁଳପତି ଡ଼ ପ୍ରଭାତ କୁମାର ରାଉଳ, ସିଫା ନିର୍ଦ୍ଦେଶକ ପିକେ ସାହୁ, ଆଇସିଏଆର୍ ଉପମହାସଚିବ, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର (ସିଏଚ୍ଇଏସ୍), ଓୟୁଏଟି ଡିନ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ମଦ ଭାଟିରେ ତାଲା ପକାଇଲେ ବିଧାୟକ

କୋରାପୁଟ,୨୬।୫(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସମ୍ପୂର୍ଣ୍ଣ ଭାବେ ମଦ ବନ୍ଦ ନେଇ ସୋମବାର ଆନ୍ଦୋଳନ କରାଯାଇଛି। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁଟାଙ୍କ ନେତୃତ୍ୱରେ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍‌ରେ ଆନ୍ଦୋଳନ ହୋଇଛି। ଆଜି ବିଧାୟକ ସାଉଁନ୍ତା ୩ ବ୍ଲକର ବହୁ ବିହାରି ମଦ ଭାଟି ଓ ଦୋକନକୁ ଯାଇଥିଲେ। ସେଠାରେ ମଦ ପ୍ରସ୍ତୁତି ପାଇଁ ଥିବା ମହୁଲ ଓ ପୋଚକୁ ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ଭାଟି ଓ ଦୋକାନରେ ତାଲା ପକାଇଦେଇଥିଲେ। ମଦ ଯୋଗୁ ଲୋକଙ୍କ ଆର୍ଥିକ ସଙ୍କଟ, ଗଣ୍ଡଗୋଳ ଆଦି ବିଭିନ୍ନ ସମସ୍ୟା ଦେଖାଦେଉଛି ବୋଲି ସେ ସ୍ଥାନୀୟ ଲୋକଙ୍କୁ ବୁଝାଇଥିଲେ। ଅସ୍ୱାସ୍ଥ୍ୟକର ପରିବେଶ ଓ ବେଆଇନ ଭାବେ ପ୍ରସ୍ତୁତ ମଦ ପିଇ କେତେକ ଲୋକେ ପ୍ରାଣହାନୀ ହେଉଥିବା ଅଭିଯୋଗ ହୋଇଛି। ଲୋକଙ୍କ ଜୀବନର ସୁରକ୍ଷା ପାଇଁ ଏଭଳି ପଦକ୍ଷେପ ନେଇଥିବା ବିଧାୟକ କହିଛନ୍ତି। ଅଞ୍ଚଳରେ ଥିବା ବିହାରି ଭାଟିରେ ବେଆଇନ ଭାବେ ପ୍ରସ୍ତୁତ ମଦକୁ ଗାଁଗୁଡ଼ିକରେ ବିକ୍ରି କରି ବ୍ୟବସାୟୀ ଲାଭ ପାଉଛନ୍ତି। ଏହି ମଦକୁ ପିଇବାକୁ ଲୋକେ ଜମି ବନ୍ଧା ପକାଇବାକୁ ପଛାଉ ନ ଥିବା ଅଭିଯୋଗ କରି ବିଧାୟକ ପୂର୍ବରୁ ୩ଥର ରାଜ୍ୟ ଅବକାରୀ ବିଭାଗକୁ ଚିଠି କରିଥିଲେ। କିନ୍ତୁ ଏଯାଏ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହି ପଦକ୍ଷେପ ଆରମ୍ଭ କରିଥିବା ସେ କହିଛନ୍ତି। ବିଧାୟକଙ୍କ ସମର୍ଥନ କରି ସ୍ଥାନୀୟ ଗ୍ରାମବାସୀ ଏହି ମଦ ବିରୋଧ ଅଭିଯାନରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଜିଲା ଅବକାରୀ ବିଭାଗର ନିରୀକ୍ଷକ ସୁଧିର ସାହୁଙ୍କ ପଚାରିବାରୁ ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍ ବହୁ ବିହାରି ମଦ ଦୋକାନ ଓ ଭାଟିରେ ତାଲା ପଡିଥିବା କହିଛନ୍ତି।

# ୨୭ ରୁ ୩୦ ଯାଏ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୬।୫ (ସଂଚାର ବ୍ୟୁରୋ) : ଆସୁଛି ଲଘୁଚାପ । ୨୭ ରୁ ୩୦ ଯାଏ ପ୍ରବଳରୁ ଅତି ବର୍ଷା ସମ୍ଭାବନା । ୨୯ ରୁ ୧ ଯାଏ ବର୍ଷା ସହ ୫୦ କିମି ପବନ ବହିବାର ସମ୍ଭାବନାକୁ ନେଇ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା ପାଇଁ ସତର୍କ କରାଇଛି ପାଣିପାଗ ବିଭାଗ। ୨୭ ତାରିଖ ରେ ପଶ୍ଚିମ କେନ୍ଦ୍ରୀୟ ଓ ତାର ପାର୍ଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଦେଇଛି ପାଣିପାଗ ବିଭାଗ । ଲଘୁଚାପ ସୃଷ୍ଟି ହେବାର ୨ଦିନ ଭିତରେ ଏହା ଅଧିକ ଘନୀଭୂତ ହୋଇ ରାଜ୍ୟରେ ପ୍ରବଳ ବର୍ଷା କରାଇବ ନେଇ ପୂର୍ବାନୁମାନ କରିଛି ବିଭାଗ। ଏହାସହ ଏକ ଟ୍ରପ ଲାଇନ ମଧ୍ୟ ସକ୍ରିୟ ରହୁଛି। ପ୍ରଭାବରେ ୨୭ ତାରିଖରୁ ୩୦ ତାରିଖ ଯାଏ ରାଜ୍ୟରେ ଭାରି ବର୍ଷାର ସମ୍ଭାବନା ରହିଛି । ଏହି ବର୍ଷା ମୌସୁମୀ ଅଗ୍ରସରକୁ ଆହୁରି ସକ୍ରିୟ କରିବ। ସକ୍ରିୟ ରହିଲେ ଓଡ଼ିଶାରେ ମୌସୁମୀ ଆଗମନ ନେଇ ସ୍ଥିତି ଅନୁକୂଳ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଜୁନ ୧ ପରେ ବଦଳି ପରେ ପାଗ । ଏପଟେ ରାଜ୍ୟରେ କାଳବୈଶାଖୀ ସହ ପ୍ରାକ ମୌସୁମୀ ବର୍ଷା ବିଭିନ୍ନ ସ୍ଥାନରେ ହେଉଥିବା ବେଳେ ଆଗାମୀ ୫ ଦିନ ଯାଏ ବର୍ଷା ଲାଗିରହିବ । ଆସନ୍ତା ୨୪ ଘଂଟାରେ ସମସ୍ତ ଜିଲ୍ଲାରେ ବିଜୁଳି ଘଡଘଡି ବର୍ଷା ସହ ପ୍ରବଳ ବର୍ଷା ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର କୋରାପୁଟ, ନବରଙ୍ଗପୁର , ରାୟଗଡା, ଗଜପତି , କନ୍ଧମାଳ, ଭଦ୍ରକ, କେନ୍ଦ୍ରାପଡା, ବାଲେଶ୍ୱର, କଳାହାଣ୍ଡି, କେନ୍ଦୁଝର ଓ ମୟୁରଭଞ୍ଜ ଏହି ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି ନୟାଗଡ, ପୁରୀ, ଖୋର୍ଦ୍ଧା ଗଂଜାମ , ବୌଦ୍ଧ , ସୋନପୁର, ବଲାଙ୍ଗୀର ଓ ନୟାଗଡ ଜିଲ୍ଲାକୁ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ସାମ୍ବାଦିକଙ୍କୁ ନିର୍ଯାତନା ମାମଲା

# ନାବାଳକ ସମେତ ୪ ଅଭିଯୁକ୍ତ ଗିରଫ



ବଲାଙ୍ଗୀର,୨୬।୫(ସଂଚାର ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ କଙ୍ଗାରୁ କୋର୍ଟ କରି ନିର୍ଯାତନା ଦେବା ଘଟଣାରେ ଆଜି ସ୍ଥାନୀୟ ପୁଲିସ୍ ଜଣେ ନାବାଳକ ସମେତ ମୋଟ ୪ଜଣଙ୍କୁ ଗିରଫ କରିଛି। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଠିକାଦାର ଗଜେନ୍ଦ୍ର ଦଲେଇ ଏବେ ବି ଫେରାର ରହିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅବିନାଶ ଦଲେଇ, ଆଦିତ୍ୟ ଜେନା ଓ ଗୁମର ନାଏକ। ଏନେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି. ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଗତ ୨୩ ତାରିଖରେ ପୁଇଁତଲା ବ୍ଲକ୍ କୁଲୁଥିପାଲି ଗାଁକୁ ଖବର ସଂଗ୍ରହ ପାଇଁ ଯାଇଥିବା ସମୟରେ ସାମ୍ବାଦିକ ଶ୍ରୀ ପ୍ରଧାନଙ୍କୁ ସମ୍ପୃକ୍ତ ଠିକାଦାର ଓ ତାଙ୍କର ଗୁଣ୍ଡାମାନେ କଙ୍ଗାରୁ କୋର୍ଟ କରି ନିର୍ଯାତନା ଦେଇଥିଲେ। ଦୁର୍ନୀତିର ଗନ୍ଧ ବାରିବା ପରେ ଖବର ସଂଗ୍ରହ ପାଇଁ ସେଠାକୁ ଯାଇଥିଲେ ସାମ୍ବାଦିକ ଶ୍ରୀ ପ୍ରଧାନ। କିନ୍ତୁ ଏହି ସମୟରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ହାତ ବାନ୍ଧି ରାସ୍ତା କଡ଼ରେ ଫିଙ୍ଗିଦେଇଥିଲେ ସମ୍ପୃକ୍ତ ଠିକାଦାର। ପାଖାପାଖି ୨ରୁ ୩ ଘଣ୍ଟା ଧରି ସେମାନେ ଆତଙ୍କ ସୃଷ୍ଟି କରିବା ସହ କଙ୍ଗାରୁ କୋର୍ଟ କରି ଶ୍ରୀ ପ୍ରଧାନଙ୍କୁ ଦଣ୍ଡ ଦେଇଥିଲେ। ଏଥିସହ ଖବର ସଂଗ୍ରହରୁ ବିରତ ରହିବା ଓ ଆକ୍ରମଣ ନେଇ ଏତଲା ନଦେବାକୁ ସେମାନେ ଶ୍ରୀ ପ୍ରଧାନଙ୍କୁ ଗାଁ ମନ୍ଦିରରେ ବସାଇ ଶପଥ ମଧ୍ୟ କରାଇଥିଲେ।

ତେବେ ଜୀବନ ବଞ୍ଚାଇବା ସକାଶେ ସେମାନଙ୍କ କଥାରେ ଶ୍ରୀ ପ୍ରଧାନ ରାଜି ହୋଇଯାଇଥିଲେ। ଉକ୍ତ ଠିକାଦାର ଓ ତା'ର ଗୁଣ୍ଡାମାନେ ତାଙ୍କୁ ମନ୍ଦିରରୁ ଟେକି ନେଇ ଗାଁ ବାହାରେ ରାସ୍ତା କଡ଼ରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସେଠାରେ ପାଖାପାଖି ୨ ଘଣ୍ଟା ଧରି ଗୁରୁତର ଅବସ୍ଥାରେ ଶ୍ରୀ ପ୍ରଧାନ ପଡ଼ିରହିଥିଲେ। ଉକ୍ତ ଠିକାଦାର ଓ ତା'ର ଗୁଣ୍ଡାଙ୍କ ଆକ୍ରୋଶର ଶିକାର ହେବା ଭୟରେ ତାଙ୍କୁ ସ୍ଥାନୀୟ ଲୋକେ ସହଯୋଗ ମଧ୍ୟ କରିନଥିଲେ। ପରେ ପରିବାର ଲୋକେ ଖବର ପାଇ ପୁଇଁତଲା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ୍ ସହ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶ୍ରୀ ପ୍ରଧାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଖବର ବ୍ୟାପିବା ପରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏନେଇ ଆଜି ସ୍ଥାନୀୟ ଏକାଠି ହୋଇ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

# ହସ୍ପିଟାଲ୍‌ରେ ଭୁଲ୍ ଚିକିତ୍ସା, କ୍ଷମା ମାଗିଲେ କର୍ମଚାରୀ

ଟିଟିଲାଗଡ଼,୨୬।୫(ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ଜନୈକ କର୍ମଚାରୀ ଭୁଲ୍‌ବଶତଃ ରକ୍ତଲଗା ସିରିଞ୍ଜ୍ ବ୍ୟବହାର କରିଥିବା ବେଳେ ଏହାକୁ ପରିବାର ଲୋକେ ବିରୋଧ କରିଥିଲେ। ପରେ ସମ୍ପୃକ୍ତ କର୍ମଚାରୀ ନିଜର ଭୁଲ୍ ସ୍ୱୀକାର କରିବା ସହ ଏଥିସକାଶେ କ୍ଷମା ପ୍ରାର୍ଥନା କରିଥିବା ଜଣାପଡ଼ିଛି। କିନ୍ତୁ ରୋଗୀଙ୍କୁ ଦିଆଯାଇଥିବା ସାଲାଇନରେ ରକ୍ତ ଲଗା ସିରିଞ୍ଜ୍ ଫୋଡ଼ାଯିବାକୁ ନେଇ ଡାକ୍ତରଖାନାରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ମିଳିଥିବା ସୂଚନାନୁସାରେ, ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଦିଗସିରା ଗ୍ରାମର ନିରାକାର ବେହେରା (୬୨)ଙ୍କ ରକ୍ତଚାପ ହଠାତ୍ କମ ହେବାରୁ ତାଙ୍କୁ ପରିବାର ଲୋକେ ଟିଟିଲାଗଡ଼ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ନିରାକାରଙ୍କୁ ୱାର୍ଡରେ ଭର୍ତ୍ତି କରିଥିଲେ। ଅସୁସ୍ଥ ନିରାକାରଙ୍କୁ ଡାକ୍ତରଖାନା ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଥମେ ଏକ ସାଲାଇନ ଦେଇଥିଲେ। ଏଥିପାଇଁ ସ୍ୱାସ୍ଥ୍ୟ କର୍ମଚାରୀ ଜଣଙ୍କ ସାଲାଇନର ଉପର ଅଂଶରେ ଏକ ସିରିଞ୍ଜ ଫୋଡ଼ିଥିଲେ। ତେବେ କିଛି ସମୟ ପରେ ୱାର୍ଡରେ ଉପସ୍ଥିତ ଥିବା ନିରାକାରଙ୍କ ପୁଅ ରୋହିତ ଉକ୍ତ ସିରିଞ୍ଜ୍‌ରେ ରକ୍ତ ଲାଗିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସମ୍ପୃକ୍ତ କର୍ମଚାରୀଙ୍କୁ ପଚାରିବାରୁ ଭୁଲରେ ଏକ ବ୍ୟବହୃତ ରକ୍ତଲଗା ସିରିଞ୍ଜ ଫୋଡ଼ିଥିବା ସ୍ୱୀକାର କରିବା ସହ ଏପରି ଭୁଲ୍ ପାଇଁ କ୍ଷମା ମାଗିଥିଲେ।

ଏନେଇ ଖବର ପାଇବା ପରେ ଡାକ୍ତରଖାନାରେ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିବା ବେଳେ ସେମାନଙ୍କ ସମ୍ମୁଖରେ ମଧ୍ୟ ଉକ୍ତ କର୍ମଚାରୀ ନିଜର ତ୍ରୁଟି ସ୍ୱୀକାର କରିଥିଲେ। ତେବେ ସିରିଞ୍ଜ୍‌ରେ ରକ୍ତ ଲାଗିଥିବାରୁ ପରିବାର ଲୋକେ ନିରାକାରଙ୍କ ଶରୀରରେ କୌଣସି ପ୍ରକାର ସଂକ୍ରମଣ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏନେଇ ଟିଟିଲାଗଡ଼ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ତଥା ଉପଖଣ୍ଡ ଡାକ୍ତରଖାନା ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। କିନ୍ତୁ ରିପୋର୍ଟ ଲେଖାଯିବା ବେଳକୁ ଆଜି ଛୁଟିଦିନ ଥିବାରୁ ରୋହିତଙ୍କୁ ନିଜ ଘରକୁ ଡାକି ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ବୁଝାସୁଝା କରିବା ସହ ଏହି ଘଟଣଶର ଅନୁସନ୍ଧାନ ଜାରି ରହିଥିବା କହିଛନ୍ତି। ତେବେ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

# ୪ ରେଳ କର୍ମଚାରୀ ସମ୍ବର୍ଦ୍ଧିତ




ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଉତ୍ସର୍ଗୀକୃତ ଓ ସତର୍କତାକୁ ସ୍ୱୀକୃତି ଦେଇ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଓ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଓ ସତର୍କତା ପାଇଁ ଆଜି ୪ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଟିଟିଲାଗଡ଼ରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ପୂଜନ କୁମାର, ମଉଗଜପୁର ଷ୍ଟେସନରେ କାର୍ଯ୍ୟରତ ଟ୍ରାକ ରକ୍ଷଣାବେକ୍ଷଣକାରୀ ଦୀନେଶ କୁମାର, କେନ୍ଦୁଝରଗଡ଼ରେ କାର୍ଯ୍ୟରତ ଲୋକୋ ପାଇଲଟ୍ ଜଗଦୀଶ ସାମଲ ଓ ବିଶାଖାପାଟଣାଠାରେ କାର୍ଯ୍ୟରତ ଟ୍ରେନ ପ୍ରବନ୍ଧକ ବୋଡାନି ଶ୍ରୀନିବାସ ରାଓ ସେମାନଙ୍କ ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଓ ଉପସ୍ଥିତି ବୁଦ୍ଧି ପ୍ରଦର୍ଶନ ପୂର୍ବକ ତ୍ୱରିତ ଓ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି। ଏହା ଟ୍ରେନଗୁଡ଼ିକର ନିରାପଦ ଓ ସୁଗମ ପରିଚାଳନାରେ ଅବଦାନ ରଖିଛି। ଏହି ୪ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଶ୍ରୀ ଫୁଙ୍କୱାଲ ସେମାନଙ୍କ ପ୍ରତିବଦ୍ଧତା ଓ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ଅନ୍ୟମାନେ ଏଥିରୁ କିଛି ପ୍ରେରଣା ହାସଲ କରିବା ଉଚିତ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ରେଳ କର୍ମଚାରୀମାନେ ପ୍ରାୟତଃ ଏକ କଷ୍ଟକର ପରିବେଶରେ କାମ କରିଆସୁଛନ୍ତି। ରେଳ ସେବାର ନିରାପତ୍ତା ଓ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଓ ଷ୍ଟେସନ ଅପରେଟରମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଓ ସେମାନେ ଏହାକୁ ଆଗାମୀ ଦିନରେ ବେଶ୍ ଦାୟିତ୍ୱ ଓ ସତର୍କତାର ସହ ପାଳନ କରିବେ ବୋଲି ସେ ଆଶା କରିଛନ୍ତି।

## ପୁଣି ବିବାଦରେ ନାଣ୍ଟୁବାବୁ

# ଟଙ୍କା ମାଗିବାରୁ ଅଭିନେତ୍ରୀଙ୍କୁ ମାଡ଼ ଅଭିଯୋଗ



ଭୁବନେଶ୍ୱର,୨୬।୫(ସଂଚାର ବ୍ୟୁରୋ): ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ୍ ନାଣ୍ଟୁବାବୁଙ୍କ ବିରୋଧରେ ପୁଣିଥରେ ଅଭିଯୋଗ ହୋଇଛି। କିଛି ମାସ ତଳେ ହାସ୍ୟ କଳାକାର ନରି ପଣ୍ଡାଙ୍କୁ ଏକ ଢାବାରେ ମାଡ଼ ମାରିବା ସହ ହତ୍ୟା ଧମକ ଦେବା ଭଳି ଅଭିଯୋଗ ହୋଇଥିଲା। ଏହି ବିବାଦ ପୂରାପୂରି ଥମି ନ ଥିବା ବେଳେ ଏବେ ଆଉ ଜଣେ ଅଭିନେତ୍ରୀ ତାଙ୍କ ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି। ନାଣ୍ଟୁବାବୁ ତୁଳସୀ ଗଣନାଟ୍ୟ ସହ ଅଶୋକ ସମ୍ରାଟର ମଧ୍ୟ ମାଲିକ ହୋଇଥିବା ବେଳେ ଏବେ ତାଙ୍କ ବିରୋଧରେ ଏଥିରେ ଅଭିନୟ କରୁଥିବା ଅଭିନେତ୍ରୀ ମାମୁନି ଷଡ଼ଙ୍ଗୀ ଓ ତାଙ୍କ ସ୍ୱାମୀ ବାପି କୁମାର ଅଭିଯୋଗ କରିଛନ୍ତି। ଦରମା ଟଙ୍କା ମାଗିବାରୁ ନାଣ୍ଟୁବାବୁ ସେମାନଙ୍କୁ ଅଶାଳୀନ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ନେଇ ମହିଳା ଥାନାରେ ଏତଲା ହୋଇଛି । କିନ୍ତୁ ଏପରି ଅଭିଯୋଗକୁ ନାଣ୍ଟୁବାବୁ ଖଣ୍ଡନ କରିଛନ୍ତି। ତେବେ ମାମୁନି ଓ ବାପିଙ୍କ ସମର୍ଥନରେ ବାହାରିବା ସହ ଯାତ୍ରାରେ କଳାକାରଙ୍କ ପ୍ରତି ମାଲିକମାନଙ୍କ ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଉପଦେଷ୍ଟା ବାପି ପଣ୍ଡା।

ମାମୁନି ଓ ବାପି ଥାନାରେ କରିଥିବା ଅଭିଯୋଗ ଅନୁସାରେ, ସେମାନଙ୍କର ୩ ମାସର ବକେୟା ପାଖାପାଖି ୭ ଲକ୍ଷ ଟଙ୍କା ନାଣ୍ଟୁବାବୁଙ୍କଠାରୁ ପାଇବାକୁ ଥିବା ବେଳେ ସେମାନେ କିଛି ଦିନ ତଳେ ଏହି ଟଙ୍କା ଦେବାକୁ ମାଲିକଙ୍କୁ କହିଥିଲେ। ବାଲିଆପାଳରେ ଯାତ୍ରା ଚାଲିଥିବା ସମୟରେ ମାଲିକ ସେମାନଙ୍କୁ ମାତ୍ର ୧ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ଅବଶିଷ୍ଟ ଟଙ୍କା ମାଗିବାରୁ ଗତ ୨୪ ତାରିଖ ରାତିରେ ନାଣ୍ଟୁବାବୁ କମିଟି ମେମ୍ବରଙ୍କୁ ଲଗାଇ ସେମାନଙ୍କୁ ମାଡ଼ ମାରିଥିବା ମାମୁନି ଅଭିଯୋଗ କରିଛନ୍ତି।

କିନ୍ତୁ ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ ନାଣ୍ଟୁବାବୁ ତାଙ୍କ ଉପରେ ମାମୁନିଙ୍କର କୌଣସି ବକେୟା ଟଙ୍କା ନାହିଁ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ମାମୁନି ଆଗାମୀ ବର୍ଷ ପାଇଁ ୫ ଲକ୍ଷ ଟଙ୍କା ନେଇସାରିଛନ୍ତି। ତାଙ୍କର କମିଟି ସହ ଝଗଡ଼ା ହୋଇଛି ବୋଲି ସେ କହିବା ସହ ଏହି ଅଭିଯୋଗ ଉପରେ ତଦନ୍ତ ସମୟରେ ପୁଲିସ୍‌କୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ଏହି ମାମଲାରେ ନାଣ୍ଟୁବାବୁଙ୍କୁ ସମର୍ଥନ କରିଛନ୍ତି ରାଜଧାନୀ ଯାତ୍ରା ପାର୍ଟି ପରିଚାଳକ ଜଗତ ଜୀବନ ପଣ୍ଡା। ଗତ ମାର୍ଚ୍ଚରୁ ଆସନ୍ତା ଯାତ୍ରା ଋତୁରେ ଦୁଇ ଜଣଙ୍କୁ ପାର୍ଟିକୁ ନେବେ ନାହିଁ ବୋଲି ସେ ମନା କରିଛନ୍ତି।

ତା'ଛଡ଼ା ଏହି ମାମଲାରେ ଆଜି ତାରିଣୀ ଯାତ୍ରା କମିଟି ପକ୍ଷରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ ବୋଲି କୁହାଯାଇଛି। ବାଲେଶ୍ୱର ଜିଲ୍ଲା ତାରିଣୀ ଯାତ୍ରା କମିଟି ଆନୁକୂଲ୍ୟରେ ଗତ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଯାତ୍ରା ପରିବେଷଣ ହେବାର ଥିଲା। କିନ୍ତୁ ୨୨ ତାରିଖରେ ନାୟକ ଚନ୍ଦନଙ୍କ ଅନୁପସ୍ଥିତି, ନାୟିକା ମାମୁନି ଓ ଉପସ୍ଥାପକ ବାପିଙ୍କ ଟଙ୍କା ନେଣଦେଣ ନେଇ ସମସ୍ୟା ଥିବାରୁ ସେମାନେ ଷ୍ଟେଜକୁ ଆସିବାକୁ ମନା କରିଦେଇଥିଲେ। ଫଳରେ ସେଦିନ ଯାତ୍ରା ବନ୍ଦ ରହିଥିଲା। ସେହିପରି ୨୩ ତାରିଖରେ ବାପି ଷ୍ଟେଜକୁ ଚଢ଼ିବାକୁ ଉଦ୍ୟମ କରିବା ସମୟରେ ତାଙ୍କୁ କମିଟି ସଦସ୍ୟମାନେ ବିରୋଧ କରିଥିଲେ। ଏଥିରେ ବାପିଙ୍କ ସ୍ତ୍ରୀ ମାମୁନି ଉତକ୍ଷିପ୍ତ ହୋଇ କମିଟି ସଦସ୍ୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଯାତ୍ରା ପାର୍ଟି ମ୍ୟାନେଜରଙ୍କୁ ମଧ୍ୟ ଠେଲାପେଲା କରିଥିଲେ ବୋଲି କମିଟି ପକ୍ଷରୁ ପାଲଟା ଅଭିଯୋଗ କରାଯାଇଛି। ଏଥିସହ ଅଯଥାରେ ମାମୁନି ବଦନାମ କରୁଛନ୍ତି ବୋଲି ଯାତ୍ରା କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସେହିପରି ଯାତ୍ରା ପାର୍ଟି କ୍ୟାଶିଅର୍ କହିଛନ୍ତି ଯେ ଚୁକ୍ତି ଅନୁଯାୟୀ ମାମୁନି ସମସ୍ତ ଟଙ୍କା ନେବା ସହ ଅଗ୍ରୀମ ଆକାରରେ ଦୁଇ ଲକ୍ଷ ଟଙ୍କା ନେଇଛନ୍ତି।

## ବଡ଼ଦାଣ୍ଡରେ ଯୁବକଙ୍କ ଉନ୍ମତ୍ତକାଣ୍ଡ

# ନାବାଳିକା ପର୍ଯ୍ୟଟକଙ୍କୁ ଅସଦାଚରଣ



ପୁରୀ, ୨୬।୫ (ସଂଚାର ବ୍ୟୁରୋ) : ପୁରୀ ବଡ଼ଦାଣ୍ଡରେ ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ। ନାବାଳିକା ପର୍ଯ୍ୟଟକଙ୍କୁ ଅସଦାଚରଣ। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନାବାଳିକାଙ୍କ ପରିବାର ଓ ସ୍ଥାନୀୟ ଲୋକ ଯୁବକଙ୍କୁ ଧରି ନିର୍ଦ୍ଦୁମ ମାଡ଼ ମାରିଥିଲେ। ସିଂହଦ୍ୱାର ଥାନା ପୋଲିସ ପହଞ୍ଚି ଯୁକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ମହାପ୍ରଭୁଙ୍କ ଦର୍ଶନ ସାରି ନାବାଳିକା ଜଣକ ପରିବାର ଲୋକଙ୍କ ସହ ଫେରିବା ସମୟରେ ଅସଦାଚରଣର ଶୀକାର ହୋଇଥିଲା।

# ପୁରୀରେ ହାର୍ଭାର୍ଡ ପ୍ରତିଷ୍ଠା ପାଇଁ ବେଦାନ୍ତ ଇଚ୍ଛୁକ

ପୁରୀ, ୨୬।୫ (ସଂଚାର ବ୍ୟୁରୋ) : ପୁରୀରେ ଜାଗା ଦିଅ, ହାର୍ୱର୍ଡ୍‌ୟୁନିଭର୍ସିଟି କରିବୁ। ବିଶ୍ୱବିଦ୍ୟାଳୟ ପାଇଁ ପୁରୀରେ ପୁଣି ଜାଗା ମାଗିଲା ବେଦାନ୍ତ । X ରେ ପୋଷ୍ଟ କରିଛନ୍ତି ବେଦାନ୍ତ ଗ୍ରୁପ ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ । ଟ୍ରମ୍ପଙ୍କ ଚାପ ପରେ ଏବେ ହାର୍ୱର୍ଡ ବିଶ୍ୱିବିଦ୍ୟାଳରେ ପଢ଼ୁଥିବା ୮୦୦ ଭାରତୀୟ ଛାତ୍ରଛାତ୍ରୀ ସମସ୍ୟାରେ। ଏମାନେ ଏବେ ଭାରତ ଫେରିବେ। ଏହି ମର୍ମରେ ଅନୀଲ ଅଗ୍ରୱାଲ କହିଛନ୍ତି, ଆମେ ଭାରତରେ ହାର୍ୱର୍ଡ ଓ ଏମଆଇଟି ପରି ବିଶ୍ୱବିଦ୍ୟାଳୟ ଗଢ଼ିବୁ। ପୁରୀରେ ଏପରି ଏକ ଅନୁଷ୍ଠାନ ପାଇଁ ବେଦାନ୍ତ ଯୋଜନା କରିଛି । ଏହା ହେବ ଏକ ଅଣ-ଲାଭଜନକ, ଡିଜିଟାଲ ବିଶ୍ୱବିଦ୍ୟାଳୟ ହେବ । ଏହା ପ୍ରଥମ ବିଶ୍ୱବିଦ୍ୟାଳୟ ହେବ ଯେଉଁଥିରେ ଭାରତ ଓ ବିଦେଶରୁ ଆସିଥିବା ଶ୍ରେଷ୍ଠ ଅଧ୍ୟାପକ ଓ ଛାତ୍ରମାନେ ରହିବେ । କମ ସୁବିଧା ଥିବା ଛାତ୍ରମାନେ ପୂର୍ଣ୍ଣ ଆର୍ଥିକ ସହାୟତା ପାଇବେ। ବୃହତ ବିଶ୍ୱବିଦ୍ୟାଳୟ ନିର୍ମାଣ ପାଇଁ ଜମି ଏକ ବାଧା ହେବା ଉଚିତ ନୁହେଁ ବୋଲି କହିଛନ୍ତି ଅନୀଲ ଅଗ୍ରୱାଲ। ପୁରୀରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣକୁ ବେଆଇନ ଦର୍ଶାଇ ୨୦୧୦ ନଭେମ୍ବର ୧୬ ବେଆଇନ ଦର୍ଶାଇ ଖାରଜ କରି ଦେଇଥିଲେ ଓଡ଼ିଶା ହାଇକୋର୍ଟ। ୨୦୨୩ ଏପ୍ରିଲ ୧୨, ତାରିଖରେ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ ସୁପ୍ରିମକୋର୍ଟ ।

# ଆମ ବସ୍‌ରେ ଡିଜିଟାଲ ପେମେଣ୍ଟ ନଗଣ୍ୟ




ଭୁବନେଶ୍ୱର,୨୬।୫: ସହରାଞ୍ଚଳରେ ଚଳାଚଳ କରୁଥିବା ମୋ ବସ୍‌ରେ ଦୈନିକ ୩ଲକ୍ଷରୁ ଅଧିକ ଯାତ୍ରୀ ଯା ଆସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ହାରାହାରି ୨୩ ପ୍ରତିଶତ ଡିଜିଟାଲ ବ୍ୟବସ୍ଥାରେ ଅର୍ଥ ପ୍ରଦାନ କରୁଛନ୍ତି । ଡିଜିଟାଲ ପ୍ରଦାନରେ ଇସ୍ପାତ ସହର ରାଉରକେଲା ସବୁଠାରୁ ପଛରେ ପଡିଛି ।

ରାଜ୍ୟର ୫ଟି ସହରରେ ଏବେ ୫୦୯ ଟି ଆମ ବସ୍ ଚଳାଚଳ କରୁଛି। ଏଥି ମଧ୍ୟରୁ କ୍ୟାପିଟାଲ ରିଜିଅନ ଅର୍ଥାତ୍ ଭୁବନେଶ୍ୱର-କଟକରେ ସର୍ବାଧିକ ୩୭୧ଟି ବସ୍ ଚଳାଚଳ କରୁଥିବାବେଳେ ରାଉରକେଲାରେ ୯୫ଟି, ସମ୍ବଲପୁରରେ ୨୪ଟି ଓ ବ୍ରହ୍ମପୁରରେ ୧୯ଟି ବସ୍ ଚଳାଚଳ କରୁଛି । ଏହିସବୁ ବସ୍‌ଗୁଡିକ ସମ୍ପୃକ୍ତ ସହରର ୧୦୬ଟି ରୁଟ୍‌ରେ ଗଡୁଛି ଏବଂ ଏଥିରେ ଦୈନିକ ୩ଲକ୍ଷ ୨୨ହଜାରରୁ ଅଧିକ ଲୋକ ଯାତାୟାତ କରୁଛନ୍ତି।

ତେବେ ଯାତ୍ରୀ ପରିବହନରୁ ଦୈନିକ ୩୫ ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିଲେ ମଧ୍ୟ ଖୁମ୍ କମ୍ ସଂଖ୍ୟକ ଯାତ୍ରୀ ଡିଜିଟାଲ ପଦ୍ଧତିରେ ଭଡା ପ୍ରଦାନ କରୁଛନ୍ତି। କ୍ୟାପିଟାଲ ରିଜିଅନରେ ଦୈନିକ ଅଢେଇ ଲକ୍ଷରୁ ଅଧିକ ଯାତ୍ରୀ ଯା ଆସ କରୁଥିବାବେଳେ ମାତ୍ର ୩୪ ପ୍ରତିଶତ ଡିଜିଟାଲ ପେମେଣ୍ଟ କରୁଛନ୍ତି। ରାଉରକେଲାରେ ଏହା ସର୍ବନିମ୍ନ ୬ ପ୍ରତିଶତ ଥିବା ବେଳେ ସମ୍ବଲପୁରରେ ୨୨ ଓ ବ୍ରହ୍ମପୁରରେ ୧୯ ପ୍ରତିଶତ ରହିଛି। ଆମ ବସ ପରିଚାଳନା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଡିଜିଟାଲ ଦେୟପାଇଁ ମାସିକିଆ କାର୍ଡଠାରୁ ଆରମ୍ଭ କରି ୟୁପିଆଇ, ମୋବାଇଲ୍ ଟିକଟ, ଏଟିଭିଏମ୍ ଓ ଓଏନଡିସି ଭଳି ବ୍ୟବସ୍ଥା କରିଥିଲେ ମଧ୍ୟ ଯାତ୍ରୀମାନେ କାହିଁକି ଡିଜିଟାଲ ପେମେଣ୍ଟରୁ ମୁହଁ ଫେରାଉଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ବସ୍ ଭଡା ୫ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ଅଧିକାଂଶ ସମୟରେ ଯାତ୍ରୀମାନଙ୍କୁ ନଗଦ ଆକାରରେ ବଳକା ଅର୍ଥ ଫେରାଇବାକୁ କର୍ତ୍ତୃପକ୍ଷ ନାକେଦମ ହେଉଛନ୍ତି। କେତେକ ସମୟରେ ମଧ୍ୟ ଏହାକୁ ନେଇ ଯାତ୍ରୀ ଓ ବସ୍ କର୍ମଚାରୀଙ୍କ ମଧ୍ୟରେ ଉଚ୍ଚବାଚ ବି ହେଉଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ପେମେଣ୍ଟ ଉପରେ ଜୋର ଦେବା ସହ ଏଥିପାଇଁ ପୁରସ୍କାର ରାଶି ଘୋଷଣା କରୁଥିବା ବେଳେ ରାଜ୍ୟର ସହରାଞ୍ଚଳ ବସ୍ ଯାତ୍ରୀମାନେ କାହିଁକି ଏଥିପ୍ରତି ମୁହଁ ଫେରାଉଛନ୍ତି, ତାହା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ବସ୍ ଚଳାଚଳ ଦାୟିତ୍ୱରେ ଥିବା କ୍ରୁଟ୍ କର୍ତ୍ତୃପକ୍ଷ ଦେୟ ବ୍ୟବସ୍ଥାକୁ ଆହୁରି ସରଳ କରିବା ସହ ଲୋକେ ଯେଭଳି ମୋବାଇଲ୍ ଫୋନ୍ ମାଧ୍ୟମରେ ଭଡ଼ା ଦେଇପାରିବେ, ସେନେଇ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଉଛି। (ତଥ୍ୟ)

# ବନ୍ୟଜନ୍ତୁଙ୍କୁ ଜଗିବ ୱାଚ୍ ଟାୱାର



ବୌଦ୍ଧ, ୨୬।୫ (ସଂଚାର ବ୍ୟୁରୋ) : ରେଳ ଧାରଣାକୁ ଆସି ଚାଲିଯାଉଛି ବନ୍ୟଜନ୍ତୁଙ୍କ ଜୀବନ । ରୋକିବା ବି ହୋଇ ପଡୁଛି ଅସମ୍ଭବ । ଏପଟେ ଖୋର୍ଦ୍ଧା-ବଲାଙ୍ଗିର ରେଳ ରାସ୍ତାର ନୟାଗଡ ଜିଲା ଦଶପଲ୍ଲା ଠାରୁ ଯେ ବୌଦ୍ଧ ଜିଲ୍ଲାର ପୁରୁଣାକଟକ ମଧ୍ୟରେ ରହିଛି ଘଞ୍ଚ ଜଙ୍ଗଲ । ଯେଉଁ ଜଙ୍ଗଲରେ ରହୁଛନ୍ତି ହାତୀ, ବାଘ ଠାରୁ ଆରମ୍ଭ କରି ବହୁ ପ୍ରଜାତିର ବନ୍ୟଜନ୍ତୁ । ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ରେଳ ବିଭାଗ ୫ କିମି ଦୂରତା ବିଶିଷ୍ଟ ୨ ଟି ଭାୟାଡକ୍ଟ ଏବଂ ୭ ଟି ଟନେଲ ନିର୍ମାଣ କରିଛି । ସେଥିମଧ୍ୟରୁ ବୌଦ୍ଧ ଜିଲ୍ଲାରେ ଗୋଟିଏ ଭାୟାଡକ୍ଟ ଏବଂ ୪ ଟି ଟନେଲ ରହିଥିବାବେଳେ ସବୁଠାରୁ ଓଡ଼ିଶାର ସୁଦୀର୍ଘ ଟନେଲ ଆଡେଣୀଗଡରେ ରହିଛି । ଯାହାର ଦୂରତା ପାଖାପାଖି ୫ କିମି । ନିର୍ମାଣ ହୋଇଥିବା ସମସ୍ତ ଟନେଲ ଅଞ୍ଚଳ ଗୁଡିକ ହାତୀ ଚଲାପଥ ରହିଛି । କେତେବେଳେ ବି ଟନେଲ ଭିତରକୁ ପଶିଯାଇ ସେମାନଙ୍କ ଜୀବନ ଯାଇପାରେ ଯାହାକୁ ରୋକିବା ପାଇଁ ରେଳ ପଥ ବିଭାଗ ଓ ବୌଦ୍ଧ ବନ ବିଭାଗ ମଧ୍ୟରେ ସମନ୍ୱୟରେ ଚାଲିଛି କାମ । ମାଧପୁର ରେଞ୍ଜ ଅନ୍ତର୍ଗତ ଆଡେଣୀଗଡ, କରଡାକୋଠା, ମାର୍ଦ୍ଦିଙ୍ଗଠାରେ ନିର୍ମାଣ ହୋଇଥିବା ଟନେଲର ଉଭୟ ପାର୍ଶ୍ୱରେ ନିର୍ମାଣ ହେବ ୭ ଟି ୱାଚ୍ ଟାୱାର। ୱାଚ୍ ଟାୱାରରେ ପ୍ରହରା ଦେବେ ବନକର୍ମଚାରୀ । ଟନେଲ ଭିତରକୁ ଯେଉଁଭଳି ଭାବେ ବନ୍ୟଜନ୍ତୁ ପଶି ନ ଆସିବେ ସେଥିପାଇଁ ନିର୍ମାଣ ହେବ ୱାଚ୍ ଟାୱାର। ଏଥିପାଇଁ ସରକାରଙ୍କ ଅନୁଦାନ ବି ଆସିଛି । ଟନେଲ କାମ ସରିଲାପରେ ୱାଚ୍ ଟାୱାର ନିର୍ମାଣ ହେବ । ଏଥିରେ ନିୟୋଜିତ ହେବେ ବନକର୍ମଚାରୀ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଉଚ୍ଛୁଳିଲା ସେୟାର ବଜାର

## ୨୫,୦୦୦ ଉପରେ ବନ୍ଦ ହେଲା ନିଫ୍ଟି, ନିବେଶକଙ୍କ ଲାଭ ୩ ଲକ୍ଷ କୋଟି ଟଙ୍କା

**ନୂଆଦିଲ୍ଲୀ, ୨୬।୫:** ଭାରତୀୟ ସେୟାର ବଜାରରେ ଲଗାତାର ଦ୍ୱିତୀୟ ଦିନରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ସେନସେକ୍ସ ୪୫୫ ଅଙ୍କ ଉପରକୁ ଉଠି ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ବଢ଼ି ପୁଣି ଥରେ ୨୫,୦୦୦ ଉପରେ ପହଞ୍ଚିଛି। ଆଇଟି ଓ ମେଟାଲ୍ ସେୟାରରେ ଆଜି ଜୋରଦାର କ୍ରୟ ଦେଖିବାକୁ ମିଳିଥିଲା। ଏହି କାରଣରୁ ନିବେଶକଙ୍କୁ ଆଜି ପ୍ରାୟ ୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ୟୁନିୟନ ଉପରେ ଟାରିଫ୍ ଲଗାଇବା ସମୟକୁ ବଢ଼ାଇଛନ୍ତି, ଯେଉଁଥି ପାଇଁ ଗ୍ଲୋବାଲ୍ ମାର୍କେଟ ସେଣ୍ଟିମେଣ୍ଟ ଭଲ ରହିଛି। ଏହା ବ୍ୟତୀତ ଭାରତ ଦୁନିଆର ଚତୁର୍ଥ ଅର୍ଥବ୍ୟବସ୍ଥା ହେବା ଓ ଆରବିଆଇ ଦ୍ୱାରା ରେକର୍ଡ ଲାଭାଂଶ ପ୍ରଦାନ ସେୟାର ମାର୍କେଟରେ ସେଣ୍ଟିମେଣ୍ଟକୁ ମଜଭୁତ କରିଛି। ବିଏସ୍ଇ ମିଡ୍‌କ୍ୟାପ୍ ଇଣ୍ଡେକ୍ସ ୦.୫୬ ଶତାଂଶ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ୦.୪୮ ପ୍ରତିଶତ ବଢ଼ିଛି। କାରବାର ଶେଷରେ ବିଏସ୍ଇ ସେନ୍‌ସେକ୍ସ ୪୫୫.୮ ଅଙ୍କ ବା ୦.୫୬ ପ୍ରତିଶତ ବଢ଼ି ୮୨,୧୭୬.୪୫ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ଏନ୍ଏସ୍ଇର ୫୦ ସେୟାର ବିଶିଷ୍ଟ ଇଣ୍ଡେକ୍ସ ୧୪୮ ଅଙ୍କ ବା ୦.୬୦ ପ୍ରତିଶତ ବଢ଼ି ୨୫,୦୦୧.୧୫ ସ୍ତରରେ ବନ୍ଦ ହୋଇଛି। ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ୍ କ୍ୟାପ୍ ମେ ୨୬ରେ ବଢ଼ି ୪୪୪.୮୧ ଲକ୍ଷ କୋଟି ଟଙ୍କା ହୋଇଛି, ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ଶୁକ୍ରବାର ୪୪୧.୯୬ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ୨.୮୫ ଲକ୍ଷ କୋଟି ଟଙ୍କା ବଢ଼ିଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କ ସମ୍ପତ୍ତି ୨.୮୫ ଲକ୍ଷ କୋଟି ଟଙ୍କା ବଢ଼ିଛି।

ବିଏସ୍ଇ ସେନ୍‌ସେକ୍ସର ୩୦ ସେୟାର ମଧ୍ୟରୁ ୨୨ ସେୟାର ଆଜି ସବୁଜ ସଂକେତ ଅର୍ଥାତ୍ ବୃଦ୍ଧି ସହ ବନ୍ଦ ହୋଇଛି। ଏଥିରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ସେୟାରରେ ୨.୧୭ ପ୍ରତିଶତର ସବୁଠୁ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ୮ ସେୟାର ଲାଲ୍ ସଂକେତରେ ବନ୍ଦ ହୋଇଛି। ଇଟର୍ନଲ ସେୟାର ସବୁଠୁ ଅଧିକ ୪.୫୧ ପ୍ରତିଶତ ହ୍ରାସ ସହ ଟପ୍ ଲୁଜର ହୋଇଛି।

## ଗହମ ସଂଗ୍ରହ ୪ ବର୍ଷରେ ସର୍ବାଧିକ



**ନୂଆଦିଲ୍ଲୀ, ୨୬।୫:** ଚଳିତ ରବି ଋତୁରେ କେନ୍ଦ୍ର ସରକାର ୨୯.୭ ନିୟୁତ ଟନ୍ ଗହମ ସଂଗ୍ରହ କରିଛନ୍ତି ଯାହା ଚାରି ବର୍ଷ ମଧ୍ୟରେ ସର୍ବାଧିକ। ଏହା ପୂର୍ବରୁ ୨୦୨୧-୨୨ରେ ଏଭଳି ରେକର୍ଡ ସଂଗ୍ରହ ହୋଇଥିଲା। ଅମଳ ଭଲ ହୋଇଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକଙ୍କୁ ବାଣ୍ଟିବା ଏବଂ ଦରବୃଦ୍ଧିର ମୁକାବିଲା କରିବା ଲାଗି ସରକାରଙ୍କ ପାଖରେ ଅଧିକ ଗହମ ମହଜୁଦ ରହିଛି। ୨୦୨୨-୨୩ରେ ୧୮.୮ ନିୟୁତ ଟନ୍, ୨୦୨୩-୨୪ରେ ୨୬.୨ ନିୟୁତ ଟନ୍ ଓ ୨୦୨୪-୨୫ରେ ୨୬.୬ ନିୟୁତ ଟନ୍ ଗହମ ସଂଗ୍ରହ କରାଯାଇଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ତଥ୍ୟ ଅନୁସାରେ ଗତବର୍ଷ ତୁଳନାରେ ଗହମ ସଂଗ୍ରହ ୧୩.୫ ପ୍ରତିଶତ ବଢ଼ିଛି। ଅନୁକୂଳ ପାଣିପାଗ ଓ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ଫସଲ ହାନି ହୋଇ ନ ଥିବାରୁ ଗହମ ଉତ୍ପାଦନରେ ବୃଦ୍ଧି ଘଟିଛି। ପଞ୍ଜାବରୁ ସର୍ବାଧିକ ୧୧.୯ ନିୟୁତ ଟନ୍ ଗହମ ସଂଗ୍ରହ କରାଯାଇଥିବା ବେଳେ ମଧ୍ୟପ୍ରଦେଶରୁ ୭.୭୭ ନିୟୁତ ଟନ୍, ହରିୟାଣାରୁ ୭.୧୪ ନିୟୁତ ଟନ୍, ରାଜସ୍ଥାନରୁ ୧.୮୩ ନିୟୁତ ଟନ୍ ଓ ଉତ୍ତରପ୍ରଦେଶରୁ ୧ ନିୟୁତ ଟନ୍ ଗହମ ସଂଗ୍ରହ କରାଯାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଗହମ ଚାଷୀଙ୍କୁ ସରକାର ପ୍ରୋତ୍ସାହନ ଦେଇଥିବାରୁ ଏହି ଦୁଇ ରାଜ୍ୟରେ ଗତବର୍ଷ ତୁଳନାରେ ଗହମ ସଂଗ୍ରହ ବୃଦ୍ଧି ପାଇଛି।

## 'ମାଲାବାର'ର ଓଡ଼ିଆ ବ୍ରାଣ୍ଡ୍ ଅଭିଯାନ



**ଭୁବନେଶ୍ୱର, ୨୬।୫(ସଂଚାର ବ୍ୟୁରୋ):** ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସ ପକ୍ଷରୁ ପ୍ରଥମ ଓଡ଼ିଆ ବ୍ରାଣ୍ଡ୍ ଅଭିଯାନ 'ଆମର ପରମ୍ପରା, ଆମର ମାଲାବାର' ଆରମ୍ଭ କରାଯାଇଛି। ଓଡ଼ିଆ ସିନେ ଅଭିନେତା ସବ୍ୟସାଚୀ ମିଶ୍ରଙ୍କୁ ନେଇ ପ୍ରସ୍ତୁତ ଏହି ଅଭିଯାନରେ ଓଡ଼ିଆ ପରମ୍ପରାରେ ସୁନାର ମହତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ଅଭିଯାନ ମାଲାବାରକୁ ପସନ୍ଦର ବ୍ରାଇଡାଲ୍ ଗହଣା ଓ ବିଶ୍ୱସନୀୟ ତଥା ଦାୟିତ୍ୱବାନ ଜୁଏଲର୍ସ ଭାବେ ଉପସ୍ଥାପନ କରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହି ଅଭିଯାନ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ ଏହି ବ୍ରାଣ୍ଡ୍ ଅଭିଯାନ ହେଉଛି ଉତ୍କୃଷ୍ଟ ସାଂସ୍କୃତିକ ଓ ଐତିହାସିକ ପରମ୍ପରା ଥିବା ଓଡ଼ିଶା ପ୍ରତି ଆମର ସମ୍ମାନ। ଏହି ଅଭିଯାନ ପାଇଁ ସବ୍ୟସାଚୀ ଆମର ସ୍ୱାଭାବିକ ପସନ୍ଦ ଥିଲେ। ସେହିପରି ସବ୍ୟସାଚୀ କହିଛନ୍ତି ଯେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର ଏହି ଚମତ୍କାର ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ଉପସ୍ଥାପନ କରିଥିବାରୁ ମୁଁ ଗର୍ବିତ ମନେ କରୁଛି।

## ୮୫% ନୂଆ ସ୍ମାର୍ଟଫୋନ୍ ୫ଜି

### ୮୦%ର ଦାମ୍ ୩୦ ହଜାର ଟଙ୍କାରୁ କମ୍



**ଭୁବନେଶ୍ୱର, ୨୬।୫(ସଂଚାର ବ୍ୟୁରୋ):** ଦେଶର ସ୍ମାର୍ଟଫୋନ୍ ବଜାର ଦ୍ରୁତ ଗତିରେ ୫ଜି ଆଡ଼କୁ ଅଗ୍ରସର ହୋଇଛି। ଟେଲିକମ୍ କମ୍ପାନିଗୁଡ଼ିକ ୫ଜି ସେବାକୁ ଦେଶର କୋଣଅନୁକୋଣରେ ପହଞ୍ଚାଇବା ପରେ ନୂଆ ସ୍ମାର୍ଟଫୋନ୍ କିଣୁଥିବା ଗ୍ରାହକମାନେ ଏବେ ୫ଜି ସ୍ମାର୍ଟଫୋନ୍‌କୁ ପସନ୍ଦ କରୁଛନ୍ତି। ଜଣେ ଶିଳ୍ପ ବିଶେଷଜ୍ଞଙ୍କ ମତରେ ବଜାରରେ ଏବେ ବିକ୍ରି ହେଉଥିବା ୮୫ ପ୍ରତିଶତ ସ୍ମାର୍ଟଫୋନ୍ ହେଉଛି ୫ଜି। ଚଳିତ ବର୍ଷ ଶେଷ ସୁଦ୍ଧା ଏହି ହାର ୯୦ ପ୍ରତିଶତରେ ପହଞ୍ଚିବ ବୋଲି ସେ ଆକଳନ କରିଛନ୍ତି। ସେହି ସମୟରେ ବିକ୍ରିରେ ୪ଜି ଫୋନ୍‌ର ଭାଗ ମାତ୍ର ୧୦ ପ୍ରତିଶତ ରହିଯିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଲାଭା ଇଣ୍ଟରନ୍ୟାସନାଲ୍‌ର ଉତ୍ପାଦ ମୁଖ୍ୟ ସୁମିତ ସିଂହ କହିଛନ୍ତି ଯେ ଦେଶରେ ବର୍ଷକୁ ୧୫ କୋଟିରୁ ଅଧିକ ସ୍ମାର୍ଟଫୋନ୍ ବିକ୍ରି ହେଉଛି। କୋଭିଡ୍ ମହାମାରୀ ପରଠାରୁ ବିକ୍ରିରେ ଆଉ ବୃଦ୍ଧି ହେଉନାହିଁ। ବାର୍ଷିକ ବିକ୍ରି ପ୍ରାୟ ସ୍ଥିର ହୋଇଯାଇଛି। ଏହା ପଛର କାରଣ ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ସ୍ମାର୍ଟଫୋନ୍‌ର ଜୀବନକାଳ ୨୪-୩୦ ମାସ ଥିଲା। ଏବେ ବିକ୍ରି ହେଉଥିବା ସ୍ମାର୍ଟଫୋନ୍‌ଗୁଡ଼ିକ ୪୨ ମାସ ପର୍ଯ୍ୟନ୍ତ ଚାଲୁଛି। ତେଣୁ ନିୟମିତ ବ୍ୟବଧାନରେ ଗ୍ରାହକଙ୍କୁ ଫୋନ୍ କିଣିବାକୁ ପଡୁନାହିଁ। ୨୦୨୩-୨୪ର ପ୍ରଥମ ତ୍ରୈମାସିକ ତୁଳନାରେ ୨୦୨୪-୨୫ର ସେହି ସମୟରେ ସ୍ମାର୍ଟଫୋନ୍ ବିକ୍ରି ୮ ପ୍ରତିଶତ କମିଛି ବୋଲି ସେ କହିଛନ୍ତି। କମ୍ପାନିର ନୂଆ ସ୍ମାର୍ଟଫୋନ୍ ସାର୍କ ୫ଜି ଉନ୍ମୋଚନ କରିବା ଅବସରରେ ସେ କହିଥିଲେ ଯେ ଏବେ ବଜାରରେ ବିକ୍ରି ହେଉଥିବା ସର୍ବାଧିକ ୨୫ ପ୍ରତିଶତ ସ୍ମାର୍ଟଫୋନ୍‌ର ଦାମ୍ ୧୦-୧୫ ହଜାର ଟଙ୍କା ମଧ୍ୟରେ ରହିଛି। ୧୯ ପ୍ରତିଶତ ସ୍ମାର୍ଟଫୋନ୍‌ର ଦାମ୍ ୧୦ ହଜାର ଟଙ୍କାରୁ କମ୍ ଥିବା ବେଳେ ୧୮-୧୦ ପ୍ରତିଶତର ଦାମ୍ ୧୫-୨୦ ହଜାର ଟଙ୍କା ରହିଛି। ଦେଶରେ ବିକ୍ରି ହେଉଥିବା ୮୦ ପ୍ରତିଶତ ଫୋନ୍‌ର ଦାମ୍ ୩୦ ହଜାର ଟଙ୍କାରୁ କମ୍ ଥିବା ସେ କହିଛନ୍ତି।

ଓଡ଼ିଶା ବଜାର ସମ୍ପର୍କରେ ସେ କହିଥିଲେ ଯେ ଦେଶର ବିକ୍ରି ପ୍ରତି ଓଡ଼ିଶା ବଜାରର ଭାଗ ପ୍ରାୟ ୫ ପ୍ରତିଶତ ରହିଛି। ଏଠାରେ ବର୍ଷକୁ ୭୫ ଲକ୍ଷରୁ ଅଧିକ ସ୍ମାର୍ଟଫୋନ୍ ବିକ୍ରି ହେଉଛି। ଫିଚର୍ ଫୋନ୍ ପାଇଁ ଓଡ଼ିଶା ମଧ୍ୟ ଏକ ବହୁତ ଭଲ ବଜାର ବୋଲି ସେ କହିଛନ୍ତି।

## ଆସିବ ବର୍ଷକିଆ ଫାସ୍‌ଟ୍ୟାଗ୍ ପାସ୍

**ନୂଆଦିଲ୍ଲୀ, ୨୬।୫:** ରାଜପଥ ବ୍ୟବହାର କରୁଥିବା ଗାଡ଼ି ମାଲିକଙ୍କ ଶୁଳ୍କ ବୋଝ କମ୍ କରିବା ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଫାସ୍‌ଟ୍ୟାଗ୍‌ର ବାର୍ଷିକ ପାସ୍ ଆଣିବା ଉପରେ ବିଚାର କରୁଛନ୍ତି। ତିନି ହଜାର ଟଙ୍କାରେ ସେହି ପାସ୍ ମିଳିବ। ତାହା ଜରିଆରେ ଟୋଲ୍ ଗେଟ୍‌ଗୁଡ଼ିକରେ ଅସୀମିତ ଥର ଯାତ୍ରା କରିହେବ। ଫଳରେ ପ୍ରତି ଥର ଟୋଲ୍ ଗେଟ୍‌ରେ ଯିବା ବେଳେ ଫାସ୍‌ଟ୍ୟାଗ୍‌ରେ ବାଲାନ୍ସ ଅଛି ନା ନାହିଁ ବା ତାହା କାମ କରିବ ନାହିଁ ଭଳି ଲୋକଙ୍କ ମନରେ ଯେଉଁ ଉଦ୍‌ବେଗ ରହୁଛି, ତାହା ଦୂର ହେବ।



### ୩୦୦୦ ଟଙ୍କାରେ ଅସୀମିତ ଯାତାୟାତ ସୁଯୋଗ

ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତ କରୁଛି ଯେଉଁଥିରେ ଗାଡ଼ି ମାଲିକଙ୍କୁ ଦୁଇ ପ୍ରକାର ବିକଳ୍ପ ପ୍ରଦାନ କରାଯିବ। ରାଜପଥ ବ୍ୟବହାରର ଦୂରତା ଅନୁସାରେ ଟୋଲ୍ ଦେବେ ନା ବାର୍ଷିକ ପାସ୍ ନେବେ ତାହା ପଚରାଯିବ। ବାର୍ଷିକ ପାସ୍ ଘରୋଇ ଗାଡ଼ି ମାଲିକଙ୍କୁ ପ୍ରଦାନ କରାଯିବ। ଯେଉଁମାନେ ବାର୍ଷିକ ପାସ୍ ଚୟନ କରିବେ ନାହିଁ, ସେମାନଙ୍କୁ ଦୂରତା ଆଧାରିତ ଶୁଳ୍କ ଦେବାକୁ ପଡ଼ିବ। ଅର୍ଥାତ ୧୦୦ କିମି ପାଇଁ ୫୦ ଟଙ୍କା। ବର୍ତ୍ତମାନ ପ୍ରଚଳନରେ ଥିବା ଟୋଲ୍ ବ୍ୟବସ୍ଥା ସ୍ଥାନରେ ପରିବର୍ତ୍ତିତ ବ୍ୟବସ୍ଥା ଲାଗୁ କରାଯିବ। କିଛି ମାସ ପୂର୍ବରୁ ୧୫ ବର୍ଷ ପାଇଁ ୩୦ ହଜାର ଟଙ୍କାର ଟୋଲ୍ ଶୁଳ୍କ ସମ୍ପର୍କିତ ଆସିଥିବା ଏକ ପ୍ରସ୍ତାବକୁ ସରକାର ଖାରଜ କରିଥିଲେ। ତେବେ ଏବେ ସରକାର ଯେଉଁ ନୂଆ ନୀତି ପ୍ରସ୍ତୁତ କରୁଛନ୍ତି, ସେଥିରେ ଟୋଲ୍ ବୁଥ୍‌ଗୁଡ଼ିକୁ ଉଚ୍ଛେଦ କରିବା ଯୋଜନା ରହିଛି। ଏହା ବଦଳରେ ସେନ୍‌ସର୍ ଆଧାରିତ ଡିଜିଟାଲ୍ ଟୋଲ୍ ବ୍ୟବସ୍ଥା ଲାଗୁ ହେବ। ଜିପିଏସ୍ ଓ ସ୍ୱୟଂକ୍ରିୟ ଯାନ ଟ୍ରାକିଂ ବ୍ୟବସ୍ଥାକୁ ମିଶାଇ ଏହି ନୂତନ ବ୍ୟବସ୍ଥା ଲାଗୁ କରାଯିବ। ଦେଶରେ ଉପଗ୍ରହ ଆଧାରିତ ଟୋଲ୍ ବ୍ୟବସ୍ଥା ଲାଗୁ କରାଯିବା ନେଇ ଦୀର୍ଘଦିନରୁ ଆଲୋଚନା ହେଉଛି। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଏନେଇ ଅନେକ ଥର ଆଲୋଚନା କରିଛନ୍ତି। ଭବିଷ୍ୟତରେ ରାଜପଥରେ ଆଉ ଟୋଲ୍ ବୁଥ୍ ରହିବ ନାହିଁ ବୋଲି ମଧ ସେ କହିଥିଲେ। ଦେଶରେ ଫାସ୍‌ଟ୍ୟାଗ୍ ବ୍ୟବସ୍ଥା ଲାଗୁ ହେବା ପରେ ଟୋଲ୍ ପ୍ଲାଜାରେ ଗାଡ଼ିଗୁଡ଼ିକର ଅଟକିବା ସମୟ ଯଦିଓ ପୂର୍ବ ବ୍ୟବସ୍ଥା ତୁଳନାରେ କମ୍ ହୋଇଛି, କିନ୍ତୁ ଏବେବି ଅନେକ ସ୍ଥାନରେ ଭିଡ଼ ଦେଖିବାକୁ ମିଳୁଛି। କିନ୍ତୁ, ଟୋଲ୍ ସଂଗ୍ରହରେ ବ୍ୟାପକ ଉନ୍ନତି ହୋଇପାରିଛି।

## ଚୀନ୍ ପାଇଁ ମୁଣ୍ଡବ୍ୟଥା ଭାରତୀୟ ଫାର୍ମା କମ୍ପାନୀ

**ନୂଆଦିଲ୍ଲୀ, ୨୬।୫:** ଭାରତୀୟ ଫାର୍ମା ଶିଳ୍ପ ବର୍ତ୍ତମାନ ଚୀନକୁ କଡ଼ା ଟକ୍କର ଦେଉଛି। ଆମେରିକା ଏବଂ ଚୀନ ମଧ୍ୟରେ ଜୋରଦାର ହୋଇଥିବା ବାଣିଜ୍ୟ ଯୁଦ୍ଧରୁ ଭାରତୀୟ ଫାର୍ମା ଶିଳ୍ପକୁ ଲାଭ ମିଳୁଛି। ଏହି କ୍ରମରେ କମ୍ପାନି ଗୁଡ଼ିକ ଏବେ ସେମାନଙ୍କ ଅପରେସନକୁ ଜୋରଦାର କରିଛନ୍ତି। ବର୍ତ୍ତମାନ ଅନେକ ଭାରତୀୟ ଫାର୍ମା କମ୍ପାନି ବିଦେଶୀ କମ୍ପାନିଙ୍କ ସହ ଡିଲ୍ କରୁଛନ୍ତି। ମୋଟାମୋଟି ଭାବେ କହିବାକୁ ଭାରତୀୟ ଫାର୍ମା ଶିଳ୍ପ ଚୀନ ଲାଗି ମୁଣ୍ଡ ବିନ୍ଧା ପାଲଟିଥିବା କୁହାଯାଉଛି।

ଇକୋନୋମିକ ଟାଇମ୍ସର ଏକ ରିପୋର୍ଟ ମୁତାବକ, ସୁବେନ ଫାର୍ମାର ଅଧକ୍ଷ ବିକେଶ ଶର୍ମା ନିକଟରେ ଏକ ବଡ ଡିଲ ଲାଗି ବିଦେଶୀ କମ୍ପାନିଙ୍କ ସହ ଆଲୋଚନା କରିଛନ୍ତି। ଏହି କମ୍ପାନି ଔଷଧ ପ୍ରସ୍ତୁତିରେ ଆବଶ୍ୟକୀୟ ଜରୁରୀ ସାମଗ୍ରୀ ଉତ୍ପାଦନ କରୁଛି। ହାଇଦ୍ରାବାଦ ଭିତ୍ତିକ ଏହି କମ୍ପାନି ନୂଆ ଟେକ୍ନୋଲୋଜି ଉପରେ କାମ କରୁଥିବା ଏକ କମ୍ପାନିଙ୍କୁ ଅଧିଗ୍ରହଣ କରିବାକୁ ଚାହୁଁଛି। ଏହା ଦ୍ୱାରା ଆମେରିକା, ୟୁରୋପର ବିଭିନ୍ନ ଦେଶ ଗୁଡ଼ିକରେ ଏହାର ସାମଗ୍ରୀ ଦ୍ୱାରା ଉପସ୍ଥିତି ଦୃଢ଼ କରିବ।

ଏହା ପୂର୍ବରୁ ଡିସେମ୍ବରରେ ସୁବେନ ଏନର୍ଜି ବାୟୋ ଇଙ୍କର ଅଧିକାଂଶ ଅଂଶଧନ କ୍ରୟ କରିଥିଲା। ଏହି କମ୍ପାନି ଆମେରିକାର ପ୍ରିନ୍ସଟନରେ ରହିଛି। ଏହା ଏକ ରିସର୍ଚ୍ଚ କମ୍ପାନି ହୋଇଥିବା ବେଳେ କର୍କଟ ଔଷଧ ପ୍ରସ୍ତୁତ କରୁଛି। ସୁବେନ ଏହି କମ୍ପାନିକୁ ୬୫ ନିୟୁତ ଡଲାରରେ କ୍ରୟ କରୁଛି। ଏହି ଡିଲ୍ ଦ୍ୱାରା ସୁବେନ କଣ୍ଟ୍ରାକ୍ଟ ଡେଭଲପମେଣ୍ଟ ଆଣ୍ଡ୍ ମାନୁଫାକଚରିଂ ଅର୍ଗାନାଇଜେସନ (ସିଡିଏମ୍‌ଓ) ବଜାରରେ ଏକ ପ୍ରମୁଖ କମ୍ପାନି ଭାବେ ଉଭା ହେବ।

ସିଡିଏମ୍‌ଓ ବର୍ଗର କମ୍ପାନିଗୁଡ଼ିକ ସାଧାରଣତଃ ଅନ୍ୟ କମ୍ପାନି ଲାଗି ମେଡିସିନ ପ୍ରସ୍ତୁତ କରିଥାନ୍ତି। ଏହା ସହ ମେଡିସନ ଗୁଡ଼ିକର ବଜାରରେ ପହଞ୍ଚ ଉପରେ ମଧ ଏହି ବର୍ଗର କମ୍ପାନି କାମ କରିଥାନ୍ତି। ଏହା ମଧ୍ୟରେ ବାୟୋକନ କମ୍ପାନି ସିଞ୍ଜିନ ଇଣ୍ଟରନ୍ୟାଶନାଲ ଆମେରିକାର ୱାଲ୍ଟିମୋରରେ ଏମର୍ଜେଣ୍ଟ ବାୟୋସଲ୍ୟୁଶନ ନାମକ ଏକ କମ୍ପାନିକୁ କ୍ରୟ କରିଛି। ଏହି କମ୍ପାନି ପ୍ରୋଟିନ ଏବଂ ଜିନ ଭଳି ବର୍ଗରେ ମେଡିସିନ ପ୍ରସ୍ତୁତ କରୁଛି। ୩୬.୫ ନିୟୁତ ଡଲାରରେ ଏହି ଡିଲ୍ ହୋଇଛି। ସିଞ୍ଜିନ ଇଣ୍ଟରନ୍ୟାଶନାଲର ଏମ୍‌ଡି ତଥା ସିଇଓ ପିଟର ଭ୍ୟାନ୍ସ କହିଛନ୍ତି, ଏହି ଡିଲ ଦ୍ୱାରା ଆମେରିକା ବଜାରରେ ଉପସ୍ଥିତି ଦୃଢ଼ କରିବାରେ ସହାୟକ ହେବ। ଏବେ ଭାରତର ସିଡିଏମ୍‌ଓ ଗୁଡିକ ପାଶ୍ଚାତ୍ୟ ଦେଶର ପ୍ରମୁଖ କମ୍ପାନିଗୁଡ଼ିକ ଲାଗି ମେଡିସନ ପ୍ରସ୍ତୁତ କରୁଛନ୍ତି। ସେହିଭଳି ଆମେରିକା ଏବଂ ୟୁରୋପ ଭିତ୍ତିକ କମ୍ପାନି ଗୁଡିକୁ ଅଧିଗ୍ରହଣ କରି ନିଜ କ୍ଷମତା ବୃଦ୍ଧି କରୁଛନ୍ତି। ପ୍ରକ୍ରିୟା ସହ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭାରତୀୟ ଫାର୍ମା କମ୍ପାନିଗୁଡିକ ବିଦେଶୀ କମ୍ପାନି ଅଧିଗ୍ରହଣ ସୁଯୋଗ ହାତଛଡା କରିବାକୁ ଚାହୁଁନାହାନ୍ତି। କର୍କଟ, ଜୀନଥେରାପି ଏବଂ ବାୟୋଲୋଜି ଭଳି ବର୍ଗର କମ୍ପାନିଙ୍କ ଉପରେ ସେମାନଙ୍କ ନଜର ରହିଛି। ଚୀନ ଉପରେ ଏବେ ବିଶ୍ୱ ବଜାର କମ୍ପାନିଗୁଡ଼ିକ ନିର୍ଭରତା କମାଇବାକୁ ଚାହୁଁଛନ୍ତି। ଆମେରିକା ଏବଂ ଚୀନ ମଧ୍ୟରେ ଲାଗି ରହିଥିବା ସଙ୍କଟ ଯୋଗୁ କମ୍ପାନି ଗୁଡ଼ିକ ଚୀନ ବାହାରେ ଏକ ବିକଳ୍ପ ବଜାର ଉପରେ ନଜର ରଖିଛନ୍ତି। ଲୋଏଷ୍ଟ୍ରୋ ନାମକ ଏକ କନସଲଟିଂ ଫାର୍ମ ଅନୁସାରେ ପାଶ୍ଚାତ୍ୟ ଦେଶ ଗୁଡ଼ିକ ନିଜ ଦେଶରେ ଫ୍ୟାକ୍ଟ୍ରି ସ୍ଥାପନ କରୁଛନ୍ତି। ଏହା ଦ୍ୱାରା ଉଭୟ ଅନୁପାଳନ ଏବଂ ଯେଭଳି ମେଡିସିନ ଯୋଗାଣରେ କୌଣସି ସମସ୍ୟା ରହିବ ନାହିଁ।



### ଆମେରିକା, ୟୁରୋପରେ ବଦ୍‌ବଦବା ବଢ଼ାଇଛନ୍ତି

## ଓଡ଼ିଶା ସୁନା ଦର



ଆଜି ଦେଶର ବିଭିନ୍ନ ସହରରେ କମିଛି ସୁନା ଦର। ଜାଣନ୍ତୁ କେଉଁ ସହରରେ କଣ ଅଛି ସୁନା ମୂଲ୍ୟ। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର କମିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୦୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୮୯୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୦୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୮୯୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୦୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୮୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୦୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୦୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୮୯୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୦୭୦ ଓ ୮୯, ୮୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

## ଓଡ଼ିଶା ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦.୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି।

### ଫାଷ୍ଟଫୁଡ଼ ଦୋକାନୀଙ୍କ କବଜାରେ ବ୍ଲକ ଛକ

# ଟ୍ରାଫିକ ସମସ୍ୟାରେ ବେହାଲ ଲୋକେ

**ବାଲିଆପାଳ,୨୬।୫ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଛକରେ ଛତୁଫୁଟିଲା ପରି ଫାଷ୍ଟ ଫୁଡ଼ ଦୋକାନ ଖୋଲିଛି।ଯାହାକି ବ୍ଲକ ଛକ ରାସ୍ତା ପାଇଁ ଟ୍ରାଫିକ ସମସ୍ୟା ବଢ଼ାଉଛି।ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଶାସନ ନାକ ତଳେ ଏହିପରି ଦୋକାନର ପସରା ମେଲାଇ ବସିଛନ୍ତି।କାହାର ନଜର ନାହିଁ କି କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ।ଟ୍ରାଫିକ ସମସ୍ୟା ଯେତେ ବେହାଲ ହେଲେବି

**ପ୍ରଶାସନ ନାକ ତଳେ ଏପରି ସମସ୍ୟା କାହାର ନଜର ପଡୁନି**



ପୁଲିସ ନିରବଦ୍ରଷ୍ଟା।ବ୍ଲକ ଛକରେ ଥିବା ଇନ୍ଦିରା ଶିଶୁ ଉଦ୍ୟାନ କଡ଼କୁ ପୂର୍ବରୁ କିଛି ଫାଷ୍ଟଫୁଡ଼ ଦୋକାନ ଥିଲା।ମାତ୍ର ଏହିପାର୍କ ଭିତରେ ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତି ଙ୍କ ପ୍ରତିମୂର୍ତ୍ତି ସ୍ଥାନ ପରେ ପାର୍କ କଡ଼ରୁ ଫାଷ୍ଟ ଫୁଡ଼ ଦୋକାନ ଗୁଡିକୁ ଉଠାଇ ଦେବାପରେ ଏବେ ପୂର୍ବରୁ ଯେତିକି ଦୋକାନ ଥିଲା ତା ଠାରୁ ଚାରିଗୁଣ ଫାଷ୍ଟଫୁଡ଼ ଦୋକାନ ଗୁଡ଼ିକ ବ୍ଲକ ଫାଟକ ଠାରୁ ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ସବୁ ପ୍ରକାର ଫାଷ୍ଟ ଫୁଡ଼ ଚିକେନ୍ ପକୁଡ଼ା, ଗୁପ ଚୁପ, ଚାଉମିନ, ମକା ମସଲା, ତେଲ ଭାଜି, ବରା ଆଳୁଦମ, ଘୁଗୁନି, ମମ୍ପସ, ରୋଲ ପରି କେତେ ପ୍ରକାରର ଭେଜ ଓ ନନଭେଜ ଫାଷ୍ଟ ଫୁଡ଼ ଦୋକାନ ବସିଛି। ପ୍ରତି ଦିନ ଦିନ ୪ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ଭିଡ଼ ଲାଗି ରହୁଛି।ରାସ୍ତା ଉପରେ ଦୁଇ କଡ଼ରେ ଫାଷ୍ଟଫୁଡ଼ ଦୋକାନ ଆଗରେ ଲୋକମାନେ ଛିଡା ହୋଇ ଯିବା ଫଳରେ ଆଉ ଯାଆସ କରିବା ପାଇଁ ରାସ୍ତା ନାହିଁ।ଫଳରେ ମୁଖ୍ୟ ରାସ୍ତା ପୁରା ଜାମ।ଏହି ରାସ୍ତାରେ ଏକା ଥରକେ ଦୁଇ ପଟରୁ ୪ଚକିଆ ଯାନ କି ବଡ଼ ଗାଡି ଆସିଲେ ବହୁ ସମୟ ଧରି ରାସ୍ତା ଜାମ ରହୁଛି।ସମୟ ସମୟରେ ଆମ୍ବୁଲାନ୍ସ କି ଅନ୍ୟ ଜରୁରୀ ଗାଡି ଆସିଲେ ରାସ୍ତାରେ ପାଶ କରିବା ମୁସ୍କିଲ ବ୍ୟାପାର ହେଉଛି।ଏଥି ସହିତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ନାଳରେ ଅଳିଆ ଆବର୍ଜନା ପକାଇ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି।ଏହି ଫାଷ୍ଟ ଫୁଡ଼ ଦୋକାନରେ ବିକ୍ରୀ ହେଉଥିବା ଖାଦ୍ୟର ମାନ ତନଖି ହେବା ଜରୁରୀ।ପ୍ରଶାସନ ଏହି ଦୋକାନ ଗୁଡିକୁ ଏକ ସ୍ୱତନ୍ତ୍ର ସ୍ଥାନରେ ବସାଇବା ଉଚିତ ବୋଲି ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।ଏଥି ସହିତ ବାଲିଆପାଳ ବସ ଷ୍ଟାଣ୍ଡ ପାଖରୁ ପାରୁଳିଆ ଛକ ପର୍ଯ୍ୟନ୍ତ ସ୍ଥାୟୀ ବ୍ୟବସାୟ ମାନେ ରାସ୍ତା ଉପରକୁ ଦୋକାନ ମେଲାଇ ବସିଛନ୍ତି।ଏଦିଗରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଦାବୀ ହେଉଛି।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଏସପିଙ୍କୁ ଭେଟିଲେ

● ମୁଖ୍ୟମନ୍ତ୍ରୀଙ୍କୁ ଦେଲେ ଦାବିପତ୍ର



**ସୁବର୍ଣ୍ଣପୁର,୨୬।୫ (ସଂଚାର ବ୍ୟୁରୋ):** ଗତ ୨୨ ତାରିଖ ରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ବ୍ଲକ କୁଲଥି ପାଲି ଗାଁ ରେ ସାମ୍ବାଦିକ ବିଜୟ ପ୍ରଧାନ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ତାଙ୍କୁ କଙ୍ଗାରୁ କୋର୍ଟ ମାଧ୍ୟମରେ ମରଣାନ୍ତକ ଆକ୍ରମଣ ଘଟଣା ଓ ଗଣ ମାଧ୍ୟମର କଣ୍ଠରୋଧ ଭଳି ଏକ ସ୍ପର୍ଶକାତର ଘଟଣା ପ୍ରସଙ୍ଗକୁ ଦୃଢ଼ ନିନ୍ଦା କରିଛନ୍ତି ସୁବର୍ଣ୍ଣପୁରର କାର୍ଯ୍ୟରତ ସାମ୍ବାଦିକ। ଦୋଷୀ ଠିକାଦାର ଓ ତାଙ୍କ ପୁତୁରା ଓ ସହଯୋଗୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଆଜି ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ତଦନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ଗଣତନ୍ତ୍ର ଓ ଦେଶର ସୁରକ୍ଷା ପାଇଁ ସାମ୍ବାଦିକଙ୍କୁ ସ୍ୱାଧୀନ ଓ ନିର୍ଭୀକ ଭାବେ କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ରାଜ୍ୟ ସରକାର ଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାମ୍ବାଦିକ ମାନେ ଯୋଗ ଦେଇ ଦୃଢ଼ ନିନ୍ଦା କରିବା ସହ ସଂପୃକ୍ତ ଠିକାଦାର ଙ୍କୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ଆଗାମୀ ଦିନରେ ଧାରଣା ଓ ପ୍ରତିବାଦ ସଭା ପୁଣି ହେବାକୁ ନିଷ୍ପତ୍ତି ନିଆଯାଇଥିଲା।

# ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳିଲେ ସଧବା

**ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଦେବାଳୟରେ ଶ୍ରଦ୍ଧାଳୁଙ୍କ ଭିଡ଼**



**କାକଟପୁର/ଅସ୍ତରଙ୍ଗ,୨୬।୫ (ସଂଚାର ବ୍ୟୁରୋ):** ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ଘରର ପରମ୍ପରା ଅନୁସାରେ ବିବାହିତ ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରନ୍ତି। ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା କରି ସଧବା ନାରୀମାନେ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ସାବିତ୍ରୀ ବ୍ରତ ପାଳନ କରନ୍ତି। ହିନ୍ଦୁ ମହିଳାମାନେ ପ୍ରତିବର୍ଷ ଏହି ଦିନକୁ ବଡ଼ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି। ପରମ୍ପରା ଅନୁସାରେ ଓଷା ପାଇଁ ମହିଳାମାନେ ନୂଆ ଶାଢ଼ୀ, ଚୁଡ଼ି, ଫଳମୂଳ, ପୂଜା ସାମଗ୍ରୀ ଧରି ମନ୍ଦିର ଯାଇ ପୂଜାର୍ଚ୍ଚନା କରନ୍ତି। କେହି କେହି ଘରେ ବ୍ରାହ୍ମଣଙ୍କୁ ଡାକି ପୂଜା କରନ୍ତି। ହାତରେ ଭୋଗ ମନରେ ଉତ୍ସାହ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଓ ଅଳତା ଧରି ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳ ର ବିଭିନ୍ନ ଦେବାଳୟ ଆଗରେ ସଧବା ମହିଳାଙ୍କ ଭିଡ଼। ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ସାବିତ୍ରୀ ପାଳୁଛନ୍ତି ମହିଳା। ହିନ୍ଦୁ ଶାସ୍ତ୍ର ପୌରାଣିକ କଥା ବସ୍ତୁ ଆଧାର ରେ ବିଭିନ୍ନ ମନ୍ଦିରରେ ପୂଜା କରି ମନାସୁଛନ୍ତି ସ୍ୱାମୀର ମଙ୍ଗଳ। ଆଜୀବନ ସଧବା ରହିବାକୁ ନାରୀ ମାନେ ସାବିତ୍ରୀ, ସତ୍ୟବାନ ଓ ଯମ ଦେବ ଙ୍କୁ ପୂଜା କରିଥାନ୍ତି। ଆଜି ସାବିତ୍ରୀ ବ୍ରତଧାରୀ ମହିଳା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ମୁଦୁଗଲ ଗ୍ରାମର ସିଦ୍ଧେଶ୍ୱର ମନ୍ଦିର ପରିସରରେ ଥିବା ସତ୍ୟବାନ ସାବିତ୍ରୀ ମନ୍ଦିର ରେ ସକାଳୁ ସକାଳୁ ମହିଳା ଙ୍କ ପ୍ରବଳ ଭିଡ଼ ଜମିଥିଲା।ମନ୍ଦିର ପୂଜାର୍ଚ୍ଚନା କରିବା ସହ ଘରେ ସ୍ୱାମୀ ଙ୍କୁ ପୂଜା କରି ଦିନ ତମାମ ଫଳାହାର କରି ସ୍ୱାମୀର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରୁଛନ୍ତି ସଧବା ମହିଳା।ସ୍ୱାମୀର ମଙ୍ଗଳ ମନାସୀ ବ୍ରତ ପାଳୁଛନ୍ତି ସଧବା। ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦେବାଳୟ ସହ କାକଟପୁର ଅଞ୍ଚଳ ପ୍ରସିଦ୍ଧ ଶୈବ ପୀଠ ସମେଶ୍ୱର ନିକଟରେ ପୂଜାର୍ଚ୍ଚନା କରିବାକୁ ଯାଇଥିଲେ ସଧବା ମହିଳା ମାନେ। ନୂଆ ଶାଢ଼ୀ, ଶଙ୍ଖା, ସିନ୍ଦୁର ଅଳତା ବିଭିନ୍ନ ପ୍ରକାର ଫଳ ନେଇ ପୂଜାର୍ଚ୍ଚନା କରିଥିଲେ। ଘରେ ଘରେ ବି ସାବିତ୍ରୀ ଙ୍କ ପ୍ରତିମା ଗଢ଼ି ବ୍ରତ କଥା ଗାଇ ପୂଜା କରିଛନ୍ତି ସଧବା ନାରୀ। ବିଶେଷ କରି ଆମ୍ବ, ପଣସ, ନଡ଼ିଆ, କାକୁଡି ଆଦି ଦେଶୀ ଫଳ ପୂଜା କରିଛନ୍ତି। ଏ ବ୍ରତ କଥା ବାର୍ତ୍ତା ହେଉଛି ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏ ସାବିତ୍ରୀ ନାମ ସ୍ମରଣ କରି ବ୍ରତ କରିବ ସେ ଜନ୍ମେ ଜନ୍ମେ ସଧବା ରହିବ ବୋଲି ବିଶ୍ୱାସରହିଛି। ସାବିତ୍ରୀ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁ ଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଶାନ୍ତିସେନା କିନ୍ନର ସଂଘ ପାଳିଲେ ସାବିତ୍ରୀ ଓଷା



**ଯାଜପୁର ରୋଡ଼, ୨୬।୫(ସଂଚାର ବ୍ୟୁରୋ):** ଓଡ଼ିଆ ବିବାହିତା ନାରୀ ମାନଙ୍କ ପାଇଁ ସାବିତ୍ରୀ ବ୍ରତ ହେଉଛି ଶ୍ରେଷ୍ଠ ବ୍ରତ।ଏହା ଜ୍ୟେଷ୍ଠ ଅମାବାସ୍ୟାରେ ପାଳିତ ହୋଇଥାଏ। ଏହି ଦିନ ପ୍ରତେକ ସ୍ତ୍ରୀ ତାଙ୍କ ସନ୍ତାନ ସୁଖ, ଆଜୀବନ ସ୍ୱାମୀ ସୁହାଗ ସୁଖ, ପରିବାରର ଅନ୍ୟମାନଙ୍କ ପ୍ରତି ପ୍ରୀତିଭାଜନ ସୁଖ ଲୋଡିଥାନ୍ତି ତଥା ଗୁରୁଜନ ମାନଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏହି ବ୍ରତରେ ସାବିତ୍ରୀ ମାନେ ଉପବାସ ରହି ସତ୍ୟବାନ ମାନଙ୍କୁ ପୂଜା କରି ତାଙ୍କ ଠାରୁ ଆଶିଷ ଭିକ୍ଷା ଲାଭ କରିଥାନ୍ତି। ଏଭଳି ବ୍ରତକୁ ମଧ୍ୟ ଆଜି ବ୍ୟାସନଗର ପୌରାଅଞ୍ଚଳ ସହରରେ ଥିବା ଶାନ୍ତି ସେନାର କିନ୍ନର ମାନେ ପଦ୍ମପୁର ନିକଟସ୍ଥ ପନାସିଆ ଅଞ୍ଚଳରେ ନିଜ ଆତ୍ମୀୟସ୍ୱଜନ, ଗୁରୁଜନ, ନିଜ ସଂଗଠନ ମଧ୍ୟରେ ପାଳନ କରିଛନ୍ତି। ଏଥି ସହିତ ସକାଳୁ ସୁଜ୍ଞାନି ପଣ୍ଡିତ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ, ହୋମପୂଜା, ରୀତିନୀତି ଓ ସୂର୍ଯ୍ୟପୂଜା କରି ନିଜ ନିଜ ଗୁରୁଜନ ମାନଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି। ସମସ୍ତ କିନ୍ନର ମାନେ ନୂତନ ଶାଢ଼ୀ ପରିଧାନ କରିବା ସହିତ ହାତରେ ବ୍ରତ ବାନ୍ଧି ଏହି ଓଷାକୁ ପାଳନ କରିଛନ୍ତି। ସଙ୍ଘର ସଭାପତି କାଜଲ ନାୟକ, ସମ୍ପାଦକ ଲଭଲି ସାହୁ'ଙ୍କ ସମେତ ସପନି, ବେବି ପାତ୍ର, ରୋସନୀ ସିଂ, ରାଣୀ, ଚିନୁ ସାହୁ, ଡ଼ାଏନା, ରିଙ୍କି, ପିଙ୍କି, ସୋହିନୀ, ଶୁଭମ୍ ଓ ଅନ୍ୟ କିନ୍ନର ମାନଙ୍କ ଉପସ୍ଥିତିରେ 'ଦେବା, ଦେବି'ଙ୍କୁ ପୂଜାର୍ଚ୍ଚନା କରି ଏହି ପର୍ବକୁ ପାଳନ କରିଛନ୍ତି।

### ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ

## ଉପ ବିଧି ପ୍ରକାରେ ନୂତନ ଗ୍ରାମ୍ୟ କମିଟି ଗଠନ

**କେସିଙ୍ଗା, ୨୬।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଯୋରାଡବରା ଅଧିନରେ ଥିବା କେସିଙ୍ଗା, କର୍ଲାମୁଣ୍ଡା, ମ.ରାମପୁର ଓ ନର୍ଲା ବ୍ଲକ ଅଞ୍ଚଳର ସମସ୍ତ ଗ୍ରାମରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ନୂତନ ଗ୍ରାମ୍ୟ କମିଟି ଗୁଡ଼ିକ ଗଠନ ପ୍ରକ୍ରିୟା ଜାରି ରହିଛି । ସମାଜର ଉପ ବିଧି ପ୍ରକାରେ ଜିଲ୍ଲା ପର୍ଯ୍ୟବେକ୍ଷକମାନଙ୍କ ଉପସ୍ଥିତିରେ ନୂତନ ଗ୍ରାମ୍ୟ କମିଟି ଗଠନ ପ୍ରକ୍ରିୟା କରାଯାଉଛି। ଏହା ପୂର୍ବରୁ ପ୍ରଥମେ ସମାଜ ସଂସ୍କାର ସମ୍ପର୍କିତ ଆଲୋଚନା କରାଯାଇ ସମାଜର ନୀତି ନିୟମ ଗୁଡ଼ିକ କିପରି କଡ଼ାକଡ଼ି ଭାବେ ପାଳନ ହୋଇପାରିବ ସେ ଉପରେ ନିର୍ଦ୍ଧାରଣ କରାଯାଉଥିବା ନେଇ ଜଣାପଡ଼ିଛି । ଗ୍ରାମ୍ୟ କମିଟି ଗଠନରେ ସମାଜ ପାଇଁ କାମ କରିବାକୁ ଆଗ୍ରହୀ ଯୁବକ ଓ ମହିଳାମାନଙ୍କୁ ସାମିଲ୍ କରିବା ଉପରେ ଗୁରୁତ୍ୱ ଦିଆଯାଇ ୫ଜଣ ଲେଖାଏଁ ମହିଳା ଓ ଯୁବକଙ୍କୁ ଗ୍ରାମ୍ୟ କମିଟିରେ ନିଆଯାଇଛି। ସେହିପରି ସମୟ ଦେଇପାରୁଥିବା ଉପଯୁକ୍ତ ସମାଜସେବୀଙ୍କୁ ଗ୍ରାମ୍ୟ କମିଟିର ସୁପାରିଶରେ ସମାଜର ବିଭିନ୍ନ ଉଚ୍ଚସ୍ତରୀୟ କମିଟି ସଭ୍ୟ ଭାବେ ରଖିବା ପାଇଁ ଜିଲ୍ଲା କମିଟିକୁ ପଠାଯାଇଛି।

## ମନରେଗା ଦୁର୍ନୀତି, ମଣିଷ ବଦଳରେ ମେସିନ କରୁଛି କାମ

**ଖପ୍ରାଖୋଲ,୨୬।୫(ସଂଚାର ବ୍ୟୁରୋ):** ଖପ୍ରାଖୋଲ ବ୍ଲକ ଦାଦନ ପ୍ରବଣ ଉପାନ୍ତ ଅଞ୍ଚଳ। ଏଇଠି ପ୍ରତ୍ୟେକ ବର୍ଷ ହଜାର ହଜାର ସଂଖ୍ୟା ରେ ଦାଦନ ପେଟ ପାଟଣା ପାଇଁ ବାହାର ରାଜ୍ୟ ଗୋତି ଖଟିଯାଆନ୍ତି ହେଲେ ଖପ୍ରାଖୋଲ ବ୍ଲକ ରେ ଜୋରସୋର ରେ ଚାଲିଛି ମନରେଗା କାମ..ଲୋକେ ତ ବାହାରେ ତାହେଲେ କେମିତି ହେଉଛି ଲକ୍ଷ ଲକ୍ଷ ଟଙ୍କା ର କାମ ? ? କାହାର ଜବ କାର୍ଡ ରେ ପଡୁଛି ମନରେଗା ପ୍ରାପ୍ୟ..ଖାଲି ଫାଇଲ ଚାଷ..ବେଶ ଉପୁରି ଯୋଜନା..ନିଜ ନିଜ ପାଖ ଲୋକଙ୍କ ନାମରେ ପଡୁଛି ପଇସା ଉପରୁ ତଳକୁ ସବୁଠି ପିସି କରବାର.. ଜଣେ ବାବୁ ଠାରେ ଆସିଲେ ଖପ୍ରାଖୋଲ ବ୍ଲକ ରୁ ଯିବାକୁ ନାଁ ନେଉନାହାନ୍ତି.. ଲୋକ ପ୍ରତିନିଧି ମାଲେମାଲ..ସରକାରୀ ବାବୁ ପଇସା ପାଇ ଲାଳେ ଲାଲ..ବାକି ରହିଲା ପ୍ରକୃତ ଶ୍ରମିକ ଙ୍କ କଥା..ସେ ବିଚରା ପୁରା ବେହାଲ..ଶୁଣିବାକୁ ମିଳୁଛି କାଳେ ବିଭାଗୀୟ ବାବୁ ଙ୍କୁ ବୁଲେଟ ଓ ଏସି ପରି ଦାମୀ ଉପହାର ମିଳୁଛି ତା ଉପରେ ଟୁର ପାକେଟ..ବ୍ଲକ ରେ ନାହିଁ ନାହିଁ ରେ ଚାଲୁଛି ଯୋଜନା..କେତୋଟି ପଞ୍ଚାୟତ ତ ମନରେଗା ରେ ପୁରସ୍କାର ପାଇଛନ୍ତି..ହେଲେ ମଣିଷ କାହିଁ କାମ କରିବାକୁ..କିଏ କରୁଛି କାମ..ହଁ ଆଜ୍ଞା ସବୁ ମେସିନ ରେ ଚାଲୁଛି ଦିନେ ଦୁଇ ଦିନରେ ଗୋଟିଏ କାମ ଖତମ ତାପରେ ମାନିଛା ପଡୁଛି ପଇସା..ଦେଖିବା କୁ ବାକି ରହିଲା କାର୍ଯ୍ୟାନୁଷ୍ଠାନ କେବେ।

## ପ୍ରତାପ ହତ୍ୟାକାଣ୍ଡ ; ଆସାମୀ ଗିରଫ,ମଝିଆଁ ଭାଇ ଥିଲା ମାଷ୍ଟର ମାଇଣ୍ଡ

● ପୁଲିସକୁ ହତ୍ୟାକାଣ୍ଡର ଡେମୋ ଦେଖାଇଲେ



**କଣାସ,୨୬।୫(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଡା ଥାନା ପରିସରଭୁକ୍ତ ସାହୁପଡ଼ା ପଞ୍ଚାୟତର ବନ୍ଧମୁଣ୍ଡା ଗ୍ରାମର ପ୍ରତାପ ସୁନ୍ଦରାୟ ୩୫ ଙ୍କୁ ଗତ ୧୨ ତାରିଖ ବିଳମ୍ବିତ ରାତ୍ରରେ ପୂର୍ବ ବିବାଦକୁ ନେଇ ତାଙ୍କୁ ବିଭତ୍ସ ଭାବେ ହତ୍ୟା କରାଯାଇଥିବା ତାଙ୍କ ପତ୍ନୀ ଗଡ଼ିଶାଗୋଡା ଥାନାରେ ୧୩ ତାରିଖରେ କେତେକ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିଥିଲେ।ହତ୍ୟାକାଣ୍ଡରେ ସଂଶ୍ଳିଷ୍ଟ ଥିବା ୧୨ ଜଣ ଆସାମୀଙ୍କ ମଧ୍ୟରୁ ଗଡ଼ିଶାଗୋଡା ଥାନା ଅଧିକାରୀ ସୁଧିର କୁମାର ଦାସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ୯ ଜଣ ଫେରାର ଅଛନ୍ତି। ହତ୍ୟା କରାଯାଇଥିବା ପ୍ରତାପର ମଝିଆଁ ଭାଇକୁ ପ୍ରଦୀପ ସୁନ୍ଦରାୟଙ୍କୁ ପୁଲିସ ଆଜି ହତ୍ୟାକାଣ୍ଡ କରାଯାଇଥିବା ସ୍ଥାନକୁ ଆଣି କିପରି ହତ୍ୟା କଲେ ଏବଂ କେଉଁ କେଉଁ ମାନେ ହତ୍ୟା କଲେ କେଉଁ ମାରଣା ଅସ୍ତ୍ରରେ ହତ୍ୟା କଲେ ପ୍ରଦୀପ ସମସ୍ତ ତଥ୍ୟକୁ ଦେଖାଇବା ସହିତ ପ୍ରତାପ ବ୍ୟବହାର କରୁଥିବା ମଟର ସାଇକେଲ ଜବତ କରିବା ସହିତ ହତ୍ୟାକାଣ୍ଡରେ ବ୍ୟବହାର କରାଯାଇଥିବା ଦୁଇଟି ଖଣ୍ଡା ଓ ଭୁଜାଲି ପୁଲିସ ଜବତ କରିଛି। ପ୍ରଦୀପ ହତ୍ୟାକାଣ୍ଡର ଡେମୋ ଦେଖାଉଥିବା ସମୟରେ ପ୍ରବଳ ଜନଗହଳି ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସକୁ ନକେଦମ ହେବାକୁ ପଡ଼ିଥିଲା। ପ୍ରକାଶ ଥାଉକି ପ୍ରତାପ ଗ୍ରାମକୁ ବିଳମ୍ବିତ ରାତ୍ରରେ ନିଜ ଘରକୁ ଫେରୁଥିବାବେଳେ ଗ୍ରାମକୁ ଦୁଇଟି ରାସ୍ତା ଥିବାରୁ ଗୋଟିଏ ରାସ୍ତାରେ ୮ ଜଣ ଜଗିଥିବାବେଳେ ଅନ୍ୟ ରାସ୍ତାରେ ୪ ଜଣ ଜଗିରହିଥିଲେ। ୪ ଜଣ ଜଗିରହିଥିବା ରାସ୍ତାରେ ପ୍ରତାପ ଫେରୁଥିଲା ତାର ମଝିଆଁ ଭାଇ ପ୍ରଦୀପ ସେହି ୪ ଜଣଙ୍କ ମଧ୍ୟରେ ରହିଥିବାରୁ ପୁଲିସ ଗିରଫ କରି ଆଜି ଡେମୋ ଦେଖାଇଥିଲେ। ଫଟୋ ଇ ମେଲରେ ପଠାଗଲା

# କାଳବୈଶାଖୀ ବର୍ଷାରେ ହତାଶ ଚାଷୀ



**ସୁବର୍ଣ୍ଣପୁର,୨୬।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା, ଡୁଙ୍ଗୁରିପାଲି ଉଲୁଣ୍ଡା ଅଞ୍ଚଳର ଚାଷି ଦୁନିଆକୁ ଆହର ଯୋଗାଉଥିବା ଚାଷୀ ମୁଣ୍ଡରେ ଚଡ଼କ ପଶିଛି।ଠିକ ଅମଳ ବେଳେ ଦାଉ ସାଜିଛି କାଳବୈଶାଖୀ ବର୍ଷା।ପ୍ରାକୃତିକ ବିପର୍ଯ୍ୟୟରେ ସମ୍ମୁଖିନ ଚାଷୀ ଏଥର ଚାଷରେ ଭଲ ଉତ୍ପାଦନ କରିବାର ଆଶାନେଇ ଦିନରାତି ହାଡ଼ଭଙ୍ଗା ପରିଶ୍ରମ କରି ଚାଷ କରିଥିଲା ହେଲେ ଠିକ ଅମଳ ବେଳେ କାଳବୈଶାଖୀ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ଅମଳ ଧାନ ବର୍ଷାରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଉପୁଜିଛି।କେତେକ ଚାଷୀଙ୍କ ଧାନ ବର୍ତ୍ତମାନ ପର୍ଯ୍ୟନ୍ତ ଧାନକଟା ନହୋଇ ଜମିରେ ରହିଥିବା ବେଳେ ଆଉ କେତେକ ଚାଷୀଙ୍କ କଟା ଧାନ ପେଟା ଚାଷ ଜମିରେ ରହି ବର୍ଷା ପାଣିରେ ଧୋଇ ହୋଇ ଯାଇଛି। ଫଳରେ ଯଦି ଆଉ ୩/୪ଦିନ ବର୍ଷା ପାଣିରେ ରୁହେ ତେବେ କଟା ଧାନ ସମ୍ପୂର୍ଣ୍ଣ ନଷ୍ଟ ହେବାସହ ଗଜା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।ଅନ୍ୟପକ୍ଷରେ କେତେକ ଚାଷୀ ଜମିରୁ କଟା ଧାନ ଆଣିଥିଲେ ମଧ୍ୟ ସ୍ଥାନ ଅଭାବ ଓ ବର୍ଷା ଲାଗି ରହିଥିବାରୁ ତାହା ଶୁଖାଇବାରେ ସମସ୍ୟା ଦେଖାଦେଇଛି।ବାଧ୍ୟ ହୋଇ ଚାଷୀ ବର୍ଷାକୁ ଖାତିର ନକରି କଟା ଧାନର ରକ୍ଷା ନେଇ ତାଳପନି ସହାୟତାରେ ଘୋଡେଇ ରଖିଛି।ବିଗତ ବର୍ଷ ମାନଙ୍କ ଅପେକ୍ଷା ଚଳିତ ରବି ଋତୁରେ ସମ୍ପ୍ରତି ବିନିକା ବ୍ଲକ, ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ଭଲ ଧାନ ଫସଲ ହୋଇଥିଲା।ଧାନକୁ ମଣ୍ଡିରେ ବିକ୍ରି କରି ବେଶ ଦି ପଇସା ରୋଜଗାର ହେବ ଏବଂ ସାହୁକାରରୁ ଆଣିଥିବା କରଜ ପରିଶୋଧ କରିବ ବୋଲି ଚାଷୀ ଆଶା ରଖିଥିଲା ହେଲେ କାଳବୈଶାଖୀ ବର୍ଷା ଚାଷୀ ମାନଙ୍କର ସବୁ ଆଶାକୁ ଭାଙ୍ଗି ଦେଇଛି। ଏଭଳି ପରିସ୍ଥିତିରେ ଓଦା ଧାନକୁ ନେଇ କଟଣି ଛଟଣୀ ଓ ମଚ୍ ର ପରିମାଣ ବେଶି ବାହାରିବାର ସମ୍ଭାବନା ରହିଛି। ସେହିପରି ପନିପରିବା ଚାଷରେ ମଧ୍ୟ ବ୍ୟାପକ କ୍ଷତି ଘଟିଥିବା ଜଣାପଡ଼ିଛି।

## ମା'କୁ ଠେଙ୍ଗାରେ ପିଟିପିଟି ହତ୍ୟା

**ଛେଣ୍ଡିପଦା,୨୬।୫(ସଂଚାର ବ୍ୟୁରୋ):** ନିଶାସକ୍ତ ପୁଅର ଉନ୍ମତ୍ତକାଣ୍ଡ । ମାଆକୁ ଠେଙ୍ଗାରେ ପିଟିପିଟି କଲା ହତ୍ୟା। ରବିବାର ରାତିରେ ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ଜରପଡ଼ା ଥାନା ପରା ଗାଁରେ ଏଭଳି ସ୍ପର୍ଶକାତର ଘଟଣା ଘଟିଛି। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ପୁଅକୁ ଅଟକ ରଖିଛି । ସୂଚନାନୁଯାୟୀ, ରବିବାର ରାତି ପ୍ରାୟ ୧୧ଟା ବେଳେ ଜରପଡ଼ା ଥାନା ପରା ଗାଁର ଶାନ୍ତିଲତା ପେଣ୍ଠୋଇ (୫୮ ବର୍ଷ) ଓ ତାଙ୍କ ପୁଅ ରଥି (୨୮ ବର୍ଷ) ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଥି ନିଶାସକ୍ତ ଅବସ୍ଥାରେ ଏକ ଠେଙ୍ଗାରେ ଶାନ୍ତିଲତାଙ୍କୁ ଆକ୍ରମଣ କରିଥିଲା। ପ୍ରଚଣ୍ଡ ପ୍ରହାରରେ ଶାନ୍ତିଲତା ସଂଜ୍ଞାହୀନ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ ମୃତଦେହ ଜବତ କରି ଅଭିଯୁକ୍ତ ପୁଅକୁ ଅଟକ ରଖି ପଚରାଉଚରା କରୁଛି।

## ନିରାଶ୍ରୟଙ୍କ ଆଶ୍ରୟ ବ୍ୟବସ୍ଥା ଧର୍ମକୁ ଆଖିଠାର

● ରାସ୍ତାକଡ଼େ ସଢୁଛନ୍ତି, କଲବଲ ହୋଇ ମରୁଛନ୍ତି



**କଳାହାଣ୍ଡି,୨୬।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ରେ ନିରାଶ୍ରୟଙ୍କ ପାଇଁ ସରକାରୀ ଆଶ୍ରୟ ବ୍ୟବସ୍ଥା ଧର୍ମକୁ ଆଖିଠାର ହୋଇଥିବା ଦେଖାଯାଇଛି। ଧର୍ମଗଡ଼ ମୁଖ୍ୟାଳୟରେ ଏହାର ବ୍ୟତିକ୍ରମ ପରିଲିକ୍ଷିତ ହେଉଛି। ବହୁ ଅସହାୟ ଯୁବକ, ମହିଳା, ବୃଦ୍ଧ ଭିକ୍ଷା ବୃତ୍ତି କରି ରାସ୍ତାକଡେ, ଗଛମୂଳେ ଦିନ କାଟୁଛନ୍ତି। ଏପରିକି ବିଭିନ୍ନ ସ୍ଥାନରେ ପଡ଼ି ରହି ଚିକିତ୍ସା ଅଭାବରୁ କଲବଲ ହୋଇ ମରୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ବର୍ଗର ନିରାଶାୟଙ୍କୁ ଆଶ୍ରୟ ଦେବା ପାଇଁ ବିଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ ଅନୁଷ୍ଠାନ ରହିଛି। ଅନୁଷ୍ଠାନ ଗୁଡିକୁ ସରକାର ପାଣ୍ଠି ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ବିଭିନ୍ନ ଋତୁରେ ମଧ୍ୟ ଅସହାୟଙ୍କୁ ଆଶ୍ରୟ ଯୋଗାଇ ଦେବା ପାଇଁ ସରକାର ନୀତି ନିର୍ଧାରଣ କରି ଏହାର କାର୍ଯ୍ୟକାରିତା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥାଆନ୍ତି।ବର୍ଷା, ଖରା ଓ ଶୀତ ଋତୁରେ ଅସହାୟଙ୍କ ପାଇଁ ରାତ୍ରିକାଳୀନ ରହିବା ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଗତ ନଭେମ୍ବର ରେ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହାର କିଛିଦିନ ପରେ ରିଲିଫ ବନ୍ଦ ହୋଇଯାଇଛି। ଏବେବି ବହୁ ଅସହାୟ ନିରାଶୟ ବ୍ୟକ୍ତି ସହରରେ ଏଣେ ତେଣେ ମାଗିଖାଇ ଫୁଟପାଥରେ ଅତି ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଖରା, ବର୍ଷା, ଶୀତ, କାକର ଏମାନଙ୍କ ପାଇଁ ସବୁସମାନ, ନାଁ ଅଛି ଘର, ନାଁ ଅଛି ପରିବାର, ନାଁ ଅଛନ୍ତି ପିଲାଛୁଆ। ଏ ସମସ୍ତ ଖୁସିକୁ ଛଡାଇ ବେସାହାରା ହୋଇ ଜୀବନ ଯାପନ କରୁଛନ୍ତି।ମୁଠେ ଖାଇବାକୁ ହେଲେ ବାରଦୁଆର କୁ ଯିବାକୁ ପଡେ। ମିଳିଲେ ଖାଇ ଦିଅନ୍ତି। ନ ମିଳିଲେ ଫେରିଆସି ପୁଣି ଭୋକ ଉପାସରେ ଶୋଇପଡନ୍ତି। ଏ ଗରିବ ଅସହାୟ ବ୍ୟକ୍ତି ମାନଙ୍କ ପାଇଁ ଯଦି ଖାଇବା ରହିବା ପାଇଁ ସରକାର ବ୍ୟବସ୍ଥା କଲେ ସୁଖଶାନ୍ତି ରେ ବଞ୍ଚି ପାରିବେ ବୋଲି କିଛି ବୁଦ୍ଧିଜିବି ମହଲରେ ଦାବି ହେଉଛି।

### ଫେଲ ମାରିଛି କୁକୁଡ଼ା ଚାଷ

## ଲାଭ ବଦଳରେ ଲକ୍ଷାଧିକ ଟଙ୍କା କ୍ଷତି ସହିଲେ ଗ୍ରୁପ ମହିଳା



**ଜୟପୁର,୨୬।୫(ସଂଚାର ବ୍ୟୁରୋ):** ମହିଳା ଙ୍କୁ ସ୍ୱାବଲମ୍ବି କରିବା ମଧ୍ୟ ଚାଲିଛି ଡ୍ରାମା। ବିଜୁ ଆଦିବାସୀ ଗ୍ରାମୀଣ ଉଦ୍ୟଗ, ରେ ଚାଲିଛି ପ୍ରହସନ ଆଉ ଡ୍ରାମା କରୁଛନ୍ତି ପ୍ରଶାସନିକ ଅଧିକାରୀ। ମହିଳା ଙ୍କୁ ସ୍ୱାବଲମ୍ବି କରିବା ପାଇଁ ଜୟପୁର ଆଦିବାସୀ ଉର୍ନ୍ନୟନ ସଂସ୍ଥା ପକ୍ଷରୁ ଗ୍ରାମୀଣ ଉଦ୍ୟଗ ଠାରେ କୁକୁଡ଼ା ଚାଷ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୁକୁଡ଼ା ଚାଷ ଗୃହ ସହ କୁକୁଡ଼ା ଓ କୁକୁଡ଼ା ଖାଇବା ପାଇଁ ଦାନା ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କୁ ପ୍ରଦାନ କରିଥିଲେ। ଗ୍ରୁପ ସଦସ୍ୟା ମଧ୍ୟ ଦାୟିତ୍ୱ ର ସହ କୁକୁଡ଼ା ଙ୍କୁ ଦାନା ଖୁଆଇଲେ, ଏବଂ ଅଧିକ କୁକୁଡ଼ା ଚିଆଁ ଓ ଦାନା ଆଣିବାକୁ କହିବାରୁ ୨ଲକ୍ଷ୍ୟ ଟଙ୍କା ଋଣ କରି କୁକୁଡ଼ା ଚିଆଁ ଓ ଦାନା ଆଣିଲେ ଏବଂ ନିର୍ମିତ ଗୃହ ରେ ରଖିଲେ। କିନ୍ତୁ ପ୍ରଶାସନିକ ଅଧିକାରୀ ଙ୍କ ଅବହେଳା ଯୋଗୁଁ ଗ୍ରୁପ ର ମହିଳା ମାନଂକୁ କୌଣସି ସହଯୋଗ ନ କରିବାରୁ ଅଳ୍ପ ଦିନ ରେ ସମସ୍ତ କୁକୁଡ଼ା ଙ୍କ ମୃତ୍ୟୁ ହୋଇଗଲା। ଫଳରେ ୨ଲକ୍ଷ ଟଙ୍କା ଋଣ କରି ଗ୍ରୁପ ମହିଳା ମାନେ ନିଜ ଟଙ୍କା ରେ ଏବେ ଋଣ ସୁଝୁଛନ୍ତି। ଏହି ଉଦ୍ୟଗ ଠାରେ ବହୁ ସମୟରେ ମହିଳା ଙ୍କ ଏହି କୁକୁଡ଼ା ଚାଷ ଦେଖିବା ପାଇଁ ରାଜ୍ୟ ବାହାର, ଏବଂ ବିଭିନ୍ନ ଜିଲ୍ଲା ରୁ ପ୍ରଶାନସିକ, ନିର୍ବାଚିତ ପ୍ରତିନିଧି, ବହୁ ଅନୁଷ୍ଠାନ ର ବ୍ୟକ୍ତି ବିଶେଷ ଆସୁଛନ୍ତି। ଯେତେବେଳେ ମହିଳା ଙ୍କ ଏହି ସ୍ୱାବଲମ୍ବି କୁକୁଡ଼ା ଚାଷ ଦେଖିବାକୁ ଆସନ୍ତି ସେତେ ବେଳେ ବ୍ଲକ ପ୍ରଶାସନ ନିଜ ଦୁର୍ବଳତା କୁ ଲୁଚାଇ ବାହାଦୁରି ନେବା ପାଇଁ ମହିଳା ମାନଂକୁ ଠିଆ କରି ବାହାର ଦୋକାନ ରୁ କୁକୁଡ଼ା ଭଡା ଆଣି ରଖନ୍ତି ଏବଂ ପରିଦର୍ଶନ ସାରି ଗଲା ପରେ କୁକୁଡ଼ା ନେଇ ଯାଆନ୍ତି ଏବଂ ମହିଳା ମାନେ ଘରକୁ ଚାଲି ଯାଆନ୍ତି। ଗ୍ରୁପ ସଦସ୍ୟା ମାନେ କୁକୁଡ଼ା ଚାଷ ପାଇଁ ଇଚ୍ଛୁକ ରହିଛନ୍ତି କୁକୁଡ଼ା ଚାଷ ପାଇଁ ଋଣ ମଧ୍ୟ ନେଇଛନ୍ତି କିନ୍ତୁ ପ୍ରାସନିକ ଅବହେଳାରୁ କେବଳ ଫଳକ ରେ ସୀମିତ ରହିଯାଇଛି ଏହି କୁକୁଡ଼ା ଚାଷ।

## ଦୁର୍ଘଟଣାଗ୍ରସ୍ତ କାରରୁ ଦେଶୀ ବନ୍ଧୁକ ମିଳିବା ଘଟଣାରେ ଏସପିଙ୍କ ତଦନ୍ତ ଆରମ୍ଭ



**ସୁବର୍ଣ୍ଣପୁର,୨୬।୫ (ସଂଚାର ବ୍ୟୁରୋ):** ଦୁର୍ଘଟଣାଗ୍ରସ୍ତ କାରରୁ ଦେଶୀ ବନ୍ଧୁକ ମିଳିବା ଘଟଣାକୁ ନେଇ ସୁବର୍ଣ୍ଣପୁର ଏସପିଙ୍କ ତଦନ୍ତ ଆରମ୍ଭ। ସୋନପୁର-ସମ୍ବଲପୁର ରାସ୍ତାର ମାଟିଖାଇ ନୂଆଁ ବସ୍ତି ନିକଟରେ ଗତକାଲି ରାତିରେ ଏକ ଫରଚୁନର ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯେଉଁଥିରେ ଜଣେ ନାବାଳକ ସମେତ ମୋଟ ତିନିଜଣ ଗୁରୁତର ହୋଇଥିଲେ।ଗୁରୁତରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଉଲୁଣ୍ଡା ଓ ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଦୁର୍ଘଟଣାଗ୍ରସ୍ତ କାରରୁ ଏକ ଦେଶୀ ବନ୍ଧୁକ ସହ କିଛି ଜୀବନ୍ତ ଗୁଳି ଉଦ୍ଧାର ହୋଇଥିଲେ। ଉଦ୍ଧାର ଦେଶୀ ବନ୍ଧୁକ କେଉଁଠୁ ଆସିଥିଲା। କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ କାରରେ ଯାଉଥିବା ଲୋକମାନେ ଏହି ବନ୍ଧୁକକୁ ନେଇ ଯାଉଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରୟଣ ନାୟକ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପୋଲିସର ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ। ତେବେ ତଦନ୍ତ ଜାରୀ ରହିଥିବାରୁ ଏନେଇ ପୋଲିସ ପ୍ରତିକ୍ରୀୟା ମିଳିପାରିନାହିଁ।

# ନାରୀ



## କରିଶ୍ମାଙ୍କ ଅଭିନବ ପ୍ରସାଧନ

କରିଶ୍ମା କେବଲରମାନୀ ଜଣେ ଯୁବ ଉଦ୍ୟୋଗୀ ଯିଏ 'ଫେ (ଏଫ୍ଏଇ) ବ୍ୟୁଟି' ନାମକ ଅଭିନବ ପ୍ରସାଧନ କମ୍ପାନି ପ୍ରତିଷ୍ଠା କରିଛନ୍ତି। ଏହି କମ୍ପାନିର ପୂରା ନାମ ହେଲା 'ଫ୍ରି ଆଣ୍ଡ୍ ଇକ୍ୱାଲ୍ ବ୍ୟୁଟି ଫର୍ ଅଲ୍' ବା ସଭିଙ୍କ ଲାଗି ମୁକ୍ତ ଓ ସମାନ ସୌନ୍ଦର୍ଯ୍ୟ। ଏହି କମ୍ପାନି ଲିଙ୍ଗ-ନିରପେକ୍ଷ ମେକ୍ଅପ୍ ପ୍ରସ୍ତୁତ କରିଥାଏ ଏବଂ କମ୍ପାନିର ଉଦ୍ଦେଶ୍ୟ ହେଉଛି ଶ୍ୟାମଳ ତ୍ୱଚାର ପ୍ରତିନିଧିତ୍ୱ ବୃଦ୍ଧି କରିବା। ନିକଟରେ କରିଶ୍ମା 'ସାର୍କ ଟ୍ୟାଙ୍କ ଇଣ୍ଡିଆ' ଟିଭି କାର୍ଯ୍ୟକ୍ରମର ଚତୁର୍ଥ ସିଜନ୍ରେ ଭାଗ ନେଇ ନିଜ କମ୍ପାନି ପାଇଁ ୧ କୋଟି ଟଙ୍କାର ବିନିଯୋଗ ଅଫର ହାସଲ କରିଥିଲେ। କରିଶ୍ମା କହନ୍ତି ଯେ ଧଳା ତ୍ୱଚା ଓ ନୀଳ ଆଖି ଆଦିକୁ ସମାଜ ସୌନ୍ଦର୍ଯ୍ୟର ମାନଦଣ୍ଡ ଭଳି ଦେଖିବା ଦ୍ୱାରା ତାହା ସହ ମେଳ ଖାଉନଥିବା ଲୋକମାନେ ନିଜକୁ ଅସୁନ୍ଦର ମନେ କରନ୍ତି। ତେବେ ନିଜ ଭଳି ଦିଶୁଥିବା ଲୋକଙ୍କୁ ସୁନ୍ଦର ବୋଲି କୁହାଯିବା ଦେଖିଲେ ନିଜ ସୌନ୍ଦର୍ଯ୍ୟକୁ ସ୍ୱୀକାର କରିବା ସହଜ ହୋଇଥାଏ। କରିଶ୍ମାଙ୍କ ମାଆ ଶ୍ୟାମଳା ହୋଇଥିବାରୁ ସେ ନିଜ ତ୍ୱଚା ଉପଯୁକ୍ତ ପ୍ରସାଧନ ସାମଗ୍ରୀ ଖୋଜିବାକୁ କିପରି ସଂଘର୍ଷ କରୁଥିଲେ ତାହା ସେ ଛୋଟବେଳେ ଦେଖିଥିଲେ ଏବଂ ଅନୁଭବ କରିଥିଲେ ଯେ ପ୍ରସାଧନ ଶିଳ୍ପ କିପରି ଅନ୍ୟାୟପୂର୍ଣ୍ଣ ଭାବେ ଗୋଟିଏ ଗୋଷ୍ଠୀ ଆଡ଼କୁ ଢଳି ରହିଛି। ତେଣୁ ସେ ପ୍ରସାଧନକୁ ସମସ୍ତଙ୍କ ପାଇଁ ସମାନ ଭାବେ ଉପଲବ୍ଧ କରାଇ ସଭିଏଁ ଯେମିତି ନିଜକୁ ସୁନ୍ଦର ଓ ଆତ୍ମବିଶ୍ୱାସୀ ଅନୁଭବ କରିବେ ସେ ଲକ୍ଷ୍ୟ ନେଇ 'ଫେ ବ୍ୟୁଟି' ପ୍ରତିଷ୍ଠା କରିଥିଲେ। ସବୁ ପ୍ରକାର ଭାରତୀୟ ତ୍ୱଚା ପାଇଁ ଭାରତର ଉଷ୍ଣ ଜଳବାୟୁକୁ ଦୃଷ୍ଟିରେ ରଖି ଏହି କମ୍ପାନି ପ୍ରସାଧନ ପ୍ରସ୍ତୁତ କରୁଛି। ଏହି କମ୍ପାନି ପ୍ରସାଧନ ସାମଗ୍ରୀଗୁଡ଼ିକର ବିଜ୍ଞାପନ ପ୍ରସ୍ତୁତିରେ ସ୍ୱତନ୍ତ୍ର ଆଲୋକସଜ୍ଜା ବା ଫଟୋସପ୍ ପରି ସଫ୍ଟୱେର୍ ବ୍ୟବହାର କରୁ ନଥିବାର ଦାବି କରେ। ତେଣୁ ସୌନ୍ଦର୍ଯ୍ୟର ଅବାସ୍ତବ ମାନଦଣ୍ଡ ସ୍ଥିର କରିବା ପରିବର୍ତ୍ତେ ଚର୍ମର ରଙ୍ଗକୁ ନ ବଦଳାଇ କିପରି ଜଣେ ନିଜ ସୌନ୍ଦର୍ଯ୍ୟକୁ ଗ୍ରହଣ କରିପାରିବ ସେ ବିଚାର ପାଇଁ କରିଶ୍ମାଙ୍କ ଉଦ୍ୟୋଗ ପ୍ରଶଂସାର ହକଦାର।

## ଏମାନେ ସ୍ୱତନ୍ତ୍ର

ଈଶ୍ୱରଙ୍କ ସୃଷ୍ଟିରେ ପୁରୁଷ ଓ ନାରୀ ହେଉଛନ୍ତି ଗୋଟିଏ ନଦୀର ଦୁଇଟି ଧାର ପରି। ଟ୍ରାନ୍ସଜେଣ୍ଡର୍ ବା କିନ୍ନରମାନେ ମଧ ସେହିଭଳି ଏକ ସ୍ୱତନ୍ତ୍ର ଧାରରୁ ଜାତ। ଜନ୍ମ ସମୟରେ ଏମାନଙ୍କ ଚେହେରାକୁ ଦେଖି ପରିଚୟ ମିଳୁଥିବା ବେଳେ ପରବର୍ତ୍ତୀ ସମୟରେ ଏମାନଙ୍କ ସ୍ୱଭାବ ବଦଳୁଥିବାର ଦେଖି ଘର ପରିବାର ସମାଜ ସବୁଠି ଚର୍ଚ୍ଚା ହୋଇଥାଏ। କିନ୍ତୁ ସେମାନେ ବଞ୍ଚିବା ଛାଡ଼ନ୍ତି ନାହିଁ। କିଛି ନୂଆ ଆରମ୍ଭର ସନ୍ଧାନ କରି ଆଗକୁ ବଢ଼ିଚାଲନ୍ତି। ଏମିତି କିଛି ଉଦାହରଣ ଅଛନ୍ତି ଯେଉଁମାନେ ନିଜର ପରିଚୟ ଖୋଜି ଅନ୍ୟମାନଙ୍କ ଲାଗି ପ୍ରେରଣା ସାଜିଛନ୍ତି।

### ତସନୁବା ଅନାନ୍ ଶିଶିର୍

ତସନୁବା ଅନାନ୍ ଶିଶିର୍ ବାଲାଂଦେଶର ପ୍ରଥମ ଟ୍ରାନ୍ସଜେଣ୍ଡର୍ ନ୍ୟୁଜ୍ ଆଙ୍କର୍। ଦିନ ଥିଲା ସେ ନିଜକୁ ବହୁତ ଘୃଣା କରୁଥିଲେ। ତାଙ୍କର ଏକ ସାକ୍ଷାତ୍କାରରେ ସେ କହିଛନ୍ତି କିଶୋର ଅବସ୍ଥାରେ ସେ ଅନୁଭବ କଲେ ଯେ, ତାଙ୍କ ମଧ୍ୟରେ କିଛି ଅଜବ ପରିବର୍ତ୍ତନ ହେଉଛି। ପିଲାଦିନେ ସେ ବହୁବର୍ଷ ପର୍ଯ୍ୟନ୍ତ ଯୌନ ହିଂସାର ଶିକାର ହୋଇଥିଲେ ମଧ ତାଙ୍କୁ ପାଟି ନ ଖୋଲିବାକୁ ଧମକ ଦିଆଯାଉଥିଲା। ସେହି ସମୟରେ ସେ ବହୁବାର ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ତାଙ୍କ ବାପା ତାଙ୍କ ସହ କଥା ହେଉ ନଥିଲେ। ତେଣୁ ସେ ରାଗିଯାଇ ଘର ଛାଡ଼ି ଢାକା ପଳାଇଥିଲେ। ଏକା ହୋଇ ମନକୁ ଦୃଢ଼ କରି ହର୍ମୋନ୍ ଥେରାପି ଟ୍ରିଟ୍ମେଣ୍ଟ୍ ଆରମ୍ଭ କରିଥିଲେ। ଏକ ଥିଏଟର୍ରେ କାମ କରିବା ସହିତ ପଢ଼ାପଢ଼ି ମଧ ଜାରି ରଖିଥିଲେ। ବାଲାଂଦେଶର ବୋଇଶାଖି ଟିଭି ତାଙ୍କୁ ଅଡିସନ୍ ପାଇଁ ଡାକିବା ପରେ ତାଙ୍କର ଏ କ୍ଷେତ୍ରରେ ଯାତ୍ରା ଆରମ୍ଭ ହୋଇଥିଲା।



### ସତ୍ୟାଶ୍ରୀ ଶର୍ମିଳା

ସତ୍ୟାଶ୍ରୀ ହେଉଛନ୍ତି ପ୍ରଥମ ଭାରତୀୟ ସମଲିଙ୍ଗୀ ଓକିଲ। ଟ୍ରାନ୍ସଜେଣ୍ଡରମାନଙ୍କ ପ୍ରତି ସମାଜର ଭିନ୍ନ ଦୃଷ୍ଟିଭଙ୍ଗୀକୁ ବେଖାତିର କରି ସତ୍ୟାଶ୍ରୀ ଏପରି ଉଦାହରଣ ସୃଷ୍ଟି କଲେ ଯାହା ସମାଲୋଚକମାନଙ୍କୁ ଲଜ୍ଜିତ କଲା। ଆଇନ ପାଠପଢ଼ି ସେ ଏଥିରେ କ୍ୟାରିୟର୍ ଗଢ଼ିବାକୁ ନିଷ୍ପତ୍ତି ନେଲେ। ଯଦ୍ଦ୍ୱାରା ସେ ନିଜ ଅଧିକାର ଫେରିପାଇବା ସହିତ ଅନ୍ୟ କିନ୍ନରମାନଙ୍କୁ ମଧ ସେମାନଙ୍କ ଅଧିକାର ଫେରି ପାଇବା ଦିଗରେ ସହଯୋଗ କରିପାରିବେ। ତାମିଲନାଡୁରେ ଜନ୍ମଗ୍ରହଣ କରି ମଧ ସତ୍ୟାଶ୍ରୀ ନିଜ ଜେଣ୍ଡର୍ ପାଇଁ ନିର୍ଯାତନାର ଶିକାର ହୋଇ ଆସୁଥିଲେ। ସତ୍ୟାଶ୍ରୀ କହନ୍ତି, "ଦୃଢ଼ ମନୋବଳ ନେଇ ଆଜି ମୁଁ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛି।"



### ମାନବୀ ବନ୍ଦୋପାଧ୍ୟାୟ

ପ୍ରତ୍ୟେକ କିନ୍ନରଙ୍କୁ ସମାଜରୁ ବିଭିନ୍ନ ପ୍ରକାର ବ୍ୟବହାରର ସାମ୍ନା କରିବାକୁ ପଡ଼ିଥାଏ। ସମ୍ମାନ ଟିକିଏ ପାଇବା ପାଇଁ ସେମାନଙ୍କୁ ଅତିରିକ୍ତ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ସମୟ ସହ ସବୁକିଛି ବଦଳି ଯାଇଥାଏ। ବଙ୍ଗଳା ସାହିତ୍ୟର ଅଧାପିକା ମାନବୀ ବନ୍ଦୋପାଧ୍ୟାୟ କୃଷ୍ଣନଗର ମହିଳା ମହାବିଦ୍ୟାଳୟର ଅଧକ୍ଷ ପଦ ହାସଲକରି ଯୌନ ସମାନତାର ମାର୍ଗ ପ୍ରଶସ୍ତ କରିଥିଲେ। ସେ ଭେଦଭାବ ଓ ଲିଙ୍ଗଗତ ସମସ୍ୟା ବିରୋଧରେ ସଂଘର୍ଷ କରିଥିଲେ। ତାଙ୍କର ମାନବିକ ଅଧିକାର ସଂଗ୍ରାମର ଏକ ଅଂଶ ହୋଇଥିବାବେଳେ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟରେ ଶକ୍ତି ଆବଶ୍ୟକତାର ସ୍ୱର ଉତ୍ତୋଳନ କରିବା ପାଇଁ ତାଙ୍କ ପଦକୁ ସେ ବ୍ୟବହାର କରିଥିଲେ। ସେ ଓଣ୍ଟୋହିନ୍ ଓଣ୍ଟୋରିନ୍ ପ୍ରୋସିଟୋଭର୍ତିକା ନାମକ ଏକ ବଙ୍ଗଳା ଉପନ୍ୟାସର ଲେଖିକା, ଯାହା ଜାତୀୟସ୍ତରରେ ସର୍ବାଧିକ ବିକ୍ରି ହେଉଥିବା ଉପନ୍ୟାସରେ ପରିଗଣିତ ହୋଇଥିଲା।



### ପୃଥିକା ୟାଶିନି

ଦେଶର ପ୍ରଥମ ଟ୍ରାନ୍ସଜେଣ୍ଡର୍ ପୁଲିସ ଅଫିସର୍ ହେଉଛନ୍ତି ପୃଥିକା। ସବୁ ପ୍ରତିବନ୍ଧକୁ ଟପିଯାଇ ତାମିଲନାଡୁର ପୃଥିକା ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥିଲେ। ତେବେ ଏହା ତାଙ୍କ ପାଇଁ ଏତେ ସହଜ ନଥିଲା। ସବ୍‌ଇନ୍ସପେକ୍ଟର ପଦ ଲାଗି ହୋଇଥିବା ଫିଜିକାଲ୍ ପରୀକ୍ଷାରେ ମାତ୍ର ୧ ମାର୍କ ପାଇଁ ଫେଲ୍ କରି ଦିଆଯାଇଥିଲା ପୃଥିକାଙ୍କୁ। କିନ୍ତୁ ପୁନଃ ମୂଲ୍ୟାୟନ ଦାବି କରି ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଥିଲେ ଏବଂ ଲକ୍ଷ୍ୟ ହାସଲ କରିଥିଲେ।



### ଜୋୟିତା ମଣ୍ଡଳ

ଜୋୟିତା ହେଉଛନ୍ତି ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର୍ ଜଜ୍। ୨୦୧୭ରେ ଜୋୟିତା ୨୯ ବର୍ଷ ବୟସରେ ଉତ୍ତର ପଶ୍ଚିମବଙ୍ଗ ଲୋକ ଅଦାଲତରେ ପ୍ରଥମ ଟ୍ରାନ୍ସଜେଣ୍ଡର୍ ଜଜ୍ ଭାବରେ ନିଯୁକ୍ତି ପାଇଥିଲେ। କିନ୍ନରମାନଙ୍କ ଅଧିକାର ଲାଗି ଗଠିତ ସଂଘରେ କାର୍ଯ୍ୟ କରୁଥିବା ବେଳେ ଜୋୟିତା ଆଇନରେ ଡିଗ୍ରୀ ହାସଲ କରି ଦିନେ ବିଚାରପତି ପଦରେ ଆସନ ଗ୍ରହଣ କରି କିନ୍ନରଙ୍କୁ ନ୍ୟାୟ ଦେବେ ବୋଲି ନିଷ୍ପତ୍ତି ନେଇଥିଲେ।



### ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ

ଭାରତର ପ୍ରଥମ କିନ୍ନର ଓଏଫ୍ଏସ୍ (ଓଡ଼ିଶା ଫାଇନ୍ସିଆଲ୍ ସର୍ଭିସ୍) ଅଫିସର୍ ଭାବେ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନଙ୍କ ଯାତ୍ରା ଅନ୍ୟ ପାଇଁ ପ୍ରେରଣା ପାଲଟିଛି। କିନ୍ନର ହିସାବରେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ସାମାଜିକ ନିୟମକୁ ଚ୍ୟାଲେଞ୍ଜ କରିଥାଏ ଏବଂ ସମସ୍ତ ଲିଙ୍ଗର ବ୍ୟକ୍ତିବିଶେଷଙ୍କୁ ଚିହ୍ନିବା ଏବଂ ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥାଏ। ଓଡ଼ିଶାର କନ୍ଧମାଳ ଜିଲ୍ଲାର ଏକ ଛୋଟିଆ ଗାଁରେ ବଡ଼ ହୋଇଥିବା ଐଶ୍ୱର୍ଯ୍ୟା ଲିଙ୍ଗଗତ ପରିଚୟ ଯୋଗୁଁ ପାଶବିକ ଭେଦଭାବର ଶିକାର ହୋଇଥିଲେ। କିନ୍ତୁ ଜନସାଧାରଣଙ୍କ ସେବା ପାଇଁ ତାଙ୍କର ଅଧବସାୟ ଓ ଆବେଗ ସବୁବେଳେ ତାଙ୍କୁ ଆଗକୁ ବଢ଼ି ନିଜ ଲକ୍ଷ୍ୟ ହାସଲ କରିବାରେ ସହାୟକ ହୋଇଥିଲା। ତାଙ୍କ ଜୀବନରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ସେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ। ଶିକ୍ଷା ପ୍ରତି ତାଙ୍କର ଏହି ସମର୍ପଣ ଭାବନା ପ୍ରଶାସନିକ ସେବାରେ ସଫଳତାର ମୂଳଦୁଆ ପକାଇଥିଲା। ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ସେ ଏଥିରେ ସଫଳ ହୋଇଛନ୍ତି। ତାଙ୍କ କାର୍ଯ୍ୟ ଶକ୍ତିଶାଳୀ ବାର୍ତ୍ତା ଦେବାସହ ବିଭିନ୍ନ ପ୍ରତିବନ୍ଧକକୁ ଭାଙ୍ଗି ନିଜ ସ୍ୱପ୍ନକୁ ସାକାର କରିବା ସତରେ ଖୁବ୍ ପ୍ରେରଣାଦାୟୀ।



## ଘରେ ତିଆରି କରନ୍ତୁ...



ବଜାରରେ ଅଧିକ ମୂଲ୍ୟରେ ମିଳୁଥିବା ପିଲାଙ୍କ ପସନ୍ଦର କିଛି ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର ନୁହେଁ। ଦାମ୍ ମଧ ଅଧିକ। ତେବେ ଆଧୁନିକା ମାଆଟିଏ ଚାହିଲେ କମ୍ ଖର୍ଚ୍ଚରେ ବିନା କୌଣସି ରାସାୟନିକ ପଦାର୍ଥ ବ୍ୟବହାର କରି ଘରେ ଏସବୁ ତିଆରିକରି ପିଲାଙ୍କୁ ଦେଇପାରିବେ।

▶ **ପିନଟ୍ ବଟର୍:** ୨୦୦ ଗ୍ରାମ୍ ବାଦାମ ମଞ୍ଜି ନେଇ ହାଲୁକା ଆଞ୍ଚରେ ସୁନେଲୀ ହେବାଯାଏ ଭାଜନ୍ତୁ। ଥଣ୍ଡା କରି ଚୋପା ଛଡ଼େଇ ଦିଅନ୍ତୁ। ଗ୍ରାଇଣ୍ଡର୍ରେ ବାଦାମକୁ ଗୁଣ୍ଡ କରନ୍ତୁ। କ୍ରମଶଃ ବାଦାମ ଟିକେ ଓଦାଳିଆ ହୋଇଆସିବ, ସେତେବେଳେ ସେଥିରେ ସ୍ୱାଦଅନୁସାରେ ଲୁଣ, ୧.୧/୨ ଚାମଚ ମହୁ ବା ୫ଟି ଖଜୁରୀ, ନିଜ ରୁଚି ଅନୁସାରେ ୨ ଚାମଚ ବାଦାମ ତେଲ/ଅଲିଭ୍ ତେଲ/ଘିଅ/ବଟର ଦେଇ ଆଉଥରେ ଭଲ କରି ଗ୍ରାଇଣ୍ଡ୍ କରିଦିଅନ୍ତୁ। ଏଥର ଘର ତିଆରି ବିନା କୌଣସି ରାସାୟନିକ ମିଶ୍ରଣରେ ପିନଟ୍ ବଟର୍ ତିଆରି ହୋଇଗଲା।

▶ **ପିଜ୍ଜା ସସ୍:** ଆଠ/ ଦଶଟି ନାଲି ପାଚିଲା ଟମାଟୋ ନେଇ ତାକୁ ମଝିରୁ ଫାଳ କରି କାଟି ଦିଅନ୍ତୁ। ଚାମଚରେ ମଞ୍ଜି ଅଂଶକୁ ବାହାର କରିଦିଅନ୍ତୁ। ଚୁଲିରେ ଫ୍ରାଇଂ ପ୍ୟାନ୍ ବସେଇ ଦୁଇ ଚାମଚ ଅଲିଭ୍ ତେଲ ଦେଇ ସେଥିରେ ଦୁଇ ବଡ଼ ଚାମଚ ଚୁନିଚୁନି କଟା ରସୁଣ ଦେଇ ଦୁଇ ତିନି ମିନିଟ୍ ଭାଜନ୍ତୁ। ତା'ପରେ ଦୁଇ ଚାମଚ ଚୁନିଚୁନି କଟା ପିଆଜ ଦେଇ ଆଉ ଦୁଇ ମିନିଟ୍ କମ୍ ଆଞ୍ଚରେ ଭାଜନ୍ତୁ। ଏହାପରେ ଟମାଟୋ ଫାଳଗୁଡ଼ିକୁ ଏହି ମସଲା ଉପରେ ରଖି ଘୋଡ଼େଇ ଦିଅନ୍ତୁ। ତିନି ମିନିଟ୍ ପରେ ଢାଙ୍କୁଣୀ ଖୋଲି ନରମ ହୋଇଯାଇଥିବା ଟମାଟୋର ଉପର ଚୋପାକୁ ଚିମୁଟାରେ ଟାଣି ବାହାର କରିଦିଅନ୍ତୁ। ଏହାପରେ ସେହି ମିଶ୍ରଣକୁ ଗୋଟିଏ ହାତ ଘୋରଣାରେ ଘାଣ୍ଟି ଭଲକରି ମିଶେଇ ଦିଅନ୍ତୁ। ଏଥରେ ସେଥିରେ ଗୋଟେ ଚାମଚ ଚିନି, ଅଧଚାମଚ ଲୁଣ, ଗୋଟେ ଚାମଚ ଚିଲି ଫ୍ଲେକ୍ସ, ଗୋଟେ ଚାମଚ ଟମାଟୋ କେଚପ୍, କିଛି ଲେଟୁସ୍ ପତ୍ର ପକେଇ ଆଉଥରେ ଭଲ କରି ଘାଣ୍ଟି ଦିଅନ୍ତୁ। ଟମାଟୋର ଜଳୀୟଅଂଶ କମି ପୂରା କିଣା ସସ୍ ପରି ହୋଇଗଲେ ଓହ୍ଲାଇ ଥଣ୍ଡାକରି ସଫା ଶୁଖିଲା କାଚ ବୋତଲରେ ପୂରେଇ ପାଖାପାଖି ଦୁଇମାସ ଯାଏ ଫ୍ରିଜ୍ରେ ରଖି ବ୍ୟବହାର କରିପାରିବେ।

▶ **ଏଗ୍ଲେସ୍ ମେଓନିଜ୍:** ଗରମ ପାଣିରେ ବତୁରା ହୋଇଥିବା ଗୋଟେ କପ୍ କାଜୁ, ଦୁଇ ଚାମଚ ଆପଲ୍ ସିଡ଼ର ଭିନେଗାର୍ ବା ଲେମ୍ବୁରସ, ଗୋଟେ ଚାମଚ ଚିନି, ଅଧ ଚାମଚ ଲୁଣ, ଗୋଟେ ଚାମଚ ସୋରିଷ ଗୁଣ୍ଡକୁ ଅଳ୍ପ ପାଣି ଦେଇ ଭଲକରି ଗ୍ରାଇଣ୍ଡ କରିଦିଅନ୍ତୁ। ଏଥର ସେହି ମିଶ୍ରଣରେ ଚାରି ଟେବଲ୍ ଚାମଚ ଅଲିଭ୍ ତେଲ ମିଶେଇ ଆଉଥରେ ଗ୍ରାଇଣ୍ଡ କରିଦିଅନ୍ତୁ। ବାସ୍ ଏଥର ପ୍ରସ୍ତୁତ ହୋଇଯିବ ମା'ଙ୍କ ହାତ ତିଆରି ଅଣ୍ଡାବିହୀନ ମେଓନିଜ୍, ଯାହା ଦେଖିବାକୁ ଓ ସ୍ୱାଦରେ ପୂରା ବଜାରରୁ କିଣା ମେଓନିଜ୍ ଭଳି ଲାଗିବ ଏବଂ ଫ୍ରିଜ୍ରେ ୧୫ ଦିନ ରହିପାରିବ।

▶ **ମିଲ୍କ ମେଡ୍:** ଗୋଟେ କପ୍ ଅମୁଲ୍ ବା ପସନ୍ଦର ମିଲ୍କ ପାଉଡର୍, ଅଧାକପ୍ ଚିନି ପାଉଡର୍, ୫୦ ଗ୍ରାମ୍ ବଟର୍, ଅଧାକପ୍ ଗରମ ପାଣି ଦେଇ ଗ୍ରାଇଣ୍ଡ୍ କରିଦିଅନ୍ତୁ। ବାସ୍ ତିଆରି ହୋଇଯିବ ଘରତିଆରି କଣ୍ଡେନ୍ସ ମିଲ୍କ। ଯାହା ଆପଣ ମିଠେଇ, କ୍ଷୀରି ଇତ୍ୟାଦିରେ ବ୍ୟବହାର କରିପାରିବେ ବା ଖାଲି ଖାଇପାରିବେ।

## ସ୍ୱାଭିମାନୀ ସୁକୁରୀ



ଲୋକଙ୍କ ଟାହି ଟାପରାକୁ ଖାତିର ନ କରି ଏବଂ ଘରକୋଣରେ ନ ବସି ସମାଜର ରୀତିନୀତି ବଦଳାଇ ଜୀବନ ସଂଗ୍ରାମ ଜାରି ରଖିଛନ୍ତି ସୁକୁରୀ। ଶାରୀରିକ ଭାବରେ ଭିନ୍ନକ୍ଷମ ହେଲେବି ସେ ମାନସିକ ଭାବେ ବେଶ୍ ସଶକ୍ତ। ସେଥିପାଇଁ କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ଛିଡ଼ାହେବା ପାଇଁ ପ୍ରଚେଷ୍ଟା କରିଛନ୍ତି। ସ୍ୱାଭିମାନୀ ମହିଳାଭାବେ ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ପରିବର୍ତ୍ତନର ରାହା। ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ୍ସ ମିଶନ ସହାୟତାରେ ସେ ସାଜିଛନ୍ତି ସ୍ୱାବଲମ୍ବୀ। ନିଜ ଗାଁ ତଥା ଆଖପାଖ ଗାଁରେ ସେ ପାଲଟିଛନ୍ତି ଉଦାହରଣ। ଜୀବନଯୁଦ୍ଧରେ ପାଲଟିଛନ୍ତି ସେ ସଫଳ ଯୋଦ୍ଧା। ଚାଷକୁ ସେ ବୃତ୍ତି ଭାବେ ଆପଣାଇଛନ୍ତି। କ୍ଷେତରେ ମାଣ୍ଡିଆ ହସିବା ସହ ତାଙ୍କ ମୁହଁରେ ହସ ଫୁଟିଛି। ଜୀବନ ସଂଘର୍ଷରେ ନିଜର ସ୍ଥିତି ଜାହିର କରି ସେ ଏବେ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଡଲିଗୁଡ଼ା ଗ୍ରାମର ସୁକୁରୀ ଓଡ଼ାରୀ। ବୟସ ୩୫ ବର୍ଷ। ପିଲାଟି ଦିନରୁ ସେ ଭିନ୍ନକ୍ଷମ। କଥା କହିବା, ଶୁଣିବା ଏବଂ ନିଜ ଭାବନାକୁ ପରିପ୍ରକାଶ କରିବାରେ ସେ ଅକ୍ଷମ। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଓ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ୍ସ ମିଶନ ସହଯୋଗରେ ଆଜି ସେ ଆତ୍ମନିର୍ଭରଶୀଳ। ନିଜର ଅଦମ୍ୟ ପରିଶ୍ରମ ବଳରେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ମାଣ୍ଡିଆ ଚାଷ କରି କ୍ଷେତରେ ଫଳାଇଛନ୍ତି ସୁନାର ଫସଲ। ଓଡ଼ିଶା ମିଲେଟ୍ସ ମିଶନ ମାଧମରେ 'ଶ୍ରୀ' ପଦ୍ଧତିରେ ମାଣ୍ଡିଆ ଚାଷ କରିବାର ପ୍ରଶିକ୍ଷଣ ନେଇଛନ୍ତି। ନିଜସ୍ୱ ଉଦ୍ୟମରେ ୧ ଏକର ଜମିରେ ମାଣ୍ଡିଆ ଲଗାଇ ଲାଭବାନ୍ ହୋଇପାରିଛନ୍ତି। କେବଳ ଅନ୍ୟର ଠାରରେ କଥା ବୁଝୁଥିବା ସୁକୁରୀ ମାଣ୍ଡିଆ ଚାଷ କରି ସଫଳ ହୋଇପାରିଛନ୍ତି। ଗତବର୍ଷ ୭ କୁଇଣ୍ଟାଲ ମାଣ୍ଡିଆ ମଣ୍ଡିରେ ବିକ୍ରି କରିଥିବା ବେଳେ ସୁକୁରୀ ଚଳିତ ବର୍ଷ ୯ କୁଇଣ୍ଟାଲ ମାଣ୍ଡିଆ ଅମଳ କରି ବିକ୍ରି କରିଛନ୍ତି। ଗତବର୍ଷ ସେ ମାଣ୍ଡିଆ ବିକ୍ରି କରି ୨୪ହଜାରରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରିଥିଲେ। ଚାଷଜମିରେ ଜୈବିକ ଖତ ପ୍ରୟୋଗ କରି ଅତ୍ୟାଧୁନିକ ପଦ୍ଧତିରେ ମାଣ୍ଡିଆ ଚାଷ କରୁଛନ୍ତି। ମାଣ୍ଡିଆ ଚାଷ ସହିତ ସିଲେଇ କାମ କରି ମାସକୁ ୫-୬ ହଜାର ଟଙ୍କା ରୋଜଗାର କରୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ପୁଷ୍ଟିଶସ୍ୟକୁ ଚାଷକ୍ଷେତ ତଥା ଖାଦ୍ୟଥାଳିରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଶା ମିଲେଟ୍ସ ମିଶନ ତରଫରୁ ନିଆଯାଉଛି ପଦକ୍ଷେପ। ଚାଷୀମାନଙ୍କୁ ଏସ୍ଏମ୍ଆଇ ପଦ୍ଧତିରେ ପୁଷ୍ଟିଶସ୍ୟ ଚାଷ କରି ଅଧିକ ଉତ୍ପାଦନ ପାଇଁ ଦିଆଯାଉଛି ପ୍ରଶିକ୍ଷଣ। ସୁକୁରୀ ଏହି ପ୍ରଶିକ୍ଷଣ ପାଇ ସଫଳତାର ପଥରେ ଆଗେଇଚାଲିଛନ୍ତି।

## ୱାର୍ଡମେମ୍ବରଙ୍କ ଅଭିଯୋଗ ଶୁଣିଲେନି ପଞ୍ଚାୟତ ଅଧିକାରୀ

# ପାଣିପାଇଁ ଡହଳ ବିକଳ ଗ୍ରାମବାସୀ



ଫୁଲବାଣୀ,୨୬।୫(ସଂଚାର ବ୍ୟୁରୋ): ଖଜୁରୀପଡ଼ା ବ୍ଲକ ଦୁତିପଡ଼ା ଗ୍ରାମପଞ୍ଚାୟତ ର ଜାମୁଝୋରୀ ଗ୍ରାମ ରେ ଦେଖିବା କୁ ମିଳିଛି ଏକ ଅଭାବନୀୟ ପିଇବା ପାଣି ପାଇଁ ଡହଳ ବିକଳ ର କରୁଣ ଦୃଶ୍ୟ ଆଜିକୁ ପ୍ରାୟେ ମାସେ ହେବ ଜାମୁଝୋରୀ ଗ୍ରାମ ର ଭାଲୁକନସାହି, ହରିଜନ ବସ୍ତି ସାହିରେ ପ୍ରାୟ ୨୩ପରିବାର ରହୁଛନ୍ତି କେବଳ ଭରସା କହିଲେ ନଳକୂପ ଆଉ ସୋହିନଳକୂପ ଆଜିକୁ ୨ମାସ ହେବ ଅଚଳ ହୋଇପଡ଼ିରହିଅଛି, କିନ୍ତୁ ଗ୍ରାମର ୱାର୍ଡ ମେମ୍ବର ନଳକୂପ ଅଚଳ ଥିବାକଥା ପଞ୍ଚାୟତ ଅଧିକାରୀ ଙ୍କୁ ଅବଗତ କରିଥିଲେ ମଧ୍ୟ ଏହାର କୌଣସି ଫଳପ୍ରଦ ହୋଇପାରିନାହିଁ।ସରକାର ଗ୍ରୀଷ୍ମ ପ୍ରଭାବ କୁ ଦେଖି ବିଭିନ୍ନ ଯୋଜନା ନାମରେ ଯେଉଁସବୁ ଜନସାଧାରଣ ଙ୍କ ସୁବିଧା ଆକ୍ସନ ପ୍ଲାନ ରଖିଛନ୍ତି ତାହା ଏବେ ଦୁତିପଡ଼ା ଗ୍ରାମପଞ୍ଚାୟତ ର ଜାମୁଝୋରୀ ଗ୍ରାମର ଜନସାଧାରଣ ଙ୍କ ମନରେ ଫସରଫାଟି ଯିବା ବାସ୍ତବତା ର ଚିତ୍ର ଦେଖିବାକୁ ମିଳିଛି ଯୋଉଥି ପାଇଁ ନିଜେ ଗ୍ରାମର ୱାର୍ଡମେମ୍ବର ଶ୍ରୀଯୁକ୍ତ ଭାଗବତ ଡିଗାଲ ଆଜି ଭାଲୁକନ ସାହି ର ମା, ଭଉଣୀ, ଭାଇ ସାହିର ଯୁବବର୍ଗ ଙ୍କ ସମେତ ଏବଂ ନିଜେ ଏକ ପୂର୍ବରୁ ଥିବା କୁଆଁ ଯେଉଁ କୁଆଁ କି ନଳକୂପ ନଥିବା ସମୟରୁ ପିଇବା, ଗାଧୋଇବା କର୍ମରେ ବ୍ୟବହାର କରାଯାଉ ଥିଲା ତାହାକୁ ଆଜି ପଙ୍କ ଉଖାରକରିଥିଲେ ଏହିଭଳି ୱାର୍ଡ ମେମ୍ବର ଙ୍କ କାମକୁ ଦେଖି ସ୍ଥାନୀୟ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସନୀୟ ର ସୁଅ ଛୁଟିବାର ଦେଖିବାକୁ ମିଳିଛି ତତ ସହିତ ଏହି କାର୍ଯ୍ୟରେ ଗ୍ରାମର ବସନ୍ତ ଡିଗାଲ ସାହାଯ୍ୟ ର ହାତ ବଢ଼ାଇଛନ୍ତି ଏହିପରି ଗରିବ ପରିବାର ଙ୍କ ପ୍ରତି ପ୍ରଶାସନ ଙ୍କ ଅବହେଳା ନୀତି କୁ ଏବଂ ଖଜୁରୀପଡ଼ା ବ୍ଲକ ଠାରୁ ଅତି ନିକଟ ଦୁତିପଡ଼ା ଗ୍ରାମପଞ୍ଚାୟତ ର ଏଭଳି ଅବସ୍ଥା କିଭଳି ପ୍ରଶାସନ ଙ୍କ ଦୃଷ୍ଟି ଗୋଚର ହୋଇପାରିଲା ନାହିଁ ତାହା ଦେଖି ଜାଗ୍ରତ କନ୍ଧମାଳ ର ସଭାପତି ଶ୍ରୀ ବାଚିତ୍ର ଦ୍ରିୟ ପ୍ରଧାନ ଏବଂ ଜିଲ୍ଲା ସଭାନେତ୍ରୀ ସୋନାଲିକା କହଁର ତୀବ୍ର ନିନ୍ଦା ପ୍ରକାଶ କରି ୱାର୍ଡ ମେମ୍ବର ଙ୍କୁ ସାଧୁବାଦ ଜଣାଇଛନ୍ତି।

## ପୁଲିସର ରାତ୍ରୀ ପାଟ୍ରୋଲିଂ ସମୟରେ ୩ ଦୁର୍ବୃତ୍ତ ଗିରଫ, ଗାଡି ଜବତ




ବୈଶିଙ୍ଗା,୨୬।୫(ସଂଚାର ବ୍ୟୁରୋ): ବୈଶିଙ୍ଗା ପୋଲିସ ପକ୍ଷରୁ ରାତ୍ରୀକାଳୀନ ପାଟ୍ରୋଲିଙ୍ଗ ସମୟରେ ଜଣେ ନାବାଳକ ସମେତ ତିନିଜଣ ଦୁର୍ବୃତ୍ତଙ୍କୁ ମାଡ଼ି ବସିଛି ପାଟ୍ରୋଲିଙ୍ଗ ଟିମ୍। ମିଳିଥିବା ସୂଚନା ମୁତାବକ ଥାନାଧିକାରୀ ଚାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ବିଳମ୍ବିତ ରାତି ଦୁଇଟା ସମୟରେ ମୟୂରଭଞ୍ଜ ବାଲେଶ୍ୱର ସୀମାନ୍ତ ଅଞ୍ଚଳରେ ପାଟ୍ରୋଲିଙ୍ଗ କରୁଥିବା ପୋଲିସ ଟିମ ହାବୁଡ଼ରେ ସନ୍ଦେହଜନକ ଅବସ୍ଥାରେ ପଡ଼ିଥିଲା ଏକ ବୋଲେରୋ ନଂ ଓଆର ୧୧ଏଚ୍ ୫୨୧୮। ବୋଲେରୋ କୁ ଅଟକାଇ ଯାଞ୍ଚ କରୁଥିବା ବେଳେ ତା ଭିତରେ ଥିବା ଚାରି ଜଣ ହଠାତ୍ ପୋଲିସ ଉପରକୁ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ଖବର ପାଇ ଅନ୍ୟ ଏକ ପୋଲିସ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସେମାନେ ଅନ୍ଧାରର ସୁଯୋଗ ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ଜଣେ ୧୭ ବର୍ଷୀୟ ନାବାଳକ ସମେତ ତିନିଜଣଙ୍କୁ ପୋଲିସ ଟିମ ମାଡ଼ି ବସିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ପାଟ୍ରୋଲିଙ୍ଗ ଟିମରେ ଥିବା ପୋଲିସ ଅଧିକାରୀ ବୋଇତ ବେହେରା, ଦେବାଶିଷ ମଣ୍ଡଳ, ସୁବ୍ରତ କୁମାର ସାହୁଙ୍କ ସହ ଅନ୍ୟ କର୍ମଚାରୀମାନେ ଗାଡ଼ି ଜବତ କରି ଥାନାକୁ ନେଇ ଆସିଥିଲେ। ସେମାନଙ୍କ ନିକଟରୁ ତିନୋଟି ଡେରେଙ୍ଗା କଟୁରୀ ଜବତ କରାଯାଇଛି। ଆଜି ଅପରାହ୍ନରେ କେସ୍ ନଂ ୨୩୭ ରୁଜୁ କରାଯାଇ ସେକ୍ ସାହିଲକୁଦ୍ଦିନ୍, ସେକ୍ ଅଟକାଉଦ୍ଦିନ୍ ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେକ୍ ସାହିଲଙ୍କୁ ଭୁବନେଶ୍ୱର ବାଲ ଅଦାଲତରେ ହାଜର କରାଯାଇଛି। ସେମାନେ ବିଭିନ୍ନ ସମୟରେ ସଂଘଟିତ ହେଉଥିବା ଛେଳି ଚୋରି ସମେତ ଅନାନ୍ୟ ଚୋରି ଘଟଣାରେ ସମ୍ପୃକ୍ତ ଥିବା ସୂଚନା ମିଳିଛି।

## ଯୁକ୍ତ ଦୁଇରେ ସଫଳତା ପାଇଁ ସଂସ୍କୃତ ଭବନରେ କେଜିଆଇ'ର ବିଶାଳ ସମ୍ବର୍ଦ୍ଧନା




ଯାଜପୁର ରୋଡ଼,୨୬।୫(ସଂଚାର ବ୍ୟୁରୋ): ବ୍ୟାସନଗର ସହରର ସନ୍ତରା ସ୍ଥିତ ସଂସ୍କୃତି ଭବନ ଠାରେ ଯାଜପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ସମୂହ କଳିଙ୍ଗ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ (କେଜିଆଇ) ଅଧିନସ୍ଥ କଳିଙ୍ଗ ହାୟର ସେକେଣ୍ଡାରୀ ସ୍କୁଲ (କେଏଚଏସଏସ) ଏବଂ ଜାଭିୟର ଇଂଟରନ୍ୟାସନାଲ ସ୍କୁଲର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ରଛାତ୍ରୀ ମାନଙ୍କର ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଯାଇଅଛି। ଶୁଭେଚ୍ଛା ନାମରେ ଆୟୋଜିତ ଏକ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମସ୍ତ ସଫଳ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଶ୍ରୀ ରଞ୍ଜନ କୁମାର ଦାସ ମାର୍କସିଟ କେବେ ବି ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ନିର୍ଦ୍ଧାରଣ କରେନାହିଁ ବରଂ ସେମାନଙ୍କର ନିଜର ଆତ୍ମବିଶ୍ୱାସ ଏବଂ ଦୃଢ଼ ଇଚ୍ଛାଶକ୍ତି ସେମାନଙ୍କୁ ତାଙ୍କର ଉଜ୍ୱଳ ଭବିଷ୍ୟତ ନିମନ୍ତେ ପଥ କଢ଼ାଏ ବୋଲି ପ୍ରକାଶ କରିଥିଲେ। ଏଥି ସହିତ କେଜିଆଇର ଅଧ୍ୟକ୍ଷ ଇଂ ଆଲେକଜାଣ୍ଡାର ଦାସ ଛାତ୍ରଛାତ୍ରୀ ମାନଙ୍କୁ ସେମାନଙ୍କର ରେଜଲ୍ଟ ପାଇଁ ଶୁଭେଚ୍ଛା ଜଣାଇବା ସହିତ ମାର୍କ ନୁହେଁ ବରଂ ଦକ୍ଷତା ସବୁଦିନ ପାଇଁ ଏବଂ କଳିଙ୍ଗ ଦକ୍ଷତା ବିକାଶ ପାଇଁ ସଦାସର୍ବଦା ପ୍ରଚେଷ୍ଟା କରିଥାଏ ବୋଲି ପ୍ରକାଶ କରିଥିଲେ। ସଫଳ ଛାତ୍ରଛାତ୍ରୀ ମାନେ ନିଜର ସଫଳତାର ଶ୍ରେୟ ପ୍ରିନ୍ସିପାଲ୍ ଦେବାଶିଷ ଦାସ ଏବଂ କଳିଙ୍ଗ ଗ୍ଲୋବାଲ ଏକାଡେମୀର ମୁଖ୍ୟ ଚିରସ୍ମିତା ଦାସଙ୍କୁ ଦେବା ସହ ତାଙ୍କ ବିନା ମାର୍ଗଦର୍ଶନରେ ଏହି ସଫଳତା କେବେବି ସମ୍ଭବ ହୋଇପାରି ନଥାନ୍ତା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ର ଇଂରାଜୀ ବିଭାଗର ଏଚଓଡି ଡଃ ପ୍ରଜ୍ଞା ପ୍ରବର୍ତ୍ତିକା ଦାସ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ୮ ବର୍ଷ ହେଲା ଶେଷହୋଇନି ପଞ୍ଚାୟତ କାର୍ଯ୍ୟାଳୟ କୋଠା, ଭଡାରେ ଚାଲିଛି କାର୍ଯ୍ୟା

ଜୟପୁର,୨୬।୫(ସଂଚାର ବ୍ୟୁରୋ): ଭଡା ରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ, ଜଣ ଶୁଣାଣି ହଉଛି ମନ୍ଦିର ବାରଣ୍ଡା ରେ ଚାଉଳ ଦିଆହେଉଛି ଜଙ୍ଗଲ ବିଭାଗ ବନ ସୁରକ୍ଷା ସମିତି ଗୃହ ରେ। ଉଭୟ କେନ୍ଦ୍ର ରାଜ୍ୟ ସରକାର ପଞ୍ଚାୟତ କୁ ଗୁରୁତ୍ୱ ଦେବା ସହ ପଞ୍ଚାୟତ ଉପରେ ଗାଁ ର ବିକାଶ ନ୍ୟସ୍ତ। ଦୈନିକ ପଞ୍ଚାୟତ ରେ ବହୁ ବୈଠକ ହୁଏ, ଭତ୍ତା, ଚାଉଳ ବଣ୍ଟନ ହୁଏ। ସମସ୍ତ ପଞ୍ଚାୟତ ବାସି ମଧ୍ୟ ନିଜ ସମସ୍ୟା ଜଣାଇବାକୁ ପଞ୍ଚାୟତ କୁ ଆସନ୍ତି କିନ୍ତୁ ପଞ୍ଚାୟତ ର ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରୁନି। ଏପରି ଏକ ଅବ୍ୟବସ୍ଥା ରେ ରହିଛି ଜୟପୁର ଉପଖଣ୍ଡ କୁନ୍ଦ୍ରା ପଞ୍ଚାୟତ ସମିତି ଅନ୍ତର୍ଗତ ପାଖନାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ। ୨୦୧୭ ମସିହାରେ ୧୧ଟି ୱାର୍ଡ କୁ ନେଇ ପାଖନାଗୁଡ଼ା ପଞ୍ଚାୟତ ଗଠନ ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ସେହି ସମୟରେ ନବରଙ୍ଗପୁର ସାସଂଦ ବଳଭଦ୍ର ମାଝୀ, ଓ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝୀ ଶିଳା ନ୍ୟାସ କରିଥିଲେ ଶିଳା ନ୍ୟାସ କରି ୮ ବର୍ଷ ବିତିଗଲା କିନ୍ତୁ ପଞ୍ଚାୟତ କାର୍ଯ୍ୟଳୟ କାମ ସରିପାରିଲା ନାହିଁକ୍ଷ ଫଳରେ ଆଜି ମଧ୍ୟ ମନ୍ଦିର ର ଏକ ଗୃହ ଭଡା ନେଇ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ। ଏବଂ ବୈଠକ ଚାଲୁଛି ମନ୍ଦିର ପ୍ରାଙ୍ଗଣରେ। ପଞ୍ଚାୟତ ବୈଠକ ରେ ବହୁ ପ୍ରଶାସନିକ ଅଧିକାରୀ ସାଙ୍ଗକୁ ବହୁ ନେତା ଯାଆନ୍ତି କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ସମାପ୍ତ ପାଇଁ କେହି ଗୁରୁତ୍ୱ ଦେଉ ନାହାନ୍ତି। ବର୍ତ୍ତମାନ ସରପଞ୍ଚ ମଧ୍ୟ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ କାମ ସମାପ୍ତ କରିବାକୁ ବ୍ଲକ ଠାରୁ ଜିଲ୍ଲା ପ୍ରଶାସନ କୁ ଗୁହାରି କରିଥିଲେ ମଧ୍ୟ ସଫଳ ମିଳୁନଥିବା ପ୍ରକାଶ କରିଛନ୍ତି। ଏନେଇ କୁନ୍ଦ୍ରା ବିଡ଼ିଓ ଙ୍କୁ ପଚାରିବାରୁ କାର୍ଯ୍ୟାଳୟ କାମ ଚାଲିଛି ଅଳ୍ପ ଦିନ ମଧ୍ୟରେ ପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ବୋଲି ସୂଚନା ଦେଉଛନ୍ତି। ଏବେକୁ ୮ ବର୍ଷ ବିତିଲା ଆଉ କେତେ ସମୟ ଲାଗୁଛି ତାହା ଦେଖିବାକୁ ବାକି ରହିଲା

## ବରିଷ୍ଠ ନାଗରିକ ସଂଘର ଷଷ୍ଠ ବାର୍ଷିକ ଉତ୍ସବ ପାଳନ




ସୁବର୍ଣ୍ଣପୁର,୨୬।୫(ସଂଚାର ବ୍ୟୁରୋ): ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ବରିଷ୍ଠ ନାଗରିକ ସଂଘ ର ଷଷ୍ଠ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ସଂଘ ର ଉପଦେଷ୍ଟା ଗୋରେଖ୍ ନାଥ ସାହୁ, ନାରାୟଣ ପ୍ରସାଦ ରାୟଗୁରୁ, ସଭାପତି ଡ଼ଃ ଜ୍ୟୋତି ରଞ୍ଜନ ବହିଦାର, ଉପ ସଭାପତି ଡ଼ଃ ଆର୍ତ୍ତ ତ୍ରାଣ ବାବୁ ଯୋଗ ଦେଇ ନିଜର ସ୍ୱାର୍ଥ ପାଇଁ ନୁହେଁ, ଜିଲ୍ଲା ର ସାମୁହିକ ବିକାଶ ପାଇଁ ଗଣତାନ୍ତ୍ରିକ ପଦ୍ଧତିରେ ଲଢେଇ କରିବାକୁ ନିଷ୍ପତ୍ତି ନେବାକୁ ଓ ସଂକଳ୍ପ କରିବାକୁ ପରାମର୍ଶ କରିଥିଲେ। ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ ପୁରୋହିତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସର ରେ ଆଗାମୀ ୩ ବର୍ଷ ପାଇଁ ସଂଘ ର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ପୁଣି ଡ଼ଃ ଜ୍ୟୋତି ରଞ୍ଜନ ବହିଦାର, ସଂପାଦକ ଭାବେ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଉପ ସଭାପତି ଭାବେ ଡ଼ଃ ଆର୍ତ୍ତ ତ୍ରାଣ ବାବୁ, ସହ ସଂପାଦକ ଭାବେ ଶ୍ରୀବତ୍ସ ମଲ୍ଲିକ, କୋଷାଧ୍ୟକ୍ଷ ଭାବେ ଦିଲ୍ଲୀପ ରଥ ଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଗୋରେଖ ନାଥ ସାହୁ, ନାରାୟଣ ପ୍ରସାଦ ରାୟଗୁରୁ, ଡଃ ସନ୍ତୋଷ ପାଢ଼ୀ ମନୋନୀତ ହୋଇଥିବା ବେଳେ କାର୍ଯ୍ୟ କାରିଣୀ ସଦସ୍ୟ ଭାବରେ ବ୍ୟୋମକେଶ ଦାଶ, ଦେବ କିଶୋର ଦାନୀ ଓ ପ୍ରଦୀପ ପୁରୋହିତ ଙ୍କୁ ମନୋନୀତ କରାଯାଇଛି ।

## ବ୍ଲକକୁ ଆସୁନାହାନ୍ତି ସହକାରୀ ଯନ୍ତ୍ରୀ !

● ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ




ଜଗତସିଂହପୁର,୨୬।୫ (ସଂଚାର ବ୍ୟୁରୋ): ଜିଲ୍ଲାର ସମ୍ବେଦନଶୀଳ ବ୍ଲକ ହେଉଛି ତିର୍ତ୍ତୋଲ ଯାହାକୁ ନେଇ ଜିଲ୍ଲା ରାଜନୀତି ରେ ଚର୍ଚ୍ଚିତ ଏହି ବ୍ଲକ। ଦୀର୍ଘ ଦିନ ହେବେ ବ୍ଲକ ରେ ଆସିଷ୍ଟାଣ୍ଟ ଇଂଜିନିୟର ବା ସହକାରୀ ଯନ୍ତ୍ରୀ ବଦବୀ ଖାଲି ପଡ଼ିବା ଫଳରେ ସାଧାରଣ ଲୋକ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି ତିର୍ତ୍ତୋଲ ବ୍ଲକରେ ପୂର୍ବରୁ ଥିବା ପ୍ରାୟ ଏକ ବର୍ଷ ତଳୁ ଅବସର ନେଇଥିବା ସହକାରୀ ଯନ୍ତ୍ରୀ ଙ୍କ ପରେ ନୂଆ ସରକାର ଆସିବା ଦିନ ଠାରୁ କେହି ସ୍ଥାୟୀ ରୂପେ ଯୋଗ ଦେଇନାହାନ୍ତି। ପୂର୍ବରୁ ଥିବା ଏକ କନିଷ୍ଠ ଯନ୍ତ୍ରୀ କାମଚଳା ଭାବେ ଏହି ପଦବୀ ରେ ଥିବା ବେଳେ ବ୍ଲକ ରେ ବହୁ ସମୟ ରହି କାମ କରୁଥିଲେ, କିନ୍ତୁ ତାଙ୍କର ଅନ୍ୟତ୍ର ବଦଳି ହେବା ପରେ କୁଜଙ୍ଗ ବ୍ଲକ ରୁ ଆସିଥିବା ଜଣେ ଅଧିକାରୀନି ଦୁଇଟି ବ୍ଲକ ଦାଇତ୍ୱ ନେଇଥିବା ବେଳେ ତିର୍ତ୍ତୋଲ ବ୍ଲକ କୁ ପୁରା ଅଣଦେଖା କରିଥିବା ନଜର କୁ ଆସିଛି। ମ୍ୟାଡ଼ମ ବହୁ ଦିନ ଧରି ନ ଆସିବା ଫଳରେ ପଡ଼ି ରହିଥିବା ବିଲ ଓ ନୂତମ କାମର ଏଷ୍ଟିମେଣ୍ଟ ନ ହେବା ଦ୍ୱାରା ଏଠି ଡବଲ ଇଞ୍ଜିନ ସରକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକ ରେ ସ୍ଥାନୀୟ ବିଧାୟକଙ୍କ କଥା ସେତେଟା ରାହୁନଥିବା ବେଳେ। ସ୍ଥାନୀୟ ବିରୋଧୀ ଦଳ ଲୋକେ କହିବା ମୁତାବକ କାଳେ ମାଡ଼ମ ମନ୍ତ୍ରୀ ଙ୍କ ଖାସ ଲୋକ ବୋଲି ବିଡିଓ ଙ୍କ ନୀରବତା ଦେଖା ଦେଇଛି। ଦେଖାଯାଉ ଆଗାମୀ ଦିନରେ ଏହି ବ୍ଲକ ର ଅବସ୍ଥା କିଭଳି ଭାବରେ ଦେଇ ଗତି କରୁଛି ଦେଖିବାକୁ ବାକି ରହିଲା।

## ବିପଦ ପୂର୍ଣ୍ଣ ମୁକୁଳା ଟ୍ରାନ୍ସଫର୍ମର

ଗୋଛାପଡ଼ା,୨୬।୫(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଅନ୍ତର୍ଗତ କାମଟଣା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ସର୍ବ ମୋଟ ୨୧ ଜଣ ଛାତ୍ର ଛାତ୍ରୀ ପାଠ ପଢ଼ୁଛନ୍ତି।ଯାହା ଫଳରେ ଅଙ୍ଗନବାଡ଼ି କେନ୍ଦ୍ରର କୋମଳ ମତୀ ଶିଶୁ ମାନଙ୍କ ପାଇଁ ବିପଦ ପୂର୍ଣ୍ଣ ହେଇଛି। ଏହି ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ପାଚେରୀ କରିବା ପାଇଁ ଗ୍ରାମବାସୀ ସମେତ ବରୁଣ କୁମାର କହଁର ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ପ୍ରଶାସନ କେବେ ଏହି ସମସ୍ୟା ର ସମାଧାନ କରୁଛି।



## ତୁଷୁରାରେ ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦଘାଟିତ



ଗୁଡଭେଲା,୨୬।୫(ସଂଚାର ବ୍ୟୁରୋ): ତୁଷୁରା ମାରୱାଡ଼ି ଯୁବାମଞ୍ଚ ଓ ଜାଗୃତି ଶାଖାର ଆନୁକୂଲ୍ୟରେ ଶ୍ରୀ ମହାବୀର ବିକଳାଙ୍ଗ ସହାୟତା ସମିତି, ରାଞ୍ଚିର ମିଳିତ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲ୍ଲା ତୁଷୁରା ଅଗ୍ରସେନ ଭବନ ଠାରେ ରବିବାର ନିଃଶୁଳ୍କ ଅଙ୍ଗ ପ୍ରତ୍ୟାରୋପଣ ଶିବର ଉଦଘାଟିତ ହୋଇ ଯାଇଛି। ଏହି ଶିବରକୁ ବଲାଙ୍ଗୀର ଗାୟତ୍ରୀ ଶକ୍ତିପୀଠର ସଂପାଦକ ଡା ସୁରେଶ କୁମାର ସଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାରୱାଡ଼ି ଯୁବାମଞ୍ଚର ସଂସ୍ଥାପକ ଓ ଉପାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କେଡିଆ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ଉପାଧ୍ୟକ୍ଷ ବିକାଶ କେଡିଆ ସଭାପତିତ୍ୱ କରିଥିବା ବେଳେ ଜାଗୃତି ଶାଖାର ସଭାନେତ୍ରୀ ମଞ୍ଜୁ କେଡିଆ ମଞ୍ଚାସୀନ ଥିଲେ। ମାରୱାଡ଼ି ଯୁବାମଞ୍ଚର ସଭାପତି ରୋହିତ ଅଗ୍ରୱାଲ ମଞ୍ଚ ପରିଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୪୫ଜଣ ଭିନ୍ନକ୍ଷମ ରେଜିଷ୍ଟ୍ରେସନ କରିଥିବା ବେଳେ ସମସ୍ତଙ୍କୁ ଆବଶ୍ୟକୀ ଯନ୍ତ୍ର ପାତି, ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଶିବିର ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

## ବଢ଼ୁଛି ମାଟି ମାଫିଆଙ୍କ ଦୌରାତ୍ମ୍ୟ, ବିନା ଅନୁମତିରେ ମାଟି ଲୁଟ୍, ଥାନାରେ ମାମଲା



ବିଞ୍ଝାରପୁର,୨୬।୫(ସଂଚାର ବ୍ୟୁରୋ): ବାଲି ପରେ ଏବେ ମାଟି ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି। ସରକାରୀ ଜମି ହେଉ ଅବା ବ୍ୟକ୍ତିଗତ ସବୁଠି ଚାଲିଛି ମାଟି ଲୁଟ୍। ପ୍ରାକୃତିକ ସମ୍ପଦକୁ ପୈତୃକ ସଂପତ୍ତି ଭାବି କରୁଛନ୍ତି ଲୁଟ୍।ବ୍ୟକ୍ତିଗତ ଜମିରୁ ବିନା ଅନୁମତିରେ ଟ୍ରିପ୍ ଟ୍ରିପ ମାଟି ଉଠାଯାଇଥିବା ଅଭିଯୋଗ ଆଣି ଥାନରେ ଲିଖିତ ଅଭିଯୋଗ କଲେ ଜମି ସ୍ୱତାଧିକରି। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ର ଦୀପକ କୁମାର ଧଳଙ୍କ ବିନା ଅନୁମତିରେ ଖରସ୍ରୋତା ନଦୀର ବଗମରା ସ୍ଥିତ ବନ୍ଧକଡ଼ ତାଙ୍କ ପୈତୃକ ଜମି ଖସଡ଼ା ନମ୍ବର ୨୮୪୭ ରୁ ଜେନାଡ଼ିଆ ଗ୍ରାମର ନରେଶ ଧଳଙ୍କ ପରାମର୍ଶ କ୍ରମେ ନାଉ ପାଳ ଗ୍ରାମର ତାପସ ସାହୁ ମାଟି ଚୋରି କରିଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦୀପକ।ପାଖାପାଖି ୧୫ରୁ ୨୦ ଟ୍ରିପ୍ ମାଟି ଲୁଟ୍ ହୋଇଥିବା ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।ତେଣୁ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ଦୀପକ। ଦୀପକ ବିଦେଶରେ ରହୁଥିବାରୁ ପୂର୍ବରୁ ମଧ ତାଙ୍କ ବିନା ଅନୁମତିରେ ନରେଶ ଜେନାଙ୍କ ପ୍ରରୋଚନାରେ ତାଙ୍କ ଜମିରୁ ମାଟି ଲୁଟ୍ ହୋଇଥିବା ସେ ଅଭିଯୋଗ କରିଛନ୍ତି।

## ଡଗରା ବେଳାଭୂମିର ହେବ ବିକାଶ

# ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୨ କୋଟି



ବାଲିଆପାଳ,୨୬।୫(ସଂଚାର ବ୍ୟୁରୋ): ଦୀର୍ଘ ଦିନର ଦାବି ପରେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଡଗରା ବେଳାଭୂମିର ବିକାଶ ଦିଗରେ ନୂତନ ଆଶା ପ୍ରତିଫଳିତ ହୋଇଛି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ୨କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଫଳରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ବାଲିଆପାଳ ଡଗରା ବେଳାଭୂମିର ବିକାଶ ପାଇଁ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଜିଲ୍ଲାପାଳଙ୍କ ସହିତ ବାଲିଆପାଳ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠୀ ବାଲିଆପାଳ ତହସିଲ ଓ ବ୍ଲକର ବହୁ କର୍ମଚାରୀ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଜଙ୍ଗଲ ବିଭାଗର ଅଧିକାରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଡଗରା ବେଳାଭୂମିର ଉନ୍ନତିକରଣ ପାଇଁ ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ତେବେ ଡଗରା ବେଳାଭୂମି ଦୀର୍ଘବର୍ଷ ପୂର୍ବରୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବିକାଶ ଶୂନ। ବିକାଶ କେବଳ ଗୋଟିଏ ଲାଇଟ ଖୁଣ୍ଟରେ ଅଟକିଛି। ନାଁ ଅଛି ବେଳାଭୂମିକୁ ଭଲ ରାସ୍ତା ନାଁ ଅଛି ପାନ୍ଥନିବାସ। ବେଳାଭୂମି ଅଞ୍ଚଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଜାନୁଆରୀ ୨୯ରେ ଅନୁଷ୍ଠିତ ବେଳାଭୂମି ମହୋତ୍ସବକୁ ଆସି ବେଳାଭୂମିର ବିକାଶ ପାଇଁ ମଞ୍ଜୁରୀ କରିଥିବା ୧କୋଟି ୬୮ଲକ୍ଷ ଟଙ୍କା କାର୍ଯ୍ୟ ହୋଇପାରିଲା ନାହିଁ ଓ ବର୍ଷ ବର୍ଷ ବିତିଲା ହେଲେ ସବୁବେଳେ ପୂର୍ବର ସରକାର ଜଙ୍ଗଲ ଜମି କହି ବେଳାଭୂମିର କୌଣସି ବିକାଶ କଲେ ନାହିଁ! ତେବେ ବେଳାଭୂମିର ବିକାଶ ପାଇଁ ବର୍ତ୍ତମାନର ସରକାର ପୁଣି ଆସିଥିବା ୨କୋଟି ଟଙ୍କାର କାର୍ଯ୍ୟ ହେଉଛି କି ପୁଣି ଜଙ୍ଗଲ ଜମି କହି କାର୍ଯ୍ୟ ଅଟକି ଯାଉଛି ତାହା ଦେଖିବାକୁ ବାକି ରହିଲା।

## ଗାଡି ଧକାରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ଆହତ

ତିର୍ତ୍ତୋଲ,୨୬।୫(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ଗତ ସପ୍ତାହରେ ଗାଡି ଧକ୍କାରେ ଗୁରୁତର ହୋଇଥିବା ଜଣାପଡ଼ିଛି। ବ୍ଲକ ରେ ସନ୍ଧ୍ୟାରେ କିଛି ଜରୁରୀ କାମ ପଡ଼ିବାରୁ ତାଙ୍କର ୪ ଚକିଆ ଯାନ ଅନ୍ୟ ଏକ ଘରୋଇ କାମରେ ଯାଇଥିବା ବେଳେ ଆସିବାକୁ ଲେଟ କରିବାରୁ ଅଧ୍ୟକ୍ଷ ଶ୍ରୀ ବେହେରା ତାଙ୍କର ଏକ ସହଯୋଗୀ ଙ୍କ ସହିତ ଦୁଇ ଚକିଆ ଯାନରେ ବ୍ଲକ ଆସୁଥିବା ବେଳେ ମଣିଜଙ୍ଗା ବଜାର ପାଖରେ ପଛରୁ ଆସୁଥିବା ଏକ ଦୃତ ଗାମୀ ଓଭର ଲୋଡ଼ ଗାଡି ପଛପଟୁ ଧକା ଦେଇଥିଲା।

ଫଳରେ ଅଧ୍ୟକ୍ଷ ଙ୍କ ସମେତ ତାଙ୍କ ସହଯୋଗୀ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା ରେ ନିକଟସ୍ଥ ମଣିଜଙ୍ଗା ଡାକ୍ତର ଖାନା କୁ ନେଇଥିଲେ। ତାଙ୍କ ହାତରେ ଗଭୀର ଆଘାତ ଲାଗିଥିବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ପରେ ପରେ ଏଭଳି ଖବର ଶୁଣି କଟକ ମେଡିକାଲ କଜୁଆଲିଟି ରେ ବହୁ ସମର୍ଥକ ଓ ନେତାଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଥିଲା। ପରେ ପରେ ଖବର ପାଇ ସ୍ଥାନୀୟ ଲୋକଙ୍କ ସମେତ ଜନ ପ୍ରତିନିଧି ମାନେ ତାଙ୍କ ବାସଭବନରେ ଭିଡ ଜମୁଥିବା ଦେଖିବାକୁ ମିଳିଛି।

# ଗ୍ରାମ୍ୟ ଉନ୍ନୟନ ରାସ୍ତା କାର୍ଯ୍ୟରେ ଅନିୟମିତତା



### ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

ବିଞ୍ଝାରପୁର,୨୬।୫(ସଂଚାର ବ୍ୟୁରୋ): ଗମନାଗମାନର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଙ୍କ ସହିତ ମୁନାଫାଖୋର ଠିକାଦାରଙ୍କ ଯୌଥ ଉଦ୍ୟୋଗ ଏବଂ ଲାଭଖୋର ନିତି ଯୋଗୁଁ ସରକାରୀ ରାଜସ୍ୱ ବାଟବରଣା ହେଉଥିବା ଅଭିଯୋଗ ହେଉଛି। ରାସ୍ତା କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ କରି ଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି ସାଧାରଣ ଲୋକେ। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ନନ୍ଦିପୁର ପାୟତ କାର୍ଯ୍ୟାଳୟଠାରୁ ବିତନା ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ରାସ୍ତା କାର୍ଯ୍ୟ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି। ବିନା ସୂଚନା ଫଳକରେ ରାସ୍ତା କାର୍ଯ୍ୟ ହେଉଥିବା ବେଳେ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ରାସ୍ତାର ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ସିମେଣ୍ଟ ବାଲି ଭାଗମାପ ଠିକ ରହୁନଥିବା ଅଭିଯୋଗ ମଧ୍ୟ ଆସିଛି। କେବଳ ସେତିକି ନୁହଁ ଫେବର ବ୍ଲକ ପକାଇବା ପାଇଁ ଦୁଇ ପାଶ୍ୱର୍ରେ ହୋଇଥବା ସାଇଟ ୱାଲ୍ ଫାଟି ଗଲାଣି। ଏଭଳି ହେବା ଦ୍ୱାରା ରାସ୍ତାର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନ ଉଠିଛି। ଏ ନେଇ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ଗୋ-ଚାଲାଣ ପଣ୍ଡ; ୩୨ଟି ଗୋରୁ ଉଦ୍ଧାର କଲେ ଯୁବକ

ଆନନ୍ଦପୁର,୨୬।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ମୋଚିନ୍ଦାରେ ଗୋରୁ ଉଦ୍ଧାର। ମୋଚିନ୍ଦା ଯୁବକ ସଂଘ ପକ୍ଷରୁ ୩୨ଟି ଗୋରୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି । ସୂଚନା ଅନୁଯାୟୀ, ଗୋଚାଲାଣକାରୀମାନେ ପ୍ରତିଦିନ ଶହ ଶହ ଗୋରୁ କେନ୍ଦୁଝର ଓ ମୟୂରଭଞ୍ଜ ବୋଡ଼ର ଶାଳଚୁଆ ପଞ୍ଚାୟତ ଦୁଢ଼ୀବାହାଳି ନିକଟରେ ପିକ୍ଏପ୍ ଭ୍ୟାନ୍ ଯୋଗେ ପଶ୍ଚିମବଙ୍ଗକୁ ରପ୍ତାନୀ ହେଉଛି । ଏହାକୁ ରୋକିବାକୁ ମୋଚିନ୍ଦା ଯୁବ ଗୋଷ୍ଠୀ ପକ୍ଷରୁ ସୋମବାର ରାତି ପ୍ରାୟ ସାଢ଼େ ୧୦ଟା ବେଳେ ଛକି ରହିଥିଲେ। ମାଫିଆମାନେ ଗୋରୁ ଗୁଡ଼ିକୁ ଚଲେଇ ଚଲେଇ ନେଉଥିବା ବେଳେ ୩୨ଟି ଗୋରୁକୁ ଉଦ୍ଧାର କରି ଆନନ୍ଦପୁର ଥାନାକୁ ଖବର ଦେଇଥିଲେ । ହେଲେ ମାଫିଆ ଓ ସେମାନଙ୍କ ସାଥିରେ ଥିବା ଲେବରମାନେ ସେଠାରୁ ଫେରାର୍ ହୋଇଯାଇଥିଲେ । ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁ ଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖିବା ସହ ସେମାନଙ୍କୁ ଭଦ୍ରକ ଗୋ-ଶାଳାକୁ ପଠାଯିବ ବୋଲି କହିଛନ୍ତି ।